

ଜାତୀୟ ବ୍ୟାଡ୍‌ମିଣ୍ଟନ୍ ସେମିରେ ତନ୍‌ଭୀ

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-159 ◆FRIDAY ◆5 DECEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୫୯ ◆ଶୁକ୍ରବାର ◆୫ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ଭାରତରେ ରୁଷ ରାଷ୍ଟ୍ରପତି ପୁତିନ

## ଆଜି ଦିଲ୍ଲୀ ଶିଖର ବୈଠକ



■ ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଦୁଇ ଦିନିଆ ଭାରତ ଗସ୍ତରେ ଆସି ଦିଲ୍ଲୀରେ ପହଞ୍ଚିଛନ୍ତି। ଆଜି ସନ୍ଧ୍ୟାରେ ତାଙ୍କ ବିମାନ ପାଲମ ବିମାନବନ୍ଦରରେ ଅବତରଣ କରିଥିବା ବେଳେ ସେଠାରେ ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରିଛନ୍ତି। ୟୁକ୍ରେନ ଯୁଦ୍ଧ ପରେ ଏହା ହେଉଛି ପୁତିନଙ୍କ ପ୍ରଥମ ଭାରତ ଗସ୍ତ। ପୁଣି ଏହି ଯୁଦ୍ଧକୁ ନେଇ ରୁଷ ଉପରେ ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ର କଟକଣା

### ସାମରିକ, ବାଣିଜ୍ୟ, ଶକ୍ତି ସହଯୋଗ ଉପରେ ହେବ ଆଲୋଚନା

ଲଗାଇଥିବାରୁ ତାଙ୍କର ଭାରତ ଗସ୍ତ ଉପରେ ସାରା ବିଶ୍ୱର ନଜର ରହିଛି।

ଆଜି ସନ୍ଧ୍ୟାରେ ପାଲମ ବିମାନବନ୍ଦରରେ ପୁତିନଙ୍କୁ ସ୍ୱାଗତ କରିଥିଲେ ପ୍ରଧାନମନ୍ତ୍ରୀ ମୋଦୀ। ଏହାପରେ ସେଠାରୁ ଗୋଟିଏ କାରରେ ବସି ବାହାରିଥିଲେ ଦୁଇ ନେତା। ପ୍ରଧାନମନ୍ତ୍ରୀ ମୋଦୀ ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ପୁତିନଙ୍କ ସମ୍ମାନରେ ନୈଶ ଭୋଜିର ଆୟୋଜନ କରିଛନ୍ତି। ୪ ବର୍ଷ ପରେ ପୁତିନ ଭାରତ ଆସିଛନ୍ତି ଏବଂ ସେ ୨୩ତମ ଭାରତ-ରୁଷ ବାର୍ଷିକ ଶୀର୍ଷ ସମ୍ମିଳନୀରେ ଭାଗ ନେବେ। ଚଳିତ ବର୍ଷ ଦୁଇ ନେତାଙ୍କ ମଧ୍ୟରେ ୫ ଥର ଫୋନରେ କଥାବାର୍ତ୍ତା ହୋଇଥିବା ବେଳେ ଗତ ସେପଟେମ୍ବର ପହିଲାରେ ଚୀନରେ ହୋଇଥିବା ଏସ୍‌ସିଓ ଶୀର୍ଷ ସମ୍ମିଳନୀରେ ସାକ୍ଷାତ ଆଲୋଚନା ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ଦିନ ୧୧ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରୁଷ ରାଷ୍ଟ୍ରପତି ପୁତିନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ଜଣାଇବେ। ସେଠାରୁ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ପୁତିନ। ଏହାପରେ ହାଇଦ୍ରାବାଦ ହାଉସରେ ଦୁଇ ଦେଶ ମଧ୍ୟରେ ଶିଖର ବୈଠକ ଅନୁଷ୍ଠିତ ହେବ। ଦୁଇ ଦେଶ ମଧ୍ୟରେ ସାମରିକ, ବାଣିଜ୍ୟ ଓ ଶକ୍ତି ସହଯୋଗ ନେଇ ଆଲୋଚନା ହେବ।

ଆଗାମୀ ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ଶହେ ବିଲିଅନ୍ ଡଲାର୍‌ର ବାଣିଜ୍ୟିକ କାରବାରର ପାଇଁ ଆଲୋଚନାରେ ଖସଡ଼ା ପ୍ରସ୍ତୁତ ହେବ। ଏହାଛଡ଼ା ଭାରତକୁ ଏସୟୁ-୫୭ ଯୁଦ୍ଧ ବିମାନ ଓ ଏସ୍ ୪୦୦/୫୦୦ ଏୟାର୍ ଡିଫେନ୍ସ ସିଷ୍ଟମ୍ ଯୋଗାଣ ଓ ଆଣବିକ ଶକ୍ତି ସମ୍ପର୍କିତ ଆଲୋଚନା ହେବ। ଆସନ୍ତାକାଲି ରାତି ୯ଟାରେ ପୁତିନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ।

# ବିଧାନସଭାରେ ଗାନ୍ଧୀଙ୍କ ପ୍ରତି ଅପଶବ୍ଦ

**ତାତିଲେ ବିରୋଧୀ** ଗୃହରେ ହୋହଲ୍ଲା, ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି-କଂଗ୍ରେସ ସଭ୍ୟଙ୍କ ମୌନ ଧାରଣା



### ଇତିହାସକୁ ବିକଳାଙ୍ଗ କରିବାକୁ ଚେଷ୍ଟା କଲେ କ୍ଷମା ନାହିଁ: ବିଜେଡି

### ପଦାରେ ପଡ଼ିଛି ବିଜେପିର ଅସଲ ମାନସିକତା: କଂଗ୍ରେସ

### ବିଧାୟକ ମନ୍ତବ୍ୟକୁ ସରକାର ନାପସନ୍ଦ କରୁଛନ୍ତି: ମନ୍ତ୍ରୀ

■ ଭୁବନେଶ୍ୱର, ୪।୧୨ (ସମିସ): ବିଧାନସଭାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶାସକ ଦଳ ବିଧାୟକ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟ ସାରା ରାଜ୍ୟରେ ନିଆଁ ଲଗାଇ ଦେଇଛି। ବିରୋଧୀ ବିଜେଡି ଓ କଂଗ୍ରେସ ବିଜେପି ବିଧାୟକଙ୍କ ମନ୍ତବ୍ୟକୁ ତୀବ୍ର ବିରୋଧ କରିଛନ୍ତି। ବିଧାନସଭା ଓ ବାହାରେ ଉଭୟ ବିରୋଧୀ ସରକାର ଏବଂ ବିଜେପି ଉପରେ ପ୍ରଚଣ୍ଡ ବର୍ଷିଛନ୍ତି। ଇତିହାସକୁ କଦର୍ଥ କରାଗଲେ ଆଦୌ ବରଦାସ୍ତ କରାଯିବନି ବୋଲି ବୋଲି ବିଜେଡି ଚେତାବନୀ ଦେଇଥିବାବେଳେ କଂଗ୍ରେସ ମଧ୍ୟ ଏହାକୁ କଟୁ ଶବ୍ଦରେ ନିନ୍ଦା କରିଛି। ବିଜେପିର ଅସଲ ମାନସିକତା ପଦାରେ ପଡ଼ିଛି ବୋଲି କଂଗ୍ରେସ କହିଛି।

ଗୃହ ଏବଂ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ବିଜେପି ବିଧାୟକ ସନ୍ତୋଷ ଖଟୁଆ ମହାତ୍ମା ଗାନ୍ଧୀଙ୍କ ପ୍ରତି କିଛି ଅପଶବ୍ଦ ପ୍ରୟୋଗ କରିଥିଲେ। ଯାହାକୁ ତୁରନ୍ତ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ତୀବ୍ର ବିରୋଧ କରିଥିଲେ। ଏହି ମନ୍ତବ୍ୟକୁ ଗୃହ ବିବରଣୀରୁ ବାଦ ଦେବା ପାଇଁ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ଦାବି କରିବା ସହ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ଆଗରେ ହୋହଲ୍ଲା କରିଥିଲେ। ବାଚସ୍ପତି ବାରମ୍ବାର ଅନୁରୋଧ ପରେ ଉଭୟ ବିରୋଧୀ ନିଜ ଜିଦ୍‌ରେ ଅଟଳ ରହିବା ପରେ ଏହି ମନ୍ତବ୍ୟକୁ ଗୃହ ବିବରଣୀରୁ ବାଦ୍ ଦେବା ପାଇଁ ନିର୍ଦ୍ଦେଶ ସେ ଦେଇଥିଲେ। ଏହା ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ବିଧାୟକଙ୍କ ନିଜ ମନ୍ତବ୍ୟ ପାଇଁ ସେ କ୍ଷମା ମାଗନ୍ତୁ ବୋଲି ଦାବି କରି ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ମୌନ ଧାରଣା ଦେଇଥିଲେ। ▸ପୃଷ୍ଠା-୭

## ହଟିବ ସବୁ ଟୋଲ୍ ଗେଟ୍

■ ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ଆସନ୍ତା ବର୍ଷ ମଧ୍ୟରେ ଦେଶର ଜାତୀୟ ରାଜପଥଗୁଡ଼ିକରେ ରହିଥିବା ସମସ୍ତ ଟୋଲ୍ ଗେଟ୍ ହଟିବ। ରାଜପଥରେ ପ୍ରଚଳିତ ବର୍ତ୍ତମାନର ଟୋଲ୍ ଆଦାୟ ବ୍ୟବସ୍ଥା ଉଚ୍ଛେଦ ହେବ। ଏହାକୁ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍, ପ୍ରତିବନ୍ଧକ-ମୁକ୍ତ ଟୋଲ୍ ବ୍ୟବସ୍ଥା ଦ୍ୱାରା ବଦଳାଯିବ ବୋଲି ଗୁରୁବାର ଲୋକସଭାରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନୂତନ ବ୍ୟବସ୍ଥା ୧୦ଟି ସ୍ଥାନରେ ପାଇଲଟ୍ ଭିତ୍ତିରେ ଆରମ୍ଭ କରାଯାଇଛି। ଆଉ ଏକ ବର୍ଷ ମଧ୍ୟରେ ଏହାକୁ ଦେଶବ୍ୟାପୀ କାର୍ଯ୍ୟକାରୀ କରିବା ଲକ୍ଷ୍ୟ ରହିଛି। ପୂର୍ବରୁ, ଯାନବାହାନଗୁଡ଼ିକୁ ଟୋଲ୍ ପ୍ଲାଜାରେ ଅଟକି ନଗଦ କିମ୍ବା କାର୍ଡ ସହିତ ଦେୟ ଦେବାକୁ ପଡୁଥିଲା। ଫାସ୍‌ଟ୍ୟାଗ୍ ପ୍ରଚଳନ ଦ୍ୱାରା ଟୋଲ୍ ପ୍ଲାଜାରେ ଯାନବାହାନ ରହିବା ସମୟ ହ୍ରାସ ପାଇଛି। ବର୍ତ୍ତମାନ, ପରବର୍ତ୍ତୀ ପଦକ୍ଷେପ ହେଉଛି ହାଇ-ଟେକ୍, ପ୍ରତିବନ୍ଧକ-ମୁକ୍ତ ଟୋଲ୍ ▸ପୃଷ୍ଠା-୭

**ତୃତୀୟ ଦିନ ଧରି ଇଣ୍ଡିଗୋ ବିଭ୍ରାଟ**

## ଆଉ ୩୦୦ ବିମାନ ବାତିଲ





### ବିମାନବନ୍ଦରରେ ଯାତ୍ରୀ ଅଣନିଶ୍ୱାସୀ

■ ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ପାଇଲଟ ଏବଂ ବିମାନ କର୍ମଚାରୀଙ୍କ ଅଭାବ ଯୋଗୁଁ ଆଜି ତୃତୀୟ ଦିନ ଧରି ଇଣ୍ଡିଗୋ ବିମାନ ସେବା ଗୁରୁତର ଭାବେ ବଧାପ୍ରାପ୍ତ ହୋଇଛି। ଦେଶର ସବୁଠାରୁ ବଡ଼ ବିମାନ ସେବା ଯୋଗାଣକାରୀ ଇଣ୍ଡିଗୋ ଆଜି ୩୦୦ ବିମାନ ବାତିଲ କରିଛି। ଏଥିରେ ଉଭୟ ଦେଶ ଓ ଆନ୍ତର୍ଜାତିକ ବିମାନ ସେବା ସାମିଲ ରହିଛି। ଫଳରେ ଦେଶବ୍ୟାପୀ ପ୍ରାୟ ସମସ୍ତ ବିମାନ ବନ୍ଦରରେ ଯାତ୍ରୀ ଭୀଷଣ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଦିଲ୍ଲୀ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ସମେତ ବଡ଼ ବଡ଼ ବିମାନ ବନ୍ଦରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଶତାଧିକ ବିମାନ ସେବା ବିଳମ୍ବିତ ହୋଇଥିବା ବେଳେ ୩୦୦ ବିମାନ ବାତିଲ ଯୋଗୁଁ ହଜାର ହଜାର ଯାତ୍ରୀ ଅଣନିଶ୍ୱାସୀ ହୋଇପଡ଼ିଛନ୍ତି। ଏହି ଅସୁବିଧା ପାଇଁ ଇଣ୍ଡିଗୋ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିଛନ୍ତି। କିନ୍ତୁ ସ୍ଥିତି ସୁଧାରିବା ଲାଗି ଆଉ କେତେ ସମୟ ଲାଗିବ, ତାହା ସ୍ପଷ୍ଟ କରୁନାହାନ୍ତି। ବେସାମରିକ ବିମାନ ଚଳାଚଳ ସେବା ନିୟନ୍ତ୍ରଣ କରୁଥିବା ଡିଜିସିଏ ଆଜି ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କ ▸ପୃଷ୍ଠା-୭

## ମହିଳା ନିଶା ବେପାରୀଙ୍କ ଘରେ ବୁଲିଲା ବୁଲ୍‌ଡୋଜର୍



■ ପୁରୀ, ୪।୧୨ (ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ ଚକ୍ର' ଜାରି ରହିଛି। ବିଶେଷକରି ବ୍ରାଉନସୁଗର, ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏହି କାରବାରରେ ସମ୍ପୃକ୍ତ, ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋରଦାର କରାଯାଉଛି। ଏହି କ୍ରମରେ ଗୁରୁବାର ମହିଳା ନିଶା ବେପାରୀ ସୁକାନ୍ତି ପଣ୍ଡାଙ୍କ ଘରେ ବୁଲିଛି ବୁଲ୍‌ଡୋଜର। ମାଟିରେ ମିଶିଛି ଗୋଟିଏ ଦୋକାନ ଓ ୪ଟି ଘର। ଭୁବନେଶ୍ୱର ପରେ ପୁରୀରେ ପ୍ରଥମଥର ପାଇଁ ପୁଲିସ ଏପରି ବଡ଼ ପଦକ୍ଷେପ ନେଇଛି। କିଛି ଦିନ ତଳେ ସୁକାନ୍ତିଙ୍କ ▸ପୃଷ୍ଠା-୭

## ହୀରାକୁଦର ଜଳଧାରଣ କ୍ଷମତା ୨୭% ହ୍ରାସ

■ ଭୁବନେଶ୍ୱର, ୪।୧୨ (ସମିସ): ହୀରାକୁଦରେ ବାଲି, ମାଟି ଓ ପଟୁ ଜମିବା କାରଣରୁ ବନ୍ଧର ଜଳଧାରଣ କ୍ଷମତା କମୁଛି। ଜଳଧାରଣା କ୍ଷମତା ପ୍ରାୟ ୨୫.୫୭ ପ୍ରତିଶତ ହ୍ରାସ ପାଇଥିବା ବେଳେ ସ୍ପିଲ ୱେ ଗୁଡ଼ିକ ଖରାପ ହୋଇଗଲାଣି। ଯାହା ରାଜ୍ୟ ପାଇଁ ମହାବିପଦ ଡାକିଆଣିବାର ଆଶଙ୍କା ସୃଷ୍ଟି କରିଛି। ଗୁରୁବାର ଶୂନ୍ୟକାଳରେ ଏ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ଏହାସହ ହୀରାକୁଦ ବନ୍ଧ କୂଳରେ ରାଜ୍ୟ ସରକାର ହୋଟେଲ ଖୋଲିବାକୁ ବଡ଼ ବଡ଼ କମ୍ପାନୀକୁ ଜମି ଦେଉଥିବା ବେଳେ ଏହାକୁ ମଧ୍ୟ ଶ୍ରୀ ଆଚାର୍ଯ୍ୟ ନାପସନ୍ଦ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ ହୀରାକୁଦର ଜଳଧାରଣା କ୍ଷମତାକୁ ନେଇ ଶ୍ରୀ ଆଚାର୍ଯ୍ୟଙ୍କ ସହ ସ୍ୱର ମିଳାଉଥିବାର ଦେଖିବାକୁ ମିଳିଛି।

ଗୁରବାର ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ହୀରାକୁଦ ବନ୍ଧ ଏସିଆର ଦୀର୍ଘତମ ମାଟି ବନ୍ଧ। ୧୯୫୭ ମସିହାରେ ଡ୍ୟାମ ନିର୍ମାଣ ହୋଇଥିବା ବେଳେ ବନ୍ୟା ନିୟନ୍ତ୍ରଣ, ଜଳସେଚନ ଏବଂ ବିଦ୍ୟୁତ୍ ଉତ୍ପାଦନ ଏହାର ବହୁମୁଖୀ ଲକ୍ଷ୍ୟ ଥିଲା। ନିର୍ମାଣ ବେଳେ ଏହି ଜଳଭଣ୍ଡାରର ଜୀବନ କାଳ ୧୦୦ ବର୍ଷ

### ▸▸ ବଡ଼ ଅଘଟଣ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ: ପ୍ରସନ୍ନ

### ▸▸ ସ୍ୱୀକାର କଲେ ସରକାର: ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଓ ସ୍ପର୍ଶକାତର



ଧାର୍ଯ୍ୟ କରାଯାଇଛି। ଆସନ୍ତା ୨୦୫୭ରେ ୧୦୦ ବର୍ଷ ପୂରିବାକୁ ଥିବାବେଳେ ଏବେଠାରୁ ହୀରାକୁଦର ଜଳଧାରଣ କ୍ଷମତା ପ୍ରାୟ ୨୭ ପ୍ରତିଶତ କମିଗଲାଣି। ବାଲି, ମାଟି ଓ ପଟୁ ଜମିବା କାରଣରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ପୂର୍ବରୁ ଏହାକୁ ସଫା କରିବା ପାଇଁ ମାତ୍ର ଥରେ ଉଦ୍ୟମ ହୋଇଥିଲା। ତାହା ଫେଲ ମାରିବା ପରେ ସେବେଠାରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିପରି ହୀରାକୁଦ ବନ୍ଧରେ ଆବଶ୍ୟକୀୟ ବୈଷୟିକ ଏବଂ ଅଣ ବୈଷୟିକ କର୍ମଚାରୀର ଘୋର ଅଭାବ ରହିଛି। ବନ୍ଧର ସ୍ପିଲ ୱେ ମଧ୍ୟ ଖରାପ ହୋଇଗଲାଣି। ଯାହା ବନ୍ଧ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରୁଛି। ଏହା ଆଗକୁ ଘୋର ବିପଦ ଡାକିଆଣିବାର ଆଶଙ୍କା ▸ପୃଷ୍ଠା-୭

### ମହାନଦୀ ଜଳ ବିବାଦ ମାମଲା

## ଆଜି ବୈଷୟିକ କମିଟି ବୈଠକ, ୨୦ରେ ଟ୍ରିବ୍ୟୁନାଲରେ ଶୁଣାଣି

■ ଭୁବନେଶ୍ୱର, ୪।୧୨ (ସମିସ): ମହାନଦୀ ଜଳ ବିବାଦ ମାମଲାର ସମାଧାନ ପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଉଦ୍ୟମ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ଉଭୟ ରାଜ୍ୟକୁ ନେଇ ଗଠିତ ଯୁଗ୍ମ ବୈଷୟିକ କମିଟିର ୬ଟି ବୈଠକ ଅନୁଷ୍ଠିତ ହୋଇସାରିଛି। ଆସନ୍ତାକାଲି ଏହାର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ଆଜି ପ୍ରଶ୍ନକାଳରେ ଅତିରିକ୍ତ ପ୍ରଶ୍ନକର୍ତ୍ତା ଦୁର୍ଗାପ୍ରସନ୍ନ ନାୟକ ମହାନଦୀ ଜଳବିବାଦ ମାମଲାରେ ସମାଧାନ ପାଇଁ ରାଜ୍ୟ ସରକାର କି' ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଏହାର ସ୍ଥିତାବସ୍ଥା ସଂପର୍କରେ ପ୍ରଶ୍ନ କରିଥିଲେ। ଉତ୍ତରରେ ଡ. ମହାଲିଙ୍ଗ କହିଥିଲେ ଯେ ଟ୍ରିବ୍ୟୁନାଲରେ ଏବେ ମହାନଦୀ ବିବାଦ ମାମଲା ବିଚାରାଧୀନ ରହିଛି। ଆପୋଷ ସମାଧାନ ପାଇଁ ଉଭୟ ରାଜ୍ୟ ଏବେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ▸ପୃଷ୍ଠା-୭

# ସଂରକ୍ଷଣ ସଂକଳ୍ପ ଦାବିରେ ଗୃହ ଅଚଳ

■ ଭୁବନେଶ୍ୱର,୪।୧୨ (ସମିସ): ଚଳିତ ଶୀତ ଅଧିବେଶନ ଆରମ୍ଭରୁ ସୁରୁଖୁରୁରେ ଚାଲିଆସିଥିବା ବେଳେ ଗୁରୁବାର କଂଗ୍ରେସ ପ୍ରଶ୍ନକାଳରେ ଗୃହ ଅଚଳ କରିଛି। ବୁଧବାର ବେସରକାରୀ କାର୍ଯ୍ୟ ଦିବସରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍‌ଙ୍କୁ ସଂକଳ୍ପ ଉପସ୍ଥାପନ କରିବା ପାଇଁ ସୁଯୋଗ ଦିଆ ନ ଯିବା ପ୍ରତିବାଦରେ ବିଧାୟକମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଫଳରେ ପ୍ରଶ୍ନକାଶ ସ୍ୱାଭାବିକ ଭାବେ ଚାଲିପାରି ନ ଥିଲା। ଶୂନ୍ୟକାଳରେ କଂଗ୍ରେସ ବିଧାୟକମାନେ ସଂକଳ୍ପ ଆଲୋଚନା ପାଇଁ ନିର୍ଦ୍ଧାରିତ ତାରିଖ ଦାବିରେ ଅଡ଼ି ବସିଥିଲେ। ଆସନ୍ତା ୧୨ ତାରିଖରେ ସଂକଳ୍ପ ଆଲୋଚନା ହେବା ନେଇ ବାଚସ୍ପତି ଘୋଷଣା କରିବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ଗୁରୁବାର ପ୍ରଶ୍ନକାଳ ଆରମ୍ଭରୁ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟ ଭାଗକୁ ଆସି ସ୍ଲୋଗାନ ଦେଇଥିଲେ। ଅପରାହ୍ନରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ରାଜ୍ୟରେ ଓବିସି, ଏସ୍‌ସିବିସି ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ସଂଖ୍ୟାନୁପାତିକ ଆଧାରରେ ସମସ୍ତ ପ୍ରକାର ଉଚ୍ଚଶିକ୍ଷା (ବୈଷୟିକ/ମେଡିକାଲ/ ବୃତ୍ତିଗତ) ଏବଂ ସରକାରୀ



**■ ପ୍ରଶ୍ନକାଳ ଅଚଳ, ଶୂନ୍ୟକାଳ ବାଧାପ୍ରାପ୍ତ**
**■ ବାଚସ୍ପତିଙ୍କ ରୁଲିଂ ପରେ ଗୃହ ସ୍ୱାଭାବିକ**

ନିଯୁକ୍ତିରେ ସଂରକ୍ଷଣ ସମ୍ପର୍କିତ ସଂକଳ୍ପ ଉପସ୍ଥାପନ ଓ ଆଲୋଚନା ପାଇଁ ଅନୁମତି ମାଗିଥିଲେ। କିନ୍ତୁ ତାଙ୍କୁ ଏହି ସୁଯୋଗ ଦିଆ ନ ଯିବାରୁ ପ୍ରତିବାଦରେ କଂଗ୍ରେସ ବିଧାୟକମାନେ ନାରାବାଜି କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୦ଟା ୪୭ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ଶୂନ୍ୟକାଳରେ ମଧ କଂଗ୍ରେସ ବିଧାୟକଗଣ ସମାନ ପ୍ରସଙ୍ଗ ଉତ୍ଥାପନ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡ଼ାମ୍ କହିଥିଲେ ଯେ ରାଜ୍ୟରେ ୪୦ ପ୍ରତିଶତ ଏସ୍‌ସି/ଏସ୍‌ଟି ଏବଂ ୫୪ ପ୍ରତିଶତ ପଛୁଆ ବର୍ଗ ଅଛନ୍ତି। ମାତ୍ର ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ଏସ୍‌ସି/ଏସ୍‌ଟିଙ୍କୁ ୨୦ ପ୍ରତିଶତ ସଂରକ୍ଷଣ ମିଳୁଥିବା ବେଳେ ପଛୁଆ ବର୍ଗଙ୍କୁ ଆଦୌ ସଂରକ୍ଷଣ ଦିଆଯାଇ ନାହିଁ। ସରକାର ସବୁବେଳେ ୫୦ ପ୍ରତିଶତ ସୀମାର ବାହାନା ନେଉଛନ୍ତି। ମାତ୍ର ତାମିଲନାଡୁ ସରକାର ନିଜ ବିଧାନସଭାରେ ୬୯ ପ୍ରତିଶତ ସଂରକ୍ଷଣ ସଂକଳ୍ପ ପାରିତ କରି କେନ୍ଦ୍ରକୁ ପଠାଇଥିଲେ। କେନ୍ଦ୍ର ସରକାର ଏହାକୁ ଅନୁମୋଦନ ଦେବା ପରେ ଏହା ସମ୍ବିଧାନର ନବମ ଅନୁଛେଦରେ ସାମିଲ ହୋଇସାରିଛି। ତେଣୁ ଏଥିରେ ଆଉ ଆଇନଗତ ସମସ୍ୟା ନାହିଁ। ସମାନ ଭାବେ ଓଡ଼ିଶା ବିଧାନସଭା ଏପରି ସଂକଳ୍ପ ପାରିତ କରିବାର ଆବଶ୍ୟକତା ଅଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଏସ୍‌ସି/ଏସ୍‌ଟିଙ୍କୁ ୪୦ ପ୍ରତିଶତ ଓ ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ଦିଆଯାଉ ବୋଲି ସେ ଦାବି କରିଥିଲେ।

ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରୁଲ୍ ୨୫ ନିୟମକୁ ଉଦ୍ଧାର କରି ବାଚସ୍ପତି ଏନେଇ ଏକ ସ୍ପଷ୍ଟ ନିର୍ଦ୍ଦେଶ ଦେବାକୁ କହିଥିଲେ। ଏହାପରେ ବାଚସ୍ପତି ୩ଟି ପର୍ଯ୍ୟାୟରେ ଗୃହକୁ ୨୪ ମିନିଟ ପାଇଁ ମୁଲତବୀ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ଆଣିଥିବା ସଂକଳ୍ପ ଉପରେ ଆସନ୍ତା ୧୨ ତାରିଖ ଦିନ ଆଲୋଚନା ହେବ ବୋଲି ବାଚସ୍ପତି ଘୋଷଣା କରିବା ପରେ ଗୃହ ସ୍ୱାଭାବିକ ହୋଇଥିଲା।

## କଳିଙ୍ଗା ଘାଟିରେ ଲାଗିଲା ସେନ୍ସର୍

**ଚାଳକକୁ କରିବ ସତର୍କ; କମିବ ଦୁର୍ଘଟଣା**

■ ଜି.ଉଦୟଗିରି, ୪।୧୨ (ସମିସ): ଏଣିକି କଳିଙ୍ଗା ଘାଟିରେ ଗାଡ଼ି ଚାଳକଙ୍କୁ ସତର୍କ କରିବ ସେନ୍ସର୍। କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତର କଳିଙ୍ଗା ଘାଟିରେ ପ୍ରଥମଥର ପାଇଁ ଭୁବନେଶ୍ୱର ଆଇଆଇଟି ପକ୍ଷରୁ ଓଡ଼ିଶାର ପ୍ରଥମ ଘାଟି ଭାବେ କଳିଙ୍ଗା ଘାଟିକୁ ନେଇ ପରୀକ୍ଷାମୂଳକ ଭାବରେ 'ଭେଇକଲ ସେନ୍ସର୍ ଆଲର୍ଟ ମେସିନ' ଲଗାଯାଉଥିବା ଜଣାଯାଇଛି। ଏହା ସୌର ଚାଳିତ। ନିଜେ ପରିଚାଳିତ ହେବା ସହିତ ସେନ୍ସର ଓ କ୍ୟାମେରା ଦ୍ୱାରା ଗାଡ଼ି ଚାଳକଙ୍କୁ ସତର୍କ ସୂଚନା ଦେବ। ଏହା ଦୁଇଟି ପାର୍ଶ୍ୱରେ ଲାଗିବ। ଏହାଦ୍ୱାରା ଗୋଟିଏ ପାର୍ଶ୍ୱରେ ଗାଡ଼ି ଆସିଲେ ଅନ୍ୟପାର୍ଶ୍ୱରେ ନାଲିବତି ଜଳିବା ସହ ହର୍ଣ୍ଣ ବାଜିବ। ଫଳରେ ଅନ୍ୟପାର୍ଶ୍ୱରେ



ଆସୁଥିବା ଗାଡ଼ି ଚାଳକ ଏହାର ସୂଚନା ପାଇପାରିବେ ଏବଂ ଆଗୁଆ ସତର୍କ ହୋଇଯିବେ। ଏହି ଅବସରରେ ପରିବହନ ବିଭାଗ ଅଧିକାରୀ ଶିବାନୀ ▸ପୃଷ୍ଠା-୭

# ବିଏଲ୍‌ଓ ମୃତ୍ୟୁକୁ ନେଇ ବର୍ଷିଲେ ସୁପ୍ରିମକୋର୍ଟ

## ସରକାରୀ କର୍ମଚାରୀଙ୍କୁ ମଧ୍ୟ ଏସ୍‌ଆଇଆର୍ କାର୍ଯ୍ୟରେ ଲଗାଅ



ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାରେ ବୁଥ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କାର୍ଯ୍ୟ ଭାର କମାଇବା ପାଇଁ ଯଦି ଆବଶ୍ୟକ ହୁଏ ଅଧିକ ସଂଖ୍ୟକ କର୍ମଚାରୀଙ୍କୁ ନିୟୋଜିତ କରିବାକୁ କୋର୍ଟ ରାଜ୍ୟ ସରକାରଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ରାଜ୍ୟ ସରକାର କିମ୍ବା ରାଜ୍ୟ ନିର୍ବାଚନ କମିସନଙ୍କ ତରଫରୁ ନିଯୁକ୍ତ କର୍ମଚାରୀଙ୍କୁ ଏସ୍‌ଆଇଆର କାର୍ଯ୍ୟ କରିବାକୁ ହେବ। ଯଦି କୌଣସି କର୍ମଚାରୀଙ୍କୁ ଛୁଟିର ନିହାତି ଆବଶ୍ୟକତା ରହିଛି ତେବେ, ରାଜ୍ୟ ସରକାର ତାଙ୍କ ଆବେଦନକୁ ବିଚାର କରିବା ସହ ତାଙ୍କ ସ୍ଥାନରେ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦେଇପାରିବେ।

ପଶ୍ଚିମବଙ୍ଗ, ତାମିଲନାଡୁ ଓ ଅନ୍ୟ ରାଜ୍ୟଗୁଡିକ ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ କରି ଆବେଦନ କରିଥିଲେ। ଏହାର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କ ଖଣ୍ଡପୀଠ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ କର୍ମଚାରୀ ଏସ୍‌ଆଇଆର୍ ସମେତ ଅନ୍ୟ ବୈଧାନିକ କାର୍ଯ୍ୟ କରିବାକୁ ବାଧ୍ୟ। ସେହିପରି ନିର୍ବାଚନ କମିସନଙ୍କ ପାଇଁ କର୍ମଚାରୀ ଉପଲବ୍ଧ କରାଇବା ମଧ୍ୟ ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ। ଯଦି ଏସ୍‌ଆଇଆର କାର୍ଯ୍ୟ ପାଇଁ ବୁଥ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଙ୍କ ଉପରେ କାର୍ଯ୍ୟଭାର ଅତ୍ୟଧିକ ଥାଏ, ତେବେ ସରକାରଙ୍କ ଅନ୍ୟ କର୍ମଚାରୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇପାରିବ। ଏହା ଦ୍ୱାରା ବିଏଲ୍‌ଓଙ୍କ ଉପରେ କାର୍ଯ୍ୟ ନେଇ ଚାପ କମ୍ ହେବ।

**୭ଟି ରାଜ୍ୟରେ ୨୯ ଜଣ ବିଏଲ୍‌ଓ ମୃତ୍ୟୁବରଣ କରିଛନ୍ତି**

ଉଲ୍ଲେଖଥାଉ କି, ଏସ୍‌ଆଇଆର୍ ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ୭ଟି ରାଜ୍ୟରେ ଏପର୍ଯ୍ୟନ୍ତ ୨୯ ଜଣ ବିଏଲ୍‌ଓଙ୍କ ମୃତ୍ୟୁ ହୋଇଛି। ମଧ୍ୟପ୍ରଦେଶରେ ୯, ଉତ୍ତରପ୍ରଦେଶରେ ୮, ଗୁଜରାଟରେ ୪, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ୩ ଲେଖାଏ ଏବଂ କେରଳ ଓ ତାମିଲନାଡୁରେ ଜଣେ ଲେଖାଏ ବିଏଲ୍‌ଓ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି। ନଭେମ୍ବର ୩୦ରେ ନିର୍ବାଚନ କମିସନ ଏସ୍‌ଆଇଆରର ଶେଷ ତାରିଖକୁ ୭ ଦିନ ବୃଦ୍ଧି କରିଥିଲେ। ଏହାପରେ ଡିସେମ୍ବର ୨ରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ, ତାମିଲନାଡୁ ଓ ଅନ୍ୟ ରାଜ୍ୟରେ ଏସ୍‌ଆଇଆର୍‌କୁ ନେଇ ହୋଇଥିବା ଆବେଦନର ଶୁଣାଣି କରିଥିଲେ। କେରଳରେ ନଗର ନିଗମ ନିର୍ବାଚନ ଚାଲୁ ରହିବା କାରଣରୁ ଏସ୍‌ଆଇଆର୍ ଫର୍ମ ଜମା କରିବା ସମୟସୀମା ବଢ଼ାଇବାକୁ କୋର୍ଟ ନିର୍ବାଚନ କମିସନକୁ କହିଥିଲେ। ଏବେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍‌ଆଇଆର ପ୍ରକ୍ରିୟା ଚାଲୁ ରହିଛି। ୫୧ କୋଟି ଭୋଟରଙ୍କ ପାଇଁ ଜାରି କରାଯାଇଥିବା ଫର୍ମ ୯୯.୫ ପ୍ରତିଶତ ଲୋକଙ୍କ ନିକଟରେ ପହଞ୍ଚାଯାଇଛି। ଏଥିମଧ୍ୟରୁ ୭୯ ପ୍ରତିଶତ ଫର୍ମକୁ ଡିଜିଟାଲ ରୂପ ଦିଆଯାଇସାରିଛି। ଅର୍ଥାତ ଘର ଘର ବୁଲି ବିଏଲ୍‌ଓ ଯେଉଁ ଫର୍ମ ଦେଉଛନ୍ତି, ସେଥିରେ ଲେଖା ହୋଇଥିବା ନାମ, ଠିକଣା ଓ ଅନ୍ୟ ବିବରଣୀକୁ ଅନ୍‌ଲାଇନ୍ ସିଷ୍ଟମରେ ଅପଲୋଡ କରାଯାଇଛି। ଏସ୍‌ଆଇଆର୍ ପ୍ରକ୍ରିୟା ଚାଲୁଥିବା ରାଜ୍ୟଗୁଡିକରେ ଆଗକୁ ନିର୍ବାଚନ ହେବ। ଏହିକ୍ରମରେ ୨୦୨୬ରେ ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ ଓ ପୁଡୁଚେରୀରେ ନିର୍ବାଚନ ହେବ। ସେହିପରି ୨୦୨୭ରେ ଗୋଆ, ଗୁଜରାଟ ଓ ଉତ୍ତରପ୍ରଦେଶରେ ଏବଂ ୨୦୨୮ରେ ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ନିର୍ବାଚନ ଆୟୋଜନ ହେବ।

# ପୁତିନଙ୍କ ପାଇଁ ଭାରତ ଉପରେ ସାରା ବିଶ୍ୱର ନଜର

## ପୁତିନ୍‌ଙ୍କ ଶାରୀରିକ ଭାଷାକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ (ସମିସ): କୁଟନୀତିରେ ଶବ୍ଦ ଗୁରୁତ୍ୱପୂର୍ଣ୍ଣ, ମାତ୍ର ରାଜନୀତିରେ ଚିତ୍ର ଲେଖିଥାଏ ଇତିହାସ। ରୁଷ ରାଷ୍ଟ୍ରପତି ଭ୍ଲାଡ଼ିମିର ପୁତିନ୍‌ଙ୍କ ବିମାନ ଗୁରୁବାର ସନ୍ଧ୍ୟାରେ ନୂଆଦିଲ୍ଲୀର ପାଲାମ ବିମାନବନ୍ଦରରେ ଅବତରଣ ସମୟରେ ଭାରତ ଉପରେ ଥିଲା ସାରା ବିଶ୍ୱର ନଜର। ରନୱେରେ ଅଟକିବା ପରେ ସବୁ କ୍ୟାମେରାର ଲେନ୍ସ ବିମାନର ଦ୍ୱାର ଉପରେ ନିବଦ୍ଧ ହୋଇଥିଲା । ଯେତେବେଳେ ବିମାନର ଦ୍ୱାର ଖୋଲି ପୁତିନ୍ ବାହାରକୁ ଆସିଲେ, ସେତେବେଳେ ତାଙ୍କ ଶାରୀରିକ ଭାଷା ଭାରତ ବିରୋଧୀଙ୍କୁ ତଟସ୍ଥ କରି ଦେଇଥିଲା। ଆମେରିକା ସହ ଭାରତର ବାଣିଜ୍ୟିକ ଉତ୍ତେଜନା, ୟୁରୋପୀୟ ଦେଶ ସହ ସମ୍ପର୍କ, ଭାରତ ବିରୋଧରେ ପଡ଼ୋଶୀ ଦେଶଗୁଡ଼ିକର ନକରାତ୍ମକ ଏଜେଣ୍ଡା ଯେମିତି ସେହି ମୁହୂର୍ତ୍ତରେ ନିରର୍ଥକ ଜଣାପଡୁଥିଲା। ପୁତିନ୍ ବିମାନର ସିଢ଼ିରେ ଓହ୍ଲାଇବା ସମୟରେ ତାଙ୍କ ମୁହଁରେ ନ ଥିଲା ଯୁଦ୍ଧ ଉତ୍ତେଜନା ବା ଆନ୍ତର୍ଜାତୀୟ ଚାପର କୁଞ୍ଚନ । ତାଙ୍କ ମୁହଁର ହସ୍ ସୂଚାଇ ଦେଉଥିଲା ଯେ ସେ ଯେପରି କୌଣସି ବିଦେଶ ଗସ୍ତରେ ଆସି ନାହାନ୍ତି, ବିଶ୍ୱସ୍ତ ବନ୍ଧୁଙ୍କ ପରିବାରରେ ଅଛନ୍ତି ।

ପୁତିନ୍‌ଙ୍କୁ ୟୁରୋପୀୟ ଦେଶଗୁଡ଼ିକ "ଆଇସ୍ ମ୍ୟାନ' ବା କଠୋର ନେତା ଭାବରେ ଅଭିହିତ କରିଥାଆନ୍ତି। ୟୁକ୍ରେନ୍ ଯୁଦ୍ଧ ପରଠାରୁ ତାଙ୍କ ମୁହଁରେ ସର୍ବଦା ଆକ୍ରମଣାତ୍ମକ ଓ କଠୋର ଭାବଭଙ୍ଗୀ ଅନେକ ଲକ୍ଷ୍ୟ କରିଥାଆନ୍ତି। ମାତ୍ର ଆଜି ଦିଲ୍ଲୀରେ ତାଙ୍କ ଚେହେରା ଓ ଶାରୀରିକ ଭାଷା ଥିଲା ବେଶ୍ ଭିନ୍ନ। ତାଙ୍କ ଚାଲିରେ ଥିଲା ପ୍ରଚଣ୍ଡ ଆତ୍ମବିଶ୍ୱାସ । ଜଣେ ନେତା ଯେତେବେଳେ କୌଣସି ଦେଶରେ ସୁରକ୍ଷିତ ଓ ସମ୍ମାନଜନକ ଅନୁଭବ କରନ୍ତି ସେତେବେଳେ ଏପରି ଫୂର୍ତ୍ତି ଅନୁଭବ କରନ୍ତି ବୋଲି ପୁତିନ୍‌ଙ୍କ ଦିଲ୍ଲୀ ଅବତରଣ ସମୟର ଦୃଶ୍ୟକୁ ନେଇ ଶାରୀରିକ ଭାଷା ବିଶେଷଜ୍ଞଙ୍କ ମତ ଅନେକ ଦିଗକୁ ଇଙ୍ଗିତ କରିଛି। ଆମେରିକା ପ୍ରଶାସନ ପୁତିନ୍‌ଙ୍କ ଭାରତ ଗସ୍ତ ଉପରେ ତୀକ୍ଷ୍ଣ ନଜର ରଖିଥିବାବେଳେ ୟୁରୋପୀୟ ଦେଶ ଓ ଆମେରିକାର ଅନେକ ଖବର ଏଜେନ୍ସିଗୁଡ଼ିକ ପୁତିନ୍‌ଙ୍କ ଭାରତ ଗସ୍ତକୁ ସର୍ବାଧିକ ପ୍ରାଥମିକତା ଦେବା ମଧ୍ୟ ଅନେକ ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ମନେ ହେଉଛି।



ରୁଷ ରାଷ୍ଟ୍ରପତି ବିମାନରୁ ଓହ୍ଲାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରନୱେରେ ତାଙ୍କୁ ଉଷ୍ମ ଆଲିଙ୍ଗନ କରିବା ପୁତିନ୍ ମଧ୍ୟ ମୋଦିଙ୍କ ପିଠି ଆପୁଡ଼ାଇବା ଦୁଇ ଦେଶ ମଧ୍ୟରେ ପାରସ୍ପରିକ ଗଭୀର ସମ୍ପର୍କ, ଆତ୍ମିକ ସଂଯୋଗକୁ ପ୍ରମାଣିତ କରିଛି। ଅନ୍ୟପକ୍ଷରେ ଦୁଇ ନେତା ବୁଲେଟ୍‌ପ୍ରୁଫ୍ ଲିମୋସିନ୍ କାର ପରିବର୍ତ୍ତେ ସାଧାରଣ ଧଳା ଫର୍ଚୁନର କାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାସଭବନକୁ ଏକତ୍ର ଯାତ୍ରା କରିଛନ୍ତି । କାର ଭିତରୁ ପୁତିନ୍ ଅଳ୍ପ ହସ ହସି ହାତ ହଲାଇ ଦେଇଥିବା ବାର୍ତ୍ତା କେଉଁ ଭାବରେ ୟୁରୋପୀୟ ଦେଶ ଓ ଆମେରିକାରେ ପ୍ରତିଫଳିତ ହେବ ତାହା ତ ଭିନ୍ନ କଥା, ମାତ୍ର ରୁଷ ସହ ଭାରତର ସମ୍ପର୍କର ବର୍ଦ୍ଧିତ ନିବିଡ଼ତା ଅନେକ କାହାଣୀ ଲେଖିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମନେ କରୁଛନ୍ତି ।

## କେନ୍ଦ୍ରକୁ ରାହୁଲଙ୍କ ସମାଲୋଚନା

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ଗୁରୁବାର ସଂସଦର ଶୀତକାଳୀନ ଅଧିବେଶନ ଚତୁର୍ଥ ଦିନ ଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଭାରତ ଗସ୍ତରେ ଆସିଥିବା ବେଳେ ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ବରିଷ୍ଠ ସାଂସଦ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବାହାରୁ ଆସିଥିବା ନେତାଙ୍କ ସହ ମୁଁ ସାକ୍ଷାତ କରିବା କେନ୍ଦ୍ର ସରକାର ଚାହୁଁନାହାନ୍ତି ବୋଲି ସେ କହିଛନ୍ତି। ପୁତିନଙ୍କୁ ମୁଁ ସାକ୍ଷାତ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବୈଦେଶିକ ମନ୍ତ୍ରଣାଳୟ ଚାହୁଁନାହାନ୍ତି ଓ ସେମାନେ ନିୟମ ପାଳନ କରୁନାହାନ୍ତି। ଏମାନେ ଅସୁରକ୍ଷିତ ଅନୁଭବ କରୁଛନ୍ତି। ଆମର ସମସ୍ତଙ୍କ ସହ ସମ୍ପର୍କ ରହିଛି। ବିରୋଧୀ ଦଳ ନେତା ମଧ୍ୟ ଏକ ଭିନ୍ନ ଦୃଷ୍ଟିକୋଣ ଅବଲମ୍ବନ କରିଥାନ୍ତି। ଆମେ ମଧ୍ୟ ଭାରତ ପାଇଁ ପ୍ରତିନିଧିତ୍ୱ କରୁଛୁ। କେବଳ ସରକାର ହିଁ ଭାରତକୁ ପ୍ରତିନିଧିତ୍ୱ କରନ୍ତି ନାହିଁ ବୋଲି ସେ କହିଛନ୍ତି। ସାଧାରଣତଃ ବିଦେଶୀରୁ ଯେଉଁ ନେତା ବା ବ୍ୟକ୍ତି ଆସିଥାନ୍ତି, ସେ ବିରୋଧୀ ଦଳ ନେତାଙ୍କୁ ଭେଟିଥାନ୍ତି ଓ ଏହା ଏକ ପରମ୍ପରା ରହିଆସିଛି। ପୂର୍ବରୁ ଅଟଳ ବିହାରୀ ବାଜପେୟୀ ଓ ମନମୋହନ ସିଂଙ୍କ ସରକାରଙ୍କ କାର୍ଯ୍ୟକାଳ ବେଳେ ଏହି ପରମ୍ପରାର ପାଳନ ହେଉଥିଲା। କିନ୍ତୁ ଏବେ ସେକଥା ଆଉ ନାହିଁ। ଯେଉଁ ନେତାମାନେ ବାହାରୁ ଆସୁଛନ୍ତି, ସେମାନଙ୍କୁ ବିରୋଧୀ ଦଳ ନେତାଙ୍କୁ ଭେଟିବା ନେଇ ବାରଣ କରାଯାଉଛି ବୋଲି ରାହୁଲ ପାର୍ଲାମେଣ୍ଟ ବାହାରେ ସାମ୍ବାଦିକଙ୍କ ସହ କଥା ହେବା ବେଳେ କହିଛନ୍ତି।

## ଆଇଟିସି ମୌର୍ଯ୍ୟରେ ରହିବେ ପୁତିନ; ଗୋଟିଏ ରାତି ପାଇଁ ଖର୍ଚ୍ଚ ୮ ରୁ ୧୦ ଲକ୍ଷ

- ହାଇଦରାବାଦ୍ ହାଉସ୍‌ରେ ବୈଠକ
- ପୁତିନଙ୍କର ସ୍ମାର୍ଟ ଫୋନ୍ ନାହିଁ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଦିଲ୍ଲୀର ଆଇଟିସି ମୌର୍ଯ୍ୟ ହୋଟେଲରେ ଅବସ୍ଥାନ କରିବେ। ଏହି ହୋଟେଲର ସବୁଠାରୁ ଖାସ୍ ପ୍ରକୋଷ୍ଠ ପ୍ରେସିଡେନସିଆଲ ସୁଟ୍‌ରେ ରହିବେ। ୪,୬୦୦ ବର୍ଗଫୁଟ୍‌ର ଏହି ସୁଟ୍‌ର ରାତିକୁ ଖର୍ଚ୍ଚ ୮ରୁ ୧୦ ଲକ୍ଷ ଟଙ୍କା। ପୂର୍ବରୁ ଏଥିରେ ଆମେରିକା ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମେତ ଏକାଧିକ ଦେଶର ରାଷ୍ଟ୍ରମୁଖ୍ୟ ଅବସ୍ଥାନ କରିଛନ୍ତି। ହୋଟେଲର ଏହି ସ୍ୱତନ୍ତ୍ର କୋଠରୀକୁ ଚାଣକ୍ୟ ସୁଟ୍ କୁହାଯାଏ। ଏହାକୁ ୨୦୦୭ରେ ପ୍ରସ୍ତୁତ କରାଯାଇ ଖୋଲାଯାଇଥିଲା। ସ୍ୱତନ୍ତ୍ର ଡିଜାଇନ ପାଇଁ ଏହା ପ୍ରସିଦ୍ଧି ଲାଭ କରିଛି। ଏହାର ପ୍ରତ୍ୟେକ ଜିନିଷ ବହୁତ ଦାମୀ। ଏଥିରେ ମାଷ୍ଟର ବେଡ୍‌ରୁମ୍, ୱାକ- ଇନ୍ ଆଲମାରୀ, ବ୍ୟକ୍ତିଗତ ଷ୍ଟିମ୍‌ରୁମ୍, ସାଉନା ଓ ଜିମ୍, ୧୨ ସିଟ୍ ବିଶିଷ୍ଟ ଡାଇନିଂ ରୁମ୍, ଅତିଥି ରୁମ୍, ଅଧ୍ୟୟନ ଓ ଅଫିସ ପାଇଁ ସ୍ଥାନ ରହିଛି।

ଆସନ୍ତାକାଲି ପ୍ରଧାନମନ୍ତ୍ରୀ ମୋଦୀ ଓ ପୁତିନ ହାଇଦରାବାଦ ହାଉସ୍‌ରେ ୨୩ ତମ ଭାରତ- ରୁଷିଆ ବାର୍ଷିକ ଶିଖର ସମ୍ମିଳନୀରେ ମିଳିତ ହେବେ। ତେବେ ହାଇଦରାବାଦ ହାଉସ୍‌ରେ ଏହି ବୈଠକ ବସିବାର ପଛରେ ଏକାଧିକ କାରଣ ରହିଛି। ଏହା କେବଳ ଏକ ପରମ୍ପରା ନୁହେଁ ବରଂ ଏକ ରାଜକୀୟ ଅତୀତ ଯେଉଁଥିରେ ନିଜାମଙ୍କ ଐଶ୍ୱର୍ଯ୍ୟ, ବ୍ରିଟିଶ କାଳର ରାଜନୈତିକ ଜଟିଳତା ଏବଂ ସ୍ୱାଧୀନତା ପରେ ଭାରତର ଉଦୀୟମାନ କୂଟନୈତିକ ପଦକ୍ଷେପ ସାମିଲ ରହିଛି। ସ୍ୱାଧୀନତା ପୂର୍ବରୁ ଭାରତରେ ୫୬୦ଟିରୁ ଊର୍ଦ୍ଧ୍ୱ ରାଜ୍ୟଥିଲା। ଯେତେବେଳେ ବ୍ରିଟିଶ ସରକାର ବିଭିନ୍ନ କାରଣ ପାଇଁ ରାଜାମାନଙ୍କୁ ଡକାଉଥିଲେ ସେତେବେଳେ ରହିବା ପାଇଁ ସମସ୍ୟା ସୃଷ୍ଟି ହେଉଥିଲା। ଫଳରେ ହାଇଦରାବାଦ୍‌ର ନିଜାମ ମୀର ଉସମାନ ଅଲି ଖାନ୍ ଏହି ସମସ୍ୟା ଦୂର କରିବା ପାଇଁ ରାଷ୍ଟ୍ରପତି ଭବନ ନିକଟରେ ୧୨ ଏକର ଜମିରେ ହାଇଦରାବାଦ ହାଉସ ସ୍ୱତନ୍ତ୍ର ଭାବେ ନିର୍ମାଣ କରିଥିଲେ। ଇତିମଧ୍ୟରେ ବହୁ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ଭବ୍ୟତା କମିନାହିଁ। ଭାରତ ଗସ୍ତରେ ଆସୁଥିବା ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଏଠାରେ ହିଁ ବୈଠକରେ ମିଳିତ ହୋଇଥାନ୍ତି।

ତେବେ ସବୁଠାରୁ କୌତୂହଳର ବିଷୟ ହେଲା ଯେ ପୁତିନଙ୍କ ସ୍ମାର୍ଟ ଫୋନ ନାହିଁ। ଅର୍ଥାତ ସେ ମୋବାଇଲ ଫୋନ ବ୍ୟବହାର କରନ୍ତି ନାହିଁ। ସେ ବିଶ୍ୱର ହାତଗଣିତ ନେତାଙ୍କ ମଧ୍ୟରେ ସାମିଲ, ଯେଉଁମାନେ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ବ୍ୟବହାର କରିବାକୁ ପସନ୍ଦ କରି ନଥାନ୍ତି। ସ୍ମାର୍ଟ ଫୋନ୍ ବ୍ୟବହାର କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ଗୋପନୀୟତା ବିପଦରେ ପଡ଼ିଥାଏ। ତେଣୁ ଏହା କୌଣସି ବଡ଼ ନେତାଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅସୁରକ୍ଷିତ କରିଥାଏ ପୁତିନ ବିଚାର କରନ୍ତି।

## ଗାଜାରେ ପୁଣି ଇସ୍ରାଏଲର ଆକ୍ରମଣ; ୭ ମୃତ

ଗାଜା, ୪।୧୨(ଏଜେନ୍ସି): ଇସ୍ରାଏଲ ଗାଜାରେ ପୁଣିଥରେ ଆକ୍ରମଣ କରିଛି। ହାମାସ ଇସ୍ରାଏଲ ସୈନ୍ୟଙ୍କ ଉପରେ ଆକ୍ରମଣ କରିବା ପରେ ଇସ୍ରାଏଲ ଏହି ପଦକ୍ଷେପ ନେଇଛି। ହମାସର ଏହି ଆକ୍ରମଣରେ ଇସ୍ରାଏଲର ୫ ସୈନ୍ୟ ଆହତ ହୋଇଥିଲେ। ଏହାର ପ୍ରତିଶୋଧ ସ୍ୱରୂପ ଇସ୍ରାଏଲ ବୁଧବାର ବିଳମ୍ବିତ ରାତିରେ ଦକ୍ଷିଣ ଗାଜାରେ ଆକାଶ ମାର୍ଗରୁ ଆକ୍ରମଣ କରିଛି ଓ ଏଥିରେ ୭ ଜଣ ପାଲେଷ୍ଟାଇନ୍ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୩୨ ଜଣ ଲୋକ ଆହତ ହୋଇଛନ୍ତି ବୋଲି କୁହାଯାଇଛି। ମୃତକଙ୍କ ମଧ୍ୟରେ ୮ ଓ ୧୦ ବର୍ଷର ଦୁଇଜଣ ଛୋଟପିଲା ସାମିଲ ରହିଛନ୍ତି। ଆହତ ହୋଇଥିବା କେତେଜଣ ଗୁରୁତର ଅଛନ୍ତି। ଇସ୍ରାଏଲ ଓ ହମାସ ପରସ୍ପର ଉପରେ ଯୁଦ୍ଧବିରତି ଉଲ୍ଲଂଘନ କରିବାର ଅଭିଯୋଗ ଆଣିଛନ୍ତି। ଅକ୍ଟୋବର ୧୦ରେ ଏହି ଯୁଦ୍ଧବିରତି ଲାଗୁ ହୋଇଥିଲା। ଏହା ସତ୍ତ୍ୱେ ଇସ୍ରାଏଲ ଗାଜା ଉପରେ ଏକାଧିକବାର ବିଭିନ୍ନ ଆଳ ଦେଖାଇ ଆକ୍ରମଣ କରିଛି।

## ବିମାନରେ ଯାତ୍ରୀଙ୍କ ବୋମା ଧମକ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ସାଉଦି ଆରବର ମଦିନାରୁ ହାଇଦରାବାଦ ଆସୁଥିବା ଇଣ୍ଡିଗୋ ବିମାନରେ ଗୁରୁବାର ଏକ ଅଜବ କାଣ୍ଡ ଘଟିଥିଲା। ଜଣେ ଯାତ୍ରୀ ନିଜ ପାଖରେ ବୋମା ଅଛି ବୋଲି ଧମକ ଦେବା ପରେ ବିମାନରେ ଆତଙ୍କ ଖେଳିଯାଇଥିଲା। ଫଳରେ ବିମାନକୁ ଅହମଦାବାଦ୍‌ରେ ଜରୁରୀକାଳୀନ ଅବତରଣ କରାଯାଇଥିଲା। ମିଳିଥିବା ସୂଚନା ଅନଯାୟୀ ଏହି ବିମାନକୁ ଅଲଗା ଆଇସୋଲେସନ ୱେରେ ଛିଡ଼ା କରାଯିବା ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇ ସେମାନଙ୍କ ଯାଞ୍ଚ କରାଯାଇଥିଲା। ବିମାନ ଜଣେ ଯାତ୍ରୀ କେବିନ କ୍ରୁଙ୍କୁ ନିଜର ପାଖରେ ବମ୍ ଅଛି ଓ କିଛି ମିନିଟ ମଧ୍ୟରେ ଏହାର ବିସ୍ଫୋରଣ ହେବ ବୋଲି କହିଥିଲେ। ଏହାପରେ ପାଇଲଟ ତୁରନ୍ତ ସୁରକ୍ଷା ପ୍ରୋଟୋକଲ ଅନୁସାରେ ନିକଟସ୍ଥ ସୁରକ୍ଷିତ ବିମାନ ବନ୍ଦର ଅହମଦାବାଦରେ ବିମାନର ଅବତରଣ କରାଇଥିଲେ।


## ଆଜମୀର୍ ଦରଘା, ଜିଲ୍ଲାପାଳ କାର୍ଯ୍ୟାଳୟକୁ ବୋମା ଧମକ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ପ୍ରସିଦ୍ଧ ଆଜମୀର ଦରଘା ଓ ଜିଲ୍ଲା କଲେକ୍ଟରେଟ୍‌କୁ ବୋମା ବିସ୍ଫୋରଣରେ ଉଡାଇ ଦେବାକୁ ଧମକ ମିଳିଛି। ଗୁରୁବାର ଅପରାହ୍ଣରେ ଏକ ଇ-ମେଲ ଜରିଆରେ ଏହି ଧମକ ମିଳିଥିଲା। ଆଜମୀର କୁଦାନକୁଲମ ନ୍ୟୁକ୍ଲିୟାର ପ୍ଲାଣ୍ଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଦରଘା ଗରିବ ନୱାଜରେ ୪ଟି ଆରଡିଏକ୍ସ ଆଇଇଡି ଲଗା ଯାଇଛି ବୋଲି ଇ-ମେଲ୍‌ରେ ଉଲ୍ଲେଖ କରାଯାଇଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁତିନ ଭାରତ ପହଞ୍ଚିବା ମାତ୍ରେ ହିଁ ବିସ୍ଫୋରଣ ହେବ ବୋଲି ଧମକ ଦିଆଯାଇଥିଲା। ସୂଚନା ପାଇବା ମାତ୍ରେ ପୁଲିସ ଓ ଗୁଇନ୍ଦା ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମେଟାଲ ଡିଟେକ୍ଟର ଓ ଡଗ୍ ସ୍କ୍ୱାଡ୍ ମାଧ୍ୟମରେ ଯାଞ୍ଚ ଆରମ୍ଭ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସବୁ କର୍ମଚାରୀଙ୍କୁ ଖାଲି କରାଯାଇଥିଲା। ସେହିପରି ଦରଘାରୁ ମଧ୍ୟ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ବାହର କରାଯାଇଥିଲା। ୪ଟି ଥାନାର ପୁଲିସ ଟିମ୍ ସମେତ ସିଆଇଡି ଓ ଏଟିଏସ୍ ଯାଞ୍ଚ କରିଥିଲେ। ତେବେ ଏହି ଦୁଇଟି ସ୍ଥାନରୁ କୌଣସି ଆପତ୍ତିଜନକ ଜିନିଷ ମିଳିନାହିଁ ବୋଲି ସ୍ଥାନୀୟ ଏସ୍‌ପି ବନ୍ଦୀତା ରାଣା କହିଛନ୍ତି।

## ପୁଣି ଏଫ୍-୧୬ ଦୁର୍ଘଟଣାଗ୍ରସ୍ତ

ୱାସିଂଟନ, ୪।୧୨(ଏଜେନ୍ସି): ଆମେରିକାରେ ଗୁରୁବାର ଆଉଏକ ଏଫ୍-୧୬ ଲଢୁଆ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଆମେରିକା ବାୟୁସେନାର ଏହି ବିମାନ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ମାତ୍ର କିଛି ସେକେଣ୍ଡ ପରେ ପାଇଲଟ ପାରାଚ୍ୟୁଟ ଜରିଆରେ ସୁରକ୍ଷିତ ଭାବେ ବାହରକୁ ବାହରିଛନ୍ତି। ଫଳରେ ତାଙ୍କର ଜୀବନ ବଞ୍ଚିଯାଇଛି। ଭାରତୀୟ ସମୟ ରାତି ୧୨.୩୦ରେ ଦକ୍ଷିଣ କାଲିଫର୍ଣ୍ଣିଆର ଟ୍ରୋନା ନିକଟସ୍ଥ ମରୁଭୂମିରେ ଓ ଟ୍ରୋନ ବିମାନ ବନ୍ଦରଠାରୁ ୩ କିମି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ଏଥିସହ ଚଳିତ ବର୍ଷ ଅଷ୍ଟମଥର ପାଇଁ ଏଫ୍-୧୬ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ନିକଟରେ ୟୁକ୍ରେନରେ ୩ଟି ଓ ଆମେରିକାର ୨ଟି ଏଫ୍-୧୬ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ସେହିପରି ପୋଲାଣ୍ଡ, ଜାପାନ ଓ ଦକ୍ଷିଣ କୋରିଆରେ ମଧ୍ୟ ଏହି ବିମାନର ଦୁର୍ଘଟଣା ହୋଇଛି।

## ସୁଷମା ସ୍ୱରାଜଙ୍କ ପତିଙ୍କ ପରଲୋକ



ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ପୂର୍ବତନ ବିଜେପି ନେତ୍ରୀ ତଥା ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ପତି ସ୍ୱରାଜ କୌଶଲ ଗୁରୁବାର ପରଲୋକ ଗମନ କରିଛନ୍ତି। ଦିଲ୍ଲୀ ବିଜେପି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ତାଙ୍କ ପରଲୋକ ନେଇ ସୂଚନା ଦେଇଛନ୍ତି। ଡିସେମ୍ବର ୪ରେ ୭୩ ବର୍ଷ ବୟସରେ ସ୍ୱାରାଜ କୌଶଲଙ୍କ ଦେହାନ୍ତ ହୋଇଛି ବୋଲି ପୋଷ୍ଟରେ ଉଲ୍ଲେଖ କରାଯାଇଛି। କୌଶଲ ଓ ସୁଷମାଙ୍କ ଝିଅ ବାଂଶୁରୀ ସ୍ୱରାଜ ମଧ୍ୟ ବିଜେପିର ସାଂସଦ ରହିଛନ୍ତି। ପିତାଙ୍କ ଦେହାନ୍ତରେ ଅତ୍ୟନ୍ତ ମର୍ମାହତ ବୋଲି ବାଂଶୁରୀ କହିଛନ୍ତି। ସ୍ଥାନୀୟ ଲୋଧୀ ରୋଡ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଭାରତ ଇତିହାସରେ କୌଶଲ ସର୍ବକନିଷ୍ଠ ରାଜ୍ୟପାଳ ଭାବେ ନିଯୁକ୍ତି ହୋଇଥିଲେ। ସେ ମାତ୍ର ୩୭ ବର୍ଷ ବୟସରେ ୧୯୯୦ରେ ମିଜୋରାମ୍‌ର ରାଜ୍ୟପାଳ ନିଯୁକ୍ତ ହୋଇଥିଲେ। ସେ ମଧ୍ୟ ୧୯୯୮ରୁ ୨୦୦୪ ମଧ୍ୟରେ ହରିୟାଣାରୁ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ସୁପ୍ରିମକୋର୍ଟରେ ଜଣେ ବରିଷ୍ଠ ଓକିଲ ଭାବେ ସଫଳତା ହାସଲ କରିଥିଲେ। ଆଇନଜୀବୀ ଭାବେ ସେ ନିଜ କ୍ୟାରିଅରରେ ଏକାଧିକ ହାଇପ୍ରୋଫାଇଲ ମାମଲାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ।

## ବାବ୍‌ରୀ ମସଜିଦ୍ ନିର୍ମାଣ ଘୋଷଣା କରି ବିଧାୟକ ଟିଏମ୍‌ସିରୁ ନିଲମ୍ବିତ

କୋଲକାତା, ୪।୧୨(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ସିଦାବାଦ୍‌ରେ ବେଲଡାଙ୍ଗାରେ ବାବରୀ ମସଜିଦ୍ ନିର୍ମାଣ କରିବାକୁ ଘୋଷଣା କରିଥିବା ବିଧାୟକ ହୁମାୟୁନ କବୀରଙ୍କୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନିଲମ୍ବିତ କରିଛି। ଏନେଇ କୋଲକାତା ମେୟର ଫିରହାଦ ହାକିମ ସୂଚନା ଦେଇଛନ୍ତି। ପାର୍ଟି ସାମ୍ପ୍ରଦାୟିକ ରାଜନୀତିରେ ବିଶ୍ୱାସ କରେ ନାହିଁ ବୋଲି ସେ କହିଛନ୍ତି। ପୂର୍ବରୁ ହୁମାୟୁନଙ୍କୁ ଏନେଇ ଏକାଧିକବାର ଚେତାବନୀ ଦିଆଯାଇଥିଲେ ମଧ୍ୟ ସେ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିନାହାନ୍ତି। ତେଣୁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଉଛି ବୋଲି ସେ କହିଛନ୍ତି। ସେପଟେ ଟିଏମ୍‌ସିରୁ ନିଲମ୍ବିତ ହେବା ପରେ ହୁମାୟୁନ କହିଛନ୍ତି ଯେ, ମୁଁ ମୋ ବୟାନକୁ ବଜାୟ ରଖୁଛି। ଡିସେମ୍ବର ୨୨ରେ ମୋର ନୂଆ ପାର୍ଟି ଗଠନ କରିବି ଓ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ବିଧାନସଭା ନିର୍ବାଚନରେ ୧୩୫ଟି ଆସନରେ ପ୍ରାର୍ଥୀ ଛିଡ଼ା କରାଇବି ଏବଂ ବିଜେପି ଓ ଟିଏମ୍‌ସି ବିରୋଧରେ ନିର୍ବାଚନ ଲଢିବି ବୋଲି ସେ କହିଛନ୍ତି।

ମୁର୍ସିଦାବାଦ୍‌ରେ ନଭେମ୍ବର ୨୮ରେ ଏକାଧିକ ସ୍ଥାନରେ ବାବରୀ ମସଜିଦ ଶିଳାନ୍ୟାସ ନେଇ ପୋଷ୍ଟାର ଲଗାଯାଇଥିଲା। ଡିସେମ୍ବର ୬ରେ ବେଲଡାଙ୍ଗାରେ ବାବ୍‌ରୀ ମସ୍‌ଜିଦ୍‌ର ଶୀଳନ୍ୟାସ ସମାରୋହ ହେବ। ହୁମାୟୁନଙ୍କୁ ଆୟୋଜକ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଥିଲା। ଏହାପରେ ହିଁ ଏ ନେଇ ବିବାଦ ବଢ଼ିବାରେ ଲାଗିଛି। ଉଲ୍ଲେଖଥାଉ କି, ୧୯୯୨ ଡିସେମ୍ବର ୬ରେ ବାବରୀ ମସଜିଦକୁ ଭାଙ୍ଗି ଦିଆଯାଇଥିଲା। ତେଣୁ ଡିସେମ୍ବର ୬ରେ ଶିଳାନ୍ୟାସ ନେଇ ସେ ଘୋଷଣା କରିଛନ୍ତି।

## ପୁଣି ନାଗରିକତା ଅଟକାଇଲେ ଟ୍ରମ୍ପ



### ୧୯ଟି ଦେଶର ଲୋକଙ୍କୁ ମିଳିବନି ଗ୍ରୀନ କାର୍ଡ

ୱାସିଂଟନ, ୪।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୯ଟି ଦେଶର ନାଗରିକଙ୍କୁ ଆମେରିକାର ନାଗରିକତା ଓ ଗ୍ରୀନ୍ କାର୍ଡ ଦେବା ପ୍ରକ୍ରିୟାକୁ ଯଥାଶୀଘ୍ର ରୋକିବାକୁ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବର ଶେଷ ଆଡକୁ ହ୍ୱାଇଟ୍ ହାଉସ୍ ନିକଟରେ ଜଣେ ଆଫଗାନ ଶରଣାର୍ଥୀ ନ୍ୟାସନାଲ ଗାର୍ଡଙ୍କ ଉପରେ ଗୁଳି ମାରିବା ଘଟଣା ଘଟଣା ପରେ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଛନ୍ତି। ନାଗରିକତା ପ୍ରକ୍ରିୟାକୁ ରୋକା ଯାଇଥିବା ଦେଶଗୁଡିକ ହେଲା ଆଫଗାନିସ୍ତାନ, ମିଆଁମାର, ବୁରୁଣ୍ଡି, ଚାଦ, କଙ୍ଗୋ, କ୍ୟୁବା, ଇକ୍ୱେଟୋରିଆଲ ଗିନି, ଇରିଟ୍ରିଆ, ହାଇତି, ଇରାନ, ଲାଓସ, ଲିବିୟା, ସିଏରା ଲିଓନ, ସୋମାଲିଆ, ସୁଦାନ, ଟୋଗୋ, ତୁର୍କମେନିସ୍ତାନ, ଭେନେଜୁଏଲା ଓ ୟେମେନ। ଏହି ୧୯ଟି ଦେଶର ସବୁ ଇମିଗ୍ରେସନ ଅର୍ଥାତ ପ୍ରବାସନ, ନାଗରିକତା ଓ ଗ୍ରୀନକାର୍ଡ ସହିତ ଜଡିତ ଆବେଦନକୁ ରୋକା ଯାଇଛି ବୋଲି ଆମେରିକା ନାଗରିକତା ଓ ପ୍ରବାସ ସେବା (ୟୁଏସ୍‌ସିଆଏସ୍) ତରଫରୁ କୁହାଯାଇଛି। ଟ୍ରମ୍ପ ମଧ୍ୟ ପୂର୍ବରୁ ଏହି ଦେଶଗୁଡିକ ଉପରେ ଯାତ୍ରା ପ୍ରତିବନ୍ଧକ ଲାଗୁ କରିସାରିଛନ୍ତି। ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁସାରେ ୨୦୨୧ ଜାନୁଆରୀ ୨୦ ପରେ ଆମେରିକା ଆସିଥିବା ଲୋକଙ୍କୁ ପୁଣିଥରେ ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିବ ଓ ସାକ୍ଷାତକାର ଦେବାକୁ ହେବ। ପ୍ରବାସନ ନୀତି କାରଣରୁ ଆଜି ଆମେରିକୀୟଙ୍କ ଜୀବନ ଖରାପ ହୋଇଛି ବୋଲି ଟ୍ରମ୍ପ କହିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକାରେ ଏଭଳି ସାମାଜିକ ସମସ୍ୟା ନଥିଲା। କିନ୍ତୁ ଏବେ ଭୁଲ ପ୍ରବାସନ ନୀତି ଯୋଗୁଁ ଆମେରିକାର ବିଭିନ୍ନ ସାମଜିକ ସମସ୍ୟା, ଅପରାଧ ଓ ଅବ୍ୟବସ୍ଥା ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ଗ୍ରୀନକାର୍ଡ ମିଳୁଥିବା ଲୋକଙ୍କୁ ଆମେରିକାର ସ୍ଥାୟୀ ଭାବେ ରହିବାର ଓ କାମ କରିବାର ସୁଯୋଗ ମିଳିଥାଏ। ୨୦୧୩ରୁ ୨୦୨୨ ମଧ୍ୟରେ ଆମେରିକାର ୭.୧୬ ଲକ୍ଷ ଭାରତୀୟଙ୍କୁ ଗ୍ରୀନ୍‌କାର୍ଡ ମିଳିଛି।

## ଦିଲ୍ଲୀ ସରକାର ୯ଟି ପ୍ରଦୂଷଣ 'ହଟ୍‌ସ୍ପଟ୍'ରେ ୩୦୫ ମିଷ୍ଟ ସ୍ପ୍ରେୟର ଲଗାଇବେ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ପ୍ରଦୂଷଣକୁ ରୋକିବା ପାଇଁ ଦିଲ୍ଲୀ ସରକାର ଏବେ ଏକ ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ରାଜଧାନୀର ୯ଟି ପଲ୍ୟୁସନ ହଟ୍‌ସ୍ପଟ୍‌ରେ ୩୦୫ଟି ମିଷ୍ଟ ସ୍ପ୍ରେୟର ଲଗାଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି। ଏହିକ୍ରମରେ ଆୟକର କାର୍ଯ୍ୟାଳୟ (ଆଇଟିଓ)ରେ ଲଗାଯାଇଥିବା ମିଷ୍ଟ ସ୍ପ୍ରେୟରକୁ ରେଖା ନୀରିକ୍ଷଣ କରିଥିଲେ। ଦିଲ୍ଲୀ ନଗର ନିଗମ ଅଞ୍ଚଳରେ ମିଷ୍ଟ ସ୍ପ୍ରେୟରର କାର୍ଯ୍ୟକ୍ଷମତାରେ ସକାରାତ୍ମକ ଫଳାଫଳ ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି। ଏହା ଦ୍ୱାରା ମୁଖ୍ୟତଃ ଧୂଳି ଓ ପ୍ରଦୂଷଣକୁ ରୋକିବା ପାଇଁ ପାଣିର ଛିଞ୍ଚନ ପ୍ରକ୍ରିୟାକୁ ବ୍ୟବହାର କରାଯାଇଥାଏ। ଦିଲ୍ଲୀରେ ପ୍ରଦୂଷଣ ରୋକିବା ପାଇଁ ଭିନ୍ନ ଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ବୋଲି ସେ କହିଛନ୍ତି।

# ବରଗଡ଼ ଧନୁଯାତ୍ରା ପାଇଁ ୧ କୋଟି ଅନୁଦାନ

ଭୁବନେଶ୍ୱର/ବରଗଡ଼,୪।୧୨(ସମିସ): ବରଗଡ଼ ଧନୁଯାତ୍ରା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ଦିଆଯିବ। ଧନୁଯାତ୍ରାରେ ଭାଗ ନେଉଥିବା ପ୍ରାୟ ୨୦୦ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନସୂଚକ ରାଶି ପ୍ରଦାନ କରାଯିବ। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ବିଭିନ୍ନ ରାଜ୍ୟରେ ଏଲ୍ଇଡି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧା ପ୍ରସାରଣ ହେବ। ଗୁରୁବାର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ସଂସ୍କୃତ ଭବନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଚଳିତବର୍ଷ ଡିସେମ୍ବର ୨୪ତାରିଖରୁ ଜାନୁଆରୀ ୩ତାରିଖ ପର୍ଯ୍ୟନ୍ତ ବରଗଡ଼ରେ ଧନୁଯାତ୍ରା ମହୋତ୍ସବର ଆୟୋଜନ କରାଯିବ। ଏଥିପାଇଁ ବରଗଡ଼ ସହରର ମୁଖ୍ୟ ପ୍ରବେଶ ଦ୍ୱାରାମାନଙ୍କରେ ଧନୁଯାତ୍ରା ଥିମ୍ ସମ୍ବନ୍ଧୀୟ ଗେଟ୍ ନିର୍ମାଣ କରାଯିବ। ସେହିପରି ଧନୁଯାତ୍ରା ସମୟରେ ପୁରୀ ଏବଂ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ଚଳାଇବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ଧନୁଯାତ୍ରା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ୍ କରାଯିବ। ସେଥିରେ ଧନୁଯାତ୍ରାର ଚିତ୍ରାୟନ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ୍ ସିଷ୍ଟମକୁ ମଧ୍ୟ ସ୍ଥାନିତ କରାଯିବ।

- ୨୦୦ କଳାକାରଙ୍କୁ ୧୦ହଜାର ଟଙ୍କା ଲେଖାଏଁ ସମ୍ମାନସୂଚକ ରାଶି
- ଧନୁଯାତ୍ରା ପାଇଁ ସ୍ୱତନ୍ତ୍ର ୱେବ୍‌ସାଇଟ୍
- ଭୁବନେଶ୍ୱର ଓ ପୁରୀରୁ ବରଗଡ଼କୁ ଗଡ଼ିବ ସ୍ୱତନ୍ତ୍ର ଟୁରିଷ୍ଟ ବସ୍

ବୈଠକରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ କୁମାର ଗର୍ଡିଆ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ପଦ୍ମପୁର ବିଧାୟକ ବର୍ଷାସିଂ ବରିହା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ

# ୩୧୬୯ ଟଙ୍କାରେ ଧାନ କିଣନ୍ତୁ ସରକାର

ଭୁବନେଶ୍ୱର,୪।୧୨(ସମିସ): ରାଜ୍ୟ ସରକାରଙ୍କ ଧାନ କୁଇଣ୍ଟାଲ ପ୍ରତି ୮ଶହ ଟଙ୍କା ଇନପୁଟ୍ ସବସିଡି ଦେବାକୁ ଘୋଷଣା କରିଥିଲେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ଏମ୍ଏସ୍‌ପି ମୂଲ୍ୟ ୨୩୬୯ ଟଙ୍କା ରହିଛି। ଏପରି ହୋଇ ରାଜ୍ୟ ସରକାର କୁଇଣ୍ଟାଲ ପିଛା ୩୧୬୯ ଟଙ୍କାରେ ଧାନ କ୍ରୟ କରିବା କଥା। ମାତ୍ର ରାଜ୍ୟ ସରକାର ଚାଷୀର ହକ୍ ୬୯ ଟଙ୍କାକୁ ହାଇଜାକ୍ କରିବାକୁ ବସିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ଘଟଣାରେ ରାଜ୍ୟ କିଷାନ କଂଗ୍ରେସ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି।

ଅଖିଳ ଭାରତ କିଷାନ କଂଗ୍ରେସର ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ୮ଦଫା ସମ୍ବଳିତ ଏକ ସ୍ମାରକପତ୍ର ପଠାଇଛନ୍ତି। ଏହି ସ୍ମାରକପତ୍ରରେ ସେ ଧାନ କିଣା ଦର ସହିତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି। ମୁଖ୍ୟତଃ ରାଜ୍ୟ ସରକାର ନିର୍ଦ୍ଧାରିତ ସମୟରେ ମଣ୍ଡି ଖୋଲି ଚାଷୀର ସମସ୍ତ ବଳକା ଧାନକୁ ପ୍ରତି କୁଇଣ୍ଟାଲ ପିଛା ୩୧୬୯ ଟଙ୍କାରେ କ୍ରୟ, ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ ଟୋକନ, ଅଖା ଓ ପରିବହନ ମୂଲ୍ୟ ପ୍ରଦାନ, ବାଦ୍ ପଡ଼ିଥିବା ଯୋଗ୍ୟ ଚାଷୀଙ୍କୁ ପୁନଃ ପଞ୍ଜୀକରଣର ସୁବିଧା, ସୁବ୍ୟବସ୍ଥିତ ଢଙ୍ଗରେ ମଣ୍ଡି ସୁପରିଚାଳନା ଓ ମଣ୍ଡିକୁ ଦଲାଲମୁକ୍ତ, ପ୍ରତି ପଞ୍ଚାୟତସ୍ତରରେ ମଣ୍ଡି ନିରୀକ୍ଷଣ ପାଇଁ ସ୍କ୍ୱାଡ୍ ଗଠନ, ପ୍ରତି ମଣ୍ଡିରେ ଧାନ ମାପକ ଯନ୍ତ୍ର(ଆନାଲାଇଜର ମେସିନ୍) ରଖାଯାଇ ସମ୍ପୂର୍ଣ୍ଣ କଟ୍‌ନୀଛଟ୍‌ନୀ ବନ୍ଦ, ଏକର ପିଛା ଧାନ କ୍ରୟ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ଚାଷୀ ଚାହୁଁଥିବା ତା'ର ସମସ୍ତ ବଳକା ଧାନକୁ କ୍ରୟ, ପ୍ରତି ପାକ୍ସ ଓ ଲ୍ୟାମ୍ପ୍ସରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି, ମିଲର୍ ଓ କର୍ମଚାରୀମାନଙ୍କ ମଧ୍ୟରେ ଥିବା ଅସାଧୁ କାରବାରକୁ ଦୃଢ଼ହସ୍ତରେ ଦମନ କରିବା ପାଇଁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ସରକାର ସୁବ୍ୟବସ୍ଥିତ ଢଙ୍ଗରେ ମଣ୍ଡି ପରିଚାଳନା କରି ଚାଷୀଙ୍କ ସମସ୍ତ ବଳକା ଧାନ କ୍ରୟ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଗତବର୍ଷ ନଭେମ୍ବର ପ୍ରଥମ ସପ୍ତାହରେ ମଣ୍ଡି ଖୋଲାଯାଇଥିବା ବେଳେ ଚଳିତ ବର୍ଷ ନଭେମ୍ବର ଶେଷ ସୁଦ୍ଧା ଆବଶ୍ୟକ ଅନୁଯାୟୀ ମଣ୍ଡି ଖୋଲା ଯାଉ ନ ଥିବା ଅତ୍ୟନ୍ତ କ୍ଷୋଭର ବିଷୟ। ଇତିମଧ୍ୟରେ ମଣ୍ଡି ଖୋଲାଯାଇ ନ ଥିବା ଯୋଗୁଁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରୁ ୪୦ ପ୍ରତିଶତ ଅମଳ ଧାନ ଶାଗ-ମାଛ ମୂଲ୍ୟରେ ଚାଷୀ ବିକ୍ରି କରି ସାରିଲେଣି। ଅନେକ ଅସାଧୁ ମିଲର୍ ମଧ୍ୟ ଏହି ଧାନକୁ ଅଣ୍ଡର ରେଟରେ କିଣି ମହଜୁଦ୍ କରୁଥିବାର ନଜରକୁ ଆସିଛି। ଯେଉଁଠି ମଣ୍ଡି ଖୋଲା ଯାଉଛି, ସେଠାରେ ନିର୍ଦ୍ଧାରିତ ସମୟରେ ଚାଷୀ ପାଖକୁ ଟୋକନ ପହଞ୍ଚୁନାହିଁ ବୋଲି ଦଳ ଅଭିଯୋଗ କରିଛି। ଧାନ ସଂଗ୍ରହ ପାଇଁ ରାଜ୍ୟରେ ଆବଶ୍ୟକ ସଂଖ୍ୟକ ଗୋଦାମ ଘର ନାହିଁ ଏବଂ ଏଫସିଆଇ ଗତବର୍ଷର ୭ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଣ ନ କରୁଥିବାରୁ ଏପରି ସଙ୍ଗିନ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଦଳ କହିଛି।

### ଜବତ ହେଲା ୬ କ୍ୱିଣ୍ଟାଲ ଗଞ୍ଜେଇ; ୨ କ୍ୱିଣ୍ଟାଲ ଗାଏବ୍

# ଥାନା ଅଧିକାରୀ ନିଲମ୍ବିତ

ଫୁଲବାଣୀ,୪।୧୨(ସମିସ): ଜବତ ଗଞ୍ଜେଇ ହେର୍‌ଫେର୍ ଅଭିଯୋଗରେ କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନାଧିକାରୀ ସତୀଶ ଚନ୍ଦ୍ର ନାୟକଙ୍କୁ ନିଲମ୍ବନ କରାଯାଇଛି। ନିକଟରେ ଇନ୍ସପେକ୍ଟରରୁ ଡିଏସ୍‌ପି ପଦକୁ ପଦୋନ୍ନତି ପାଇଥିବା ସତୀଶ ଏବେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜିଙ୍କ ଅଧୀନରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ, ସଦର ଥାନା ପୁଲିସ ୬ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ସେଥିରୁ ୨ କୁଇଣ୍ଟାଲର ହିସାବ ମିଳୁନାହିଁ। ସତୀଶ ଏହି ଗଞ୍ଜେଇ ହେରଫେର କାର୍ଯ୍ୟରେ ଲିପ୍ତଥିବା ଜଣାପଡ଼ିବା ପରେ ତାଙ୍କ ନାମରେ ସରକାରଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ସେହି ଅନୁସାରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ତାଙ୍କ ନାମରେ ବିଭାଗୀୟ ତଦନ୍ତ ଚାଲିବ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି। ତାଙ୍କ ସହ ଅନ୍ୟ କେତେକ କର୍ମଚାରୀ ବି ସାମିଲ ଥିବା ଆଲୋଚନା ହେଉଛି।

# ମାଓଗଡ଼ରେ ଦେଶୀ ବନ୍ଧୁକ କାରଖାନା

### ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଜବତ, ଜଣେ ଗିରଫ

ଫିରିଙ୍ଗିଆ, ୪।୧୨ (ସମିସ): କନ୍ଧମାଳ ଜିଲ୍ଲା, ଗୋଚ୍ଛାପଡ଼ା ପୁଲିସକୁ ବଡ଼ ସଫଳତା ମିଳିଛି। ଫିରିଙ୍ଗିଆ ବ୍ଲକ୍ ଅଞ୍ଚଳରୁ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ କରିବା ସହ ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ଦେଶୀ ବନ୍ଧୁକ ତିଆରି ବିଭିନ୍ନ ସରଞ୍ଜାମ ସହ ଏକ ଦେଶୀ ପିସ୍ତଲ, କଟର୍ ଓ ୱେଲଡିଙ୍ଗ ମେସିନ ରହିଛି। ଏହି ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲା, ବାଞ୍ଛାନିଧି ବିନ୍ଧାଣି। ୨୦୧୬ ମସିହାରେ ମଧ୍ୟ ବାଞ୍ଛାନିଧି ଏଭଳି ବନ୍ଧୁକ ତିଆରି ମାମଲାରେ ଗିରଫ ହୋଇ ଜେଲ ଯାଇଥିଲା। କନ୍ଧମାଳ ଏସ୍‌ପି ହରୀଶ ବିଶି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।




ସୂଚନାନୁସାରେ, ବୁଧବାର ଥାନାଧିକାରୀ ଚିରଞ୍ଜୀବ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ କଟ୍ରିଙ୍ଗିଆ ଅଞ୍ଚଳରେ ଏକ ବେଆଇନ ଦେଶୀ ବନ୍ଧୁକ ତିଆରି ଚାଲିଥିବା ସୂଚନା ମିଳିଥିଲା। ପୁଲିସ ଟିମ କଟ୍ରିଙ୍ଗିଆ ପଞ୍ଚାୟତ ପାଙ୍ଗାପାଜୁ ଗାଁରେ ଚାଲିଥିବା ଏହି ଦେଶୀ ବନ୍ଧୁକ କାରଖାନା ଉପରେ ଅତର୍କିତ ଚଢ଼ଉ କରିଥିଲା।

ଗୋଚ୍ଛାପଡ଼ା ଥାନା ଅଞ୍ଚଳ ମାଓପ୍ରବଣ ଏବଂ ଗଞ୍ଜେଇଚାଷଓମାଫିଆଙ୍କ ଚରାଭୂଇଁଭାବେ ପରିଚିତ। ଏଠାରୁ ବନ୍ଧୁକ ତିଆରି କାରଖାନା ଠାବ ହେବା ପରେ ପୁଲିସର ଚିନ୍ତା ବଢ଼ିଯାଇଛି। ଏହି କାରଖାନାରୁ କେତେ ଓ କାହାକୁ ବନ୍ଧୁକ ଚାଲାଣ କରାଯାଇଛି, ସେ ସଂପର୍କରେ ପୁଲିସ ଖୋଳତାଡ଼ ଚଳାଇଛି। ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି ଯେ ବନ୍ଧୁକଗୁଡ଼ିକୁ ଶିକାରୀଙ୍କୁ ବିକ୍ରି କରାଯାଉଥିଲା। ଜଙ୍ଗଲରେ ପଶୁ ଶିକାର ପାଇଁ ଶିକାରୀମାନେ ଏଠାରୁ ବନ୍ଧୁକ କିଣୁଥିଲେ। ଏ ସଂକ୍ରାନ୍ତରେ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କନ୍ଧମାଳ ଏସ୍‌ପି ଶ୍ରୀ ବିଶି କହିଛନ୍ତି।

# ପୁଣି ଖସିଲା ତାପମାତ୍ରା


ଭୁବନେଶ୍ୱର,୪।୧୨(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ଆରମ୍ଭ ହୋଇଛି। ଫଳରେ ଅନେକ ସ୍ଥାନରେ ପୁଣି ଶୀତ ଫେରିଛି। ମଙ୍ଗଳବାର ରାତିରେ ଜି ଉଦୟଗିରି, ଦାରିଙ୍ଗବାଡ଼ି, ଚିପିଲିମା, ଫୁଲବାଣୀ, ବୌଦ୍ଧ ଓ ସୋନପୁର ଭଳି ସ୍ଥାନର ରାତି ତାପମାତ୍ରା ଖସିଛି। ୨୪ ଘଣ୍ଟା ମଧ୍ୟରେ ଦିନକରେ ଜି. ଉଦୟଗିରିରେ ପାରଦ ପ୍ରାୟ ୫ ଡିଗ୍ରୀ କମିଛି। ଦାରିଙ୍ଗିବାଡ଼ିରେ ପ୍ରାୟ ୨.୫ ଡିଗ୍ରୀ, ଫୁଲବାଣୀରେ ୧.୫ ଡିଗ୍ରୀ, ଭୁବନେଶ୍ୱରରେ ୪ ଡିଗ୍ରୀ, କଟକରେ ୩ ଡିଗ୍ରୀ ଖସିଯାଇଛି। ଫଳରେ ଏହି ସବୁ ସ୍ଥାନରେ ପୂର୍ବାପେକ୍ଷା ଶୀତ ବଢ଼ିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ଆହୁରି ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ। ଫଳରେ ଆହୁରି ଶୀତ ବଢ଼ିବାର ସମ୍ଭାବନା ରହିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା, ମନୋରମା ମହାନ୍ତି କହିଛନ୍ତି, ରାଜ୍ୟରେ ଶୀତ ବଢ଼ିବା ସହ କୁହୁଡ଼ି ମଧ୍ୟ ବୃଦ୍ଧି ପାଇବ। ଆସନ୍ତା ୨ ଦିନ ଯାଏଁ କିଛି କିଛି ସ୍ଥାନରେ ଘନ କୁହୁଡିର ସମ୍ଭାବନା ଥିବା ବେଳେ ଆସନ୍ତା ୨୪ ଘଣ୍ଟାରେ କୋରାପୁଟ, ସୁନ୍ଦରଗଡ, ଝାରସୁଗୁଡା, କନ୍ଧମାଳ, ସୋନପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଆସନ୍ତା ୭ ଦିନ ଯାଏଁ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନଥିବା ବେଳେ ଅଧିକାଂଶ ଜିଲ୍ଲାରେ ଶୁଖିଲା ପାଗ ରହିବା ନେଇ ସେ ସୂଚନା ଦେଇଛନ୍ତି। ସୂଚନା ଥାଉ କି ଗତ ୨୪ ଘଣ୍ଟାରେ ଦାରିଙ୍ଗବାଡ଼ିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।


DSPL-392


# ଆମ ନନ୍ଦନକାନନ

NANDANKANAN
CONSERVE | EDUCATE | INSPIRE




### ମନମୁଗ୍ଧକର ପର୍ଯ୍ୟଟକ ସୁବିଧା

ପର୍ଯ୍ୟଟକଙ୍କ ସୁବିଧା ପାଇଁ ବହୁତଳ ଗାଡ଼ି ରହଣି ସ୍ଥଳ, ୪ଟି ବନ୍ୟପ୍ରାଣୀ ସଫାରି, ବ୍ୟାଟେରୀ ଚାଳିତ ଯାନ ସେବା, ଶିଶୁମାନଙ୍କ ପାଇଁ ବ୍ୟାଟେରୀ ଚାଳିତ ରେଳଗାଡ଼ି, ନୌକାବିହାର, ରଜୁପଥ ଓ ବିହଙ୍ଗ ସରଣୀ ଆଦି ରହିଛି।




### ସଂରକ୍ଷଣ ପ୍ରଜନନ କାର୍ଯ୍ୟକ୍ରମ

ନନ୍ଦନକାନନରେ ବିଶ୍ୱର ଏକମାତ୍ର ଭାରତୀୟ ବଜ୍ରକାପ୍ତା ସଂରକ୍ଷଣ ପ୍ରଜନନ କେନ୍ଦ୍ର ରହିଛି। ଏଥି ସହିତ ବାଘ, ଗୁରାଣ୍ଡି, ଲମ୍ବା ଥଣ୍ଟିଆ ଶାଗୁଣାମାନଙ୍କ ସଂରକ୍ଷଣ ପ୍ରଜନନ ମଧ୍ଯ ଜାରି ରହିଛି । ବିଲୁପ୍ତମୁଖି ଘଡିଆଳ କୁମ୍ଭୀରର ବଂଶ ରକ୍ଷା ପାଇଁ ମହାନଦୀରେ ଘଡିଆଳ ପୁନରୁଦ୍ଧାର ପ୍ରକଳ୍ପ ଚାଲିଛି।



### ଆକର୍ଷଣୀୟ ଜନ୍ତୁ ସଂଗ୍ରହ

ନନ୍ଦନକାନନରେ ୧୭୬ ପ୍ରଜାତିର ମୋଟ ୪୦୯୮ଟି ଜୀବଜନ୍ତୁ ରହିଛନ୍ତି, ଯେଉଁଥିରେ ୧୧୫ ଭାରତୀୟ ଏବଂ ୬୧ ବିଦେଶୀ ପ୍ରଜାତିର ପ୍ରାଣୀ ଅଛନ୍ତି । ଏଥିରେ ୫୭ ପ୍ରଜାତିର ସ୍ତନ୍ୟପାୟୀ, ୮୨ ପ୍ରଜାତିର ପକ୍ଷୀ, ୩୧ ପ୍ରଜାତିର ସରୀସୃପ ଓ ୬ ପ୍ରଜାତିର ଉଭୟଚର ପ୍ରାଣୀ ଅଛନ୍ତି। ଭାରତୀୟ ଚିଡିଆଖାନାଙ୍କ ମଧ୍ୟରେ ନନ୍ଦନକାନନର ଜନ୍ତୁ ସଂଗ୍ରହ ସର୍ବାଧିକ।




### ଉନ୍ନତମାନର ବନ୍ୟପ୍ରାଣୀ ରକ୍ଷଣାବେକ୍ଷଣ

ନନ୍ଦନକାନନରେ ବନ୍ୟପ୍ରାଣୀଙ୍କ ଉନ୍ନତମାନର ରକ୍ଷଣାବେକ୍ଷଣ ପାଇଁ ଅତ୍ୟାଧୁନିକ ବନ୍ୟପ୍ରାଣୀ ଚିକିତ୍ସାଳୟ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା, ବନ୍ୟପ୍ରାଣୀ ଶାବକ ପାଳନ କେନ୍ଦ୍ର ଉପଲବ୍ଧ ଅଛି। ବନ୍ୟପ୍ରାଣୀଙ୍କ ରୋଗନିରୁପଣ ଓ ଗବେଷଣା ପାଇଁ ସଂରକ୍ଷଣ, ଅନୁସନ୍ଧାନ ଓ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟ କରୁଛି।




### ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ

ନନ୍ଦନକାନନରେ ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ ଯଥା ପରିବେଶ ସମ୍ବନ୍ଧୀୟ ଦିବସ ପାଳନ, ପ୍ରାଣୀ ଉଦ୍ୟାନ ରାଷ୍ଟ୍ରଦୂତ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ପାଇଁ ନନ୍ଦନକାନନରେ ଗୋଟିଏ ଦିନ, ଗବେଷଣାତ୍ମକ ଶିକ୍ଷା କାର୍ଯ୍ୟକ୍ରମ, ବିଦ୍ୟାଳୟରେ ପ୍ରାଣୀ ଉଦ୍ୟାନ ସମ୍ବନ୍ଧୀୟ ଶିକ୍ଷା କାର୍ଯ୍ୟକ୍ରମ ଓ ବିଜ୍ଞାନରେ ନାଗରିକଙ୍କ ଯୋଗଦାନ ଆଦି କାର୍ଯ୍ୟକ୍ରମ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ପାଇଁ ଉପାଦେୟ ହେଉଅଛି।

OIPR-08070/13/0123/2526

# ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଉଠାଇବାକୁ ଯାଇ ଶିକ୍ଷକଙ୍କ ଜୀବନ ଗଲା

ବୈପାରିଗୁଡ଼ା, ୪।୧୨(ସମିସ): ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଉଠାଇବାକୁ ଯାଇ ନିଜେ ଦୁର୍ଘଟଣାର ଶିକାର ହୋଇ ଜଣେ ଶିକ୍ଷକ ମୃତ୍ୟୁବରଣ କରିଛନ୍ତି। ବୈପାରିଗୁଡା ବ୍ଲକ ଅନ୍ତର୍ଗତ କୋଲାର ପଞ୍ଚାୟତର ଟାଙ୍ଗିଣିଗୁଡା ଠାରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲାର ଲୁଲୁ ଦାସ କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକର ବାଘଖୋଦରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ଟାଙ୍ଗିଣିଗୁଡା ଗ୍ରାମରେ ସେ ଘର ଭଡ଼ା ନେଇ ରହୁଥିଲେ। ଗତକାଲି ସନ୍ଧ୍ୟାରେ ଭଡ଼ା ଘରେ ରହୁଥିବା ମାଲିକଙ୍କ ଝିଅ ସ୍କୁଟି ଗାଡ଼ି ନେଇ କୌଣସି କାମରେ ବାହାରିଥିଲେ। ଟାଙ୍ଗିଣିଗୁଡା ସ୍କୁଲ ନିକଟରେ ସ୍କୁଟି ଏବଂ ଅନ୍ୟ ଏକ ବାଇକ୍ ମଧ୍ୟରେ ଧକ୍କା ହୋଇ ଦୁର୍ଘଟଣା ଘଟିଥିଲା। ଶିକ୍ଷକଙ୍କ ସହ ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟିବା ଦେଖି ଘଟଣାସ୍ଥଳରେ ପହଞ୍ଚିଥିଲେ। ଶିକ୍ଷକ ଲୁଲୁ ଦାସ ପଡ଼ିଥିବା ସ୍କୁଟିକୁ ଉଠାଇ ଘରକୁ ନେଇ ରଖିବା ପାଇଁ ବାହାରି ଥିଲେ। ସ୍କୁଟି ଷ୍ଟାର୍ଟ କରିବା ମାତ୍ରେ ଆପେ ଆପେ ସ୍କୁଟିଟି ଦ୍ରୁତ ଗତିରେ ଯାଇ ରାସ୍ତା ପାଶ୍ୱର୍ରେ ଫିଙ୍ଗି ହୋଇ ପଡ଼ିଯାଇଥିଲା। ଶିକ୍ଷକ ଲୁଲୁ ଦାସ ମଧ୍ୟ ଛିଟିକି ପଡିବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ବୈପାରିଗୁଡା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଲୁଲୁ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଜୟପୁର ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜୟପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ଲୁଲୁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗଞ୍ଜାମରୁ ତାଙ୍କ ପତ୍ନୀ ଏବଂ ସମ୍ପର୍କୀୟମାନେ ଜୟପୁରରେ ପହଞ୍ଚିଥିବା ଜଣାପଡ଼ିଛି।

# ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ଖଇରପୁଟ,୪।୧୨(ସମିସ): ଖଇରପୁଟ ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମୁଦୁଲିପଡ଼ା ପୋଡ଼ଘାଟ ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଖଇରପୁଟ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ, ମୁଖ୍ୟ ବକ୍ତା ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ନାୟକ, ସମାଜସେବୀ ଆନନ୍ଦ ଚାର୍କୀ, ସରପଞ୍ଚ ପୋଡ଼ଘାଟ ସୁଶ୍ରୀ ଗୁରମଲଲି, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମୁଦୁଲି, ସରପଞ୍ଚ ଖଇରପୁଟ ଦୈମତି ଗୋଲପେଦା, ସରପଞ୍ଚ ମୁଦୁଲିପଡ଼ା ସମ୍ବାରି ଧାଙ୍ଗଡ଼ାମାଝୀ, ସମିତି ସଭ୍ୟା ପୋଡ଼ଘାଟ ରାଧିକା କାଲାକୁରା, ନାଏବ ସରପଞ୍ଚ ମନୋଜ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିରେନ୍ଦ୍ର କୁମାର ପ୍ରଧାନ, ଆବାହକ ତଥା ଅଧ୍ୟକ୍ଷ ଆଦର୍ଶ ବିଦ୍ୟାଳୟ ପୋଡ଼ଘାଟ ରାଜୀବ କୁମାର ଦତ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ଗଣ୍ଡ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟର ୭ ସବ୍ ଥିମ୍‌ରୁ ୮୨ ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ପ୍ରସାଦ ବେହେରା, ବରେଣ୍ୟ ଅତିଥି ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ରାଜୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଘ୍ନ କିର୍ଷାନୀ, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ସଦସ୍ୟ ଶିବ ପ୍ରସାଦ ବେହେରା, ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ରହିଥିବା ବେଳେ ଆବାହକ ରାଜୀବ କୁମାର ଦତ୍ତ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଗଣ୍ଡ ଅଧ୍ୟକ୍ଷତା କରିଥିଲେ। ଚୟନ ହୋଇଥିବା କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରା ଯାଇଥିଲା। ୭ ଜଣ କୁନି ବୈଜ୍ଞାନିକ ଜିଲ୍ଲା ସ୍ତରକୁ ଚୟନ ହୋଇଥିଲେ। ଆଦର୍ଶ ବିଦ୍ୟାଳୟ ଗୁଣ୍ଡୁରୀଗୁଡା ଭାଗ୍ୟ ନନ୍ଦନ ଦେ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଣ୍ଡ୍ରାଗୁଡା ବବୁଲ ଚାଲାନ୍, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆମିଲିପୁଟର ସଙ୍ଗୀତା ଗୌଡ଼, ଉଚ୍ଚ ବିଦ୍ୟାଳୟ କାଲାପାଲିରୁ ନାରାୟଣ ମାଝୀ, ଆଦର୍ଶ ବିଦ୍ୟାଳୟ ପୋଡ଼ଘାଟରୁ ପ୍ରଭାତୀ ଦଳାଇ, ଉଚ୍ଚ ବିଦ୍ୟାଳୟ କୁଡୁମୁଲୁଗୁମ୍ମାରୁ ସଙ୍ଗୀତ ଧାଖଡ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶୁକ୍ରିପୁଟରୁ ଚୈତନ୍ ପାଙ୍ଗି ଜିଲ୍ଲାସ୍ତର ନିମନ୍ତେ ଚୟନ ହୋଇଛନ୍ତି। ସେହିପରି ୯ଟି ବ୍ଲକ୍‌ସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ମଞ୍ଚ ପରିଚାଳନା ଦେବରାଜ ସେଠୀ କରିଥିବା ବେଳେ ପତିତପାବନ ଦାଶ, ଦିଲ୍ଲୀପ କୁମାର ସାହୁ, ଏହା ସହିତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ ସିଆରସିସି ପ୍ରମୁଖ ସହଯୋଗ କରିଥିଲେ।

● ଧାନମିଲ ମାଲିକଙ୍କୁ ଅପହରଣ ଘଟଣା

# ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୪।୧୨ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହର ନିକଟସ୍ଥ ସଦରଥାନା ଅଞ୍ଚଳରେ ଗତ ମାର୍ଚ୍ଚ ୨୧ ତାରିଖ ରାତି ୮ ଟା ସମୟରେ ସହରର ଜଣାଶୁଣା ବ୍ୟବସାୟୀ ତଥା ମିଲ ମାଲିକ ଏ.କ୍ରିଷ୍ଣା ରାଓ (ଡି.ସି ରାଜୁ)ଙ୍କୁ ଅପହରଣ ଘଟଣାରେ ଆଜି ସଦର ଥାନା ପୁଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ଏହି ମାମଲାରେ ପୂର୍ବରୁ ୬ଜଣ ଗିରଫ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଓ ନାବାଳକଙ୍କ ସମେତ ସମୁଦାୟ ୪ ଜଣ ଫେରାର ରହିଥିଲେ। କିନ୍ତୁ ପୁଲିସ୍ ଆଜି ପୁଣି ଜଣେ ଫେରାର ଅଭିଯୁକ୍ତ ଜୟନଗର ପାଇକ ସାହି ୪ର୍ଥ ଲାଇନର ପ୍ରଶାନ୍ତ ବେହେରା ଓରଫ ଏମଡି. ଆର୍ଶୀବାଦ (୨୯)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଘଟଣା ଦିନ ଠାରୁ ଫେରାର ହୋଇ ରାୟଗଡା ଜିଲ୍ଲା ଗୁଣପୁର ଥାନା ସିଙ୍ଗୁବାଇ ଗ୍ରାମ ଠାରେ ଲୁଚି ରହିଥିଲେ। ସଦରଥାନା ପୁଲିସ କୌଣସି ସୂତ୍ରରୁ ଖବରପାଇ ଗତକାଲି ରାତିରେ ଉକ୍ତ ଗ୍ରାମ ଉପରେ ଚଢଉ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳତା ପାଇଥିଲେ। କିନ୍ତୁ ଏହିହି ମାମଲାରେ ମୁଖ୍ୟ ଷଡଯନ୍ତ୍ରକାରୀ ତଥା ଦୁର୍ଦ୍ଧାନ୍ତ ଅପରାଧି ଟାଉନ୍ ଥାନା ଖ୍ରୀଷ୍ଟିଆନ ସାହିର ଅଭିଜିତ ମହୁରିଆ ଫେରାର ରହିଛି। ପୁଲିସ ସୂଚନା ଅନୁଯାୟୀ, ଜୟପୁର ସହରର ଭୁପତି ସାହି ବାସିନ୍ଦା ତଥା ବ୍ୟବସାୟୀ ଏବଂ ମିଲ ମାଲିକ କ୍ରିଷ୍ଣା ରାଓ ନିଜ ଦୈନିକ ଉଦ୍ଧାର ଟଙ୍କା ଆଦାୟ କରିଥିବା ଟଙ୍କା ନେଇ ମିଲରୁ ଘରକୁ ଫେରୁଥିବା ବେଳେ ୫ରୁ ୬ଜଣ ଅଭିଯୁକ୍ତ ତାଙ୍କୁ ଜୋରଜବରଦସ୍ତ ଏକ କାର ଯୋଗେ ଅପହରଣ କରି ନେଇଥିଲେ। ଏହିପରି ତାଙ୍କୁ ବୋରିଗୁମ୍ମା ବ୍ଲକ ବି.ସିଙ୍ଗପୁର ଥାନା ପାହାଡ ଉପରେ ରହିଥିବା ରାମପୁଡିପଦର ଗ୍ରାମ ଠାରେ ନେଇ ଅଟକ ରଖିଥିଲେ। ଏହିପରି ଆପହର୍ତ୍ତାଙ୍କୁ ଭୟଭୀତ ପାଇଁ ଦୁର୍ବୃତ ମାନେ ବନ୍ଧୁକରୁ ଗୁଳି ଫୁଟାଇଥିଲେ। କିନ୍ତୁ ଏହାର ପରଦିନ ପୀଡିତ କ୍ରିଷ୍ଣାରାଓ କୌଶଳ କ୍ରମେ ଖସିଆସିବା ସହ ବୋରିଗୁମ୍ମା ଠାରେ ତାଙ୍କ ପୁଅ ତଥା ଅଭିଯୋଗକାରୀଙ୍କୁ ନେଇ ବୋରିଗୁମ୍ମା ଥାନାରେ ପହଞ୍ଚିଥିଲେ। ଅଭିଯୋଗକାରୀ ପୁଅ ପବନ କୁମାର ପୂର୍ବଦିନ ଜୟପୁର ସଦରଥାନାରେ ପିତାଙ୍କୁ ଅପହରଣ ନେଇ ଏତଲା ଦେଇଥିଲେ ଏବଂ ପୁଲିସ ଏକ ମାମଲା (୯୦/୨୫) ରୁଜୁ କରାଯାଇଥିଲା।

# ଛୁଟି ଦିନରେ ସ୍କୁଲ୍ ଖୋଲିଲେ ଶିକ୍ଷକ

ବୈପାରୀଗୁଡ଼ା,୪।୧୨(ସମିସ): ଆଜି ମାର୍ଗଶିର ମାସ ଶେଷ ଗୁରୁବାର ଯୋଗୁଁ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟ ବନ୍ଦ ଥିବା ବେଳେ ବୈପାରୀଗୁଡା ବ୍ଲକର ଟାଙ୍ଗୀନିଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଖୋଲା ରହିଥିଲା। ଯାହାକୁ ନେଇ ଅନେକ ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ ପାଇଛି। ଟାଙ୍ଗୀନିଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏହି ନିୟମ ମାନି ନାହାଁନ୍ତି। ସରକାରୀ ନିୟମ ଭାଙ୍ଗି ନିଜ ଇଚ୍ଛାରେ କେତେବେଳେ ବିଦ୍ୟାଳୟ ବନ୍ଦ କରୁଛନ୍ତି ତ ପୁଣି କେତେବେଳେ ବିଦ୍ୟାଳୟ ଖୋଲା ରଖୁଛନ୍ତି। ସରକାରଙ୍କ ବିନା ନିର୍ଦ୍ଦେଶରେ ସେ ଗତ ଗୁରୁବାର ୨୭।୧୧।୨୦୨୫ ତାରିଖ ଦିନ ଦିନ ମାର୍ଗଶୀର ମାସର ଶେଷ ଗୁରୁବାର ଦର୍ଶାଇ ସ୍ଥାନୀୟ ଛୁଟି ରୂପେ ବିଦ୍ୟାଳୟକୁ ଛୁଟି ଘୋଷଣା କରିଥିଲେ। ଏନେଇ ଅଭିଭାବକ ମହାଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ "ସକାଳ'ରେ ଖବର ମଧ୍ୟ ପ୍ରକାଶ ପାଇଥିଲା। ଏହାପରେ ବିଭାଗୀୟ ଅଧିକାରୀ ତତ୍ପରତା ଦେଖାଇ ଏଭଳି ଭୁଲ ନ କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ତାଗିଦ କରିଥିଲେ। ତଥାପି ଆଜି ପୁଣି ଥରେ ସରକାରୀ ନିୟମକୁ ଉଲଙ୍ଘନ କରି ସରକାରୀ ଛୁଟି ଦିନରେ ବିଦ୍ୟାଳୟ ଖୋଲି ବିବାଦକୁ ଆମନ୍ତ୍ରଣ କରିଛନ୍ତି ପ୍ରଧାନ ଶିକ୍ଷକ ଜଗମୋହନ ବାଗ। ଏନେଇ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ଗତ ନଭେମ୍ବର ୨୮ରେ ଅନୁଷ୍ଠିତ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଏହା ନିଷ୍ପତ୍ତି ହୋଇଥିବା କହିଥିଲେ। ଏନେଇ ବୈପାରୀଗୁଡା ବିଇଓ ସୁକାନ୍ତି କର୍ତ୍ତାମୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆଜି ବିଦ୍ୟାଳୟ ଖୋଲା ରହିବା ଘଟଣାଟି ସିଧାସଳଖ ସରକାରୀ ନିୟମ ଉଲ୍ଲଘନ ହୋଇଛି। ପ୍ରଧାନ ଶିକ୍ଷକଙ୍କ ଏଭଳି ଖୋଲାଖୋଲି ନିୟମ ଉଲ୍ଲଂଘନକୁ ନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ନାୟକ ଅଭିଯୋଗ ଆଣିଛନ୍ତି।

# ଭାଙ୍ଗିଲା ବେଆଇନ ଇକୋ-ରିଟ୍ରିଟ୍

'ସକାଳ' ପ୍ରଭାବ

କୋରାପୁଟ/ସେମିଳିଗୁଡା,୪।୧୨(ସମିସ): ଗତ ଦେଢ଼ ମାସ ହେଲା ପର୍ଯ୍ୟଟନ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ବିଭାଗର ବିନା ଅନୁମତିରେ ତାଡାମାଳି ପର୍ବତରେ 'ଗୋ-କୋରାପୁଟ' ନାମକ ଘରୋଇ ସଂସ୍ଥା ବେଆଇନ ଭାବେ ଇକୋ ରିଟ୍ରିଟ ସ୍ଥାପନା କରି ପର୍ଯ୍ୟଟକ ମାନଙ୍କ ଠାରୁ କୋଟି କୋଟି ଟଙ୍କା ଲୁଟିବା ପରେ ପ୍ରଶାସନ ପକ୍ଷରୁ ଗୁରୁବାର ବେଆଇନ ନିର୍ମାଣ ଉଚ୍ଛେଦ କରାଯାଇଛି। ଗତ ମାସ ୨୦ ତାରିଖରେ ଏ ସମ୍ପର୍କରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, କୋରାପୁଟ ତହସିଲଦାର ଶୟଦ ସବୀର ଶାହା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନୀ ପ୍ରମୁଖ ପୁଲିସ ଫୋର୍ସ ସହ ତାଡାମାଳିରେ ପହଞ୍ଚି ବେଆଇନ ଇକୋ ରିଟ୍ରିଟ ଉଚ୍ଛେଦ କରିଛନ୍ତି। ତେବେ ବର୍ତ୍ତମାନ ବେଆଇନ ନିର୍ମାଣକାରୀ ସଂସ୍ଥା 'ଗୋ-କୋରାପୁଟ' ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନଥିବା ବେଳେ ଏ ଦିଗରେ ଜିଲ୍ଲାପାଳ ନିଷ୍ପତି ନେବେ ବୋଲି ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ପ୍ରତିକ୍ରିୟା ଦେଇଛନ୍ତି। ଅନ୍ୟ ପକ୍ଷରେ ଜିଲ୍ଲା ପ୍ରଶାସନର ଅଗୋଚରରେ ଏକ ସଂସ୍ଥା ସମ୍ବେଦନଶୀଳ ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରି ବେଆଇନ ଭାବେ ବିଳାସପୂର୍ଣ୍ଣ ତମ୍ବୁ ସହ ପଞ୍ଚ ତାରକା ହୋଟେଲର ଖାଦ୍ୟ ପେୟ ଦେଇ ପର୍ଯ୍ୟଟକ ମାନଙ୍କ ଠାରୁ କୋଟି କୋଟି ଟଙ୍କା ଲୁଟି ନେଲା ଅଥଚ ପ୍ରଶାସନ କୌଣସି ପଦକ୍ଷେପ ନନେବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ସମ୍ପୃକ୍ତ ସଂସ୍ଥା ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ ଦାବୀ ହେଉଛି। ସୂଚନା ଥାଉକି ଗୋ କୋରାପୁଟ ଓ କୋରାପୁଟ ହିଲଟପ କାର୍ଣୀବାଲ ବା କେ ଏଚ ସି ନାଁରେ ସିମିଳିଗୁଡା ଓ କୋରାପୁଟ ବ୍ଲକର ମଧ୍ୟ ଭାଗରେ ଥିବା ତାଡାମାଳି ପର୍ବତ ଉପରେ ଅକ୍ଟୋବର ମାସ ଶେଷ ଶେଷ ଭାଗରୁ ଅସ୍ଥାୟୀ ଇକୋ ରିଟ୍ରିଟ ସ୍ଥାପନା କରିଥିଲେ। ଏହି ଦୁଇଟି ସଂସ୍ଥା ବେଧଡକ ଭାବେ ହୋଟେଲ, ରେଷ୍ଟରାନ୍ଟ, ଉଇଣ୍ଟର ପ୍ରୁଫ ବିଳାସ କ୍ୟାମ୍ପ କରି ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କ ନିକଟରୁ ଚଢା ଦରରେ ଅର୍ଥ ଆଦାୟ କରି ଆସୁଥିଲେ. ।ଏହି ଦୁଇଟି ସଂସ୍ଥା ଦ୍ୱାରା ସମଗ୍ର ଅଂଚଳକୁ ଅସ୍ଥାୟୀ ପାଚେରୀ କରି ଫାଟକ ଲଗାଇ ପର୍ଯ୍ୟଟକଙ୍କୁ ଅଙ୍କୁଶ ଲଗାଇବା ସହିତ ପର୍ଯ୍ୟଟକଙ୍କ ଠାରୁ କେବଳ ବୁଲିବା ପାଇଁ ଜଣକ ପିଛା ୩୦ ଟଙ୍କା,ପାର୍କିଙ୍ଗ ବାବଦରେ ଚାରି ଚକିଆ ଗାଡ଼ି ପାଇଁ ୫୦ ଓ ଦୁଇ ଚକିଆ ପାଇଁ ୨୦ ଟଙ୍କା ଲେଖାଏଁ ଆଦାୟ କରୁଥିଲେ। କେବଳ ସେତିକି ନୁହଁ ବିଳାସ ପୂର୍ଣ୍ଣ ତମ୍ବୁରେ ରହିବା ଓ ଖାଦ୍ୟ ପେୟ ବାବଦରେ ମଧ୍ୟ ଖୁବ୍ ଚଢା ଦର ନିଆ ଯାଉଥିଲା। ଏହାକୁ ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରି ସେହି ସ୍ଥାନରେ ବହୁ ସଂଖ୍ୟାରେ ଗାଡି ବୁଲାବୁଲି କରିବା ଦ୍ୱାରା ସବୁଜ ଘାସ ନଷ୍ଟ ହେଉଥିବାରୁ ଗାଇଗୋରୁଙ୍କ ପାଇଁ ଖାଦ୍ୟ ସଙ୍କଟ ଦେଖା ଦେଉଛି ବୋଲି ଅଭିଯାଗ ହୋଇଥିଲା। ଏହି ବେଆଇନ ଇକୋ ରିଟ୍ରିଟ ଯୋଗୁ ସ୍ଥାନୀୟ ଯୁବକ ଯୁବତୀ ରୋଜଗାର ହରାଇଥିଲେ। ତେବେ ବିଳମ୍ବରେ ହେଲେ ମଧ୍ୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଇ ଥିବାରୁ ପ୍ରଶାସନକୁ ସ୍ଥାନୀୟ ଲୋକେ କୃତଜ୍ଞତା ଜଣାଇଛନ୍ତି।



# ଅଙ୍ଗନାବଡି କେନ୍ଦ୍ର ପ୍ରାର୍ଥିନୀ ଚୟନକୁ ନେଇ ବିବାଦ

କୋରାପୁଟ/ପୋଡ଼ାଗଡ ୪।୧୨(ସମିସ): ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ପୋଡାପଦର ଅଙ୍ଗନବାଡି କେନ୍ଦ୍ର ୧ ନିମନ୍ତେ ଅଙ୍ଗନବାଡି ୨ କେନ୍ଦ୍ରର ପ୍ରାର୍ଥୀନୀଙ୍କ ଆବେଦନକୁ ବିରୋଧ କରି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୋଡାପଦର ଅଙ୍ଗନବାଡି କେନ୍ଦ୍ର ୧ ସାହିର କର୍ମୀ ନିଯୁକ୍ତି ନିମନ୍ତେ ରଞ୍ଜିତା ହିକକା, ହେମାବତି ସାଉନ୍ତା ଓ ରଚନା ଆବେଦନ କରିଛନ୍ତି। କିନ୍ତୁ ଉକ୍ତ ପଦବୀ ନିମନ୍ତେ ଅଙ୍ଗନବାଡି ୨ ସାହିର ମମତା ହିକକା ଆବେଦନ କରିଥିବାରୁ ଏହାକୁ ଗ୍ରାମବାସୀ ମାନେ ବିରୋଧ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିଜ ଘରଠାରୁ ୩୦୦ ମିଟର ଦୂରରେ ଗୃହ ନିର୍ମାଣ କରିଛନ୍ତି। ଯାହାକି ଅଙ୍ଗନବାଡି ୨ କେନ୍ଦ୍ର ଅଧିନରେ ରହିଛି। ତେଣୁ ଏହାର ତଦନ୍ତ କରି କେବଳ ସ୍ଥାନୀୟ ସାହିର ଆବେଦନକାରୀ ମାନଙ୍କୁ ଚୟନ କରାଯାଉ ବୋଲି ଦାବି କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ମିଳିଛି ଉକ୍ତ ଅଭିଯୋଗର ତଦନ୍ତ କରିବାକୁ କୋରାପୁଟ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ମଣ୍ଡଳ ସ୍ତରୀୟ ପ୍ରଦର୍ଶନୀ ମେଳା



କୋରାପୁଟ,୪।୧୨(ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରିବେଶ ଶିକ୍ଷା କାର୍ଯକ୍ରମ ଆନୁକୁଲ୍ୟରେ ପରିବେଶ ପାଇଁ ପୋଷଣୀୟ ଜୀବନ ପ୍ରଣାଳୀ ଉପରେ ପର୍ଯ୍ୟବେସିତ ମଣ୍ଡଳ ସ୍ତରୀୟ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ଅଧ୍ୟକ୍ଷା ସସ୍ମିତା ମେଲେକା ମୁଖ୍ୟ ଅତିଥି ଭାବେ ଓ ସ୍ୱାମିନାଥନ ରିସର୍ଚ୍ଚ ଫାଉଣ୍ଡେସନ ଜୟପୁରର ବରିଷ୍ଠ ବୈଜ୍ଞାନିକ ଡ. କାର୍ତ୍ତିକ ଲେଙ୍କା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ।ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସଂଯୁକ୍ତା କଅଁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରୀତା ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ।ଏହି କାର୍ଯକ୍ରମରେ ମଣ୍ଡଳର ବିଭିନ୍ନ ବିଦ୍ୟାଳୟରୁ ମୋଟ ୫୦ଟି ଅଭିନବ ତଥା ସୃଜନାତ୍ମକ ମଡେଲ ପ୍ରଦର୍ଶିତ ହୋଇଥିଲା। ଓଡିଶା ଆଦର୍ଶ ବିଦ୍ୟାଳୟ ମାଛରା ପ୍ରଥମ, ମାନବାର ଅପଗ୍ରେଡ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ନିଘାମାନିଗୁଡା ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ସେମାନଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା।ଏଥି ସହ ସମସ୍ତ ଅଂଶ ଗ୍ରହଣକାରୀ ଓ ଗାଇଡ ଶିକ୍ଷକ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବ୍ଲକର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବାସୁଦେବ ଦାସ, ସୁରେଶ ଗୁପ୍ତା, ଜୟନ୍ତ ସାହୁ, ସନ୍ତୋଷ ମହାପାତ୍ର, ଲୁଙ୍ଗେରା ଶଙ୍କର, କମୁଲୁ ହନ୍ତାଲ, ସୁଧାଂଶୁ ମହାନ୍ତି ଓ ଶିକ୍ଷକ ଗଜନି ଚନ୍ଦ୍ର ଶେଖର ଏବଂ ବିଇଓ କାର୍ଯ୍ୟାଳୟର ମନୋଜ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଲୋକୋ ପାଇଲଟଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

କୋରାପୁଟ,୪।୧୨(ସମିସ): ଅଲଇଣ୍ଡିଆ ଲୋକୋ ରନିଙ୍ଗ ଷ୍ଟାପ ଆସୋସିଏସନ ଓାଲଟିୟର ଡିଭିଜନ କୋରାପୁଟ ଶାଖା ତରଫରୁ ୧୦ ଦଫା ଦାବିନେଇ ରେଳରେ କାର୍ଯ୍ୟରତ ଲୋକୋ ପାଇଲଟ ମାନେ କରିଥିବା ୪୮ ଘଣ୍ଟିଆ ହଙ୍ଗର ଷ୍ଟ୍ରାଇକରୁ ଉଠିଛନ୍ତି। ୪୮ ଘଣ୍ଟା ଧରି ଭୋକ ଉପାସରେ ଷ୍ଟ୍ରାଇକି ରେ ବସିଥିବା ସମସ୍ତ ଲୋକପାଇଲଟ, ଆସିଷ୍ଟାଣ୍ଟ ଲୋକପାଇଲଟ ଓ ଟ୍ରେନ ମ୍ୟାନେଜର ମାନେ ପଇଡ଼ ପାଣି ପିଇ ହଙ୍ଗର ଷ୍ଟ୍ରାଇକରୁ ଉଠିଛନ୍ତି। ଲୋକୋ ପାଇଲଟଙ୍କ ବିଭିନ୍ନ ସମସ୍ୟା ଉପରେ ରେଳ ବିଭାଗ ଅବଗତ ଥିଲେ ମଧ୍ୟ ଦୀର୍ଘବର୍ଷ ହେବ ହେଉଥିବା ଦାବି ଉପରେ ଗୁରୁତ୍ୱ ଦେଉନାହିଁ। ସେଣ୍ଟ୍ରାଲ କମିଟିର ନିର୍ଦ୍ଦେଶ ପ୍ରକାରେ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି କୋରାପୁଟ ଲୋକ ପାଇଲଟ ସଂଘର ସଭାପତି ରାମ ଜି କୁମାର କହିଛନ୍ତି।

# ଜିଏନ୍‌ଏମ୍ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

ରାୟଗଡା, ୪।୧୨ (ସମିସ): ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟ, ରାୟଗଡାର ନର୍ସି ବିଦ୍ୟାଳୟରେ ଜିଏନ୍‌ଏମ ୨୦୨୫-୨୬ ବ୍ୟାଚ୍‌ର ନୂଆ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଞ୍ଚଳିକ ନିର୍ଦ୍ଦେଶକ ଡା. ରାଜେଶ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ତା'ପରେ ନର୍ସି ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଏକ ବିସ୍ତୃତ ଓରିଏଣ୍ଟେସନ୍ ସେସନ୍ ପ୍ରଦାନ କରିଥିଲେ। ଏହାସହ ଫାର୍ମାସି ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ମଧ୍ୟ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ। ପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଏକ ନିର୍ଦ୍ଦେଶିତ କ୍ୟାମ୍ପସ୍ ପରିଦର୍ଶନକୁ ନେଇଯାଇଥିଲା।

● ବରିଷ୍ଠ ବ୍ୟବସାୟୀଙ୍କ ପରଲୋକ

# ବଣିକ ସଂଘର ଶୋକସଭା



ତେନ୍ତୁଳିଖୁଣ୍ଟି,୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଇନ୍ଦ୍ରାବତୀର ବରିଷ୍ଠ ବ୍ୟବସାୟୀ ଆନନ୍ଦ କୁମାର ସାହୁ (୭୮) ପରଲୋକ ଘଟିଛି । ବଣିକ ସଂଘ ଗଠନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏହିଭଳି ଜଣେ ସଦସ୍ୟଙ୍କୁ ହରାଇ ଇନ୍ଦ୍ରାବତୀ ବଣିକ ସଂଘ ଦୁଃଖ ପ୍ରକାଶ କରିବା ସହ ତାଙ୍କର ଆତ୍ମାର ସଦଗତି କାମନା କରି ସ୍ଥାନୀୟ ଦୁର୍ଗା ମଣ୍ଡପ ପରିସରରେ ଏକା ଶୋକସଭା ଆୟୋଜନ କରି ନିରବ ପ୍ରାର୍ଥନା କରିଛନ୍ତି । ବଣିକ ସଙ୍ଘ ସଭାପତି ଏସ ମୃତ୍ୟୁଞ୍ଜୟ ପାତ୍ର, ନାରାୟଣ ସାହୁ,ମନୋଜ ମହାପାତ୍ର, କୃପାନିଧି ରାଉତ, ରମେଶ ନାହାକ, ଟୁକୁନା ବେହେରା, ମହେଶ୍ୱର ମହାନ୍ତି, ଗଣେଶ ସାହୁ, ବାପୁନି ସୁବୁଦ୍ଧି, ଶତ୍ରୁଘ୍ନ ଜେନା, ବାଉରୀ ବନ୍ଧୁ ଗୌଡ଼, ରାଜଲକ୍ଷ୍ମୀ ଠିକାସଂସ୍ଥା ଇଂ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ତାଙ୍କର ଅବଦାନକୁ ସ୍ମରଣ କରିବା ସହ ଆତ୍ମାର ସଦ୍‌ଗତି କାମନା କରିଥିଲେ

# ରାସ୍ତାରେ ମୋରମ ବଦଳରେ ମାଟି

ବୈପାରୀଗୁଡ଼ା, ୪।୧୨(ସମିସ): ଠକି ଦେଉଥିଲା ଠିକାଦାର। ମୋରମ ବଦଳରେ ପଡୁଥିଲା ହାଲୁକା ମାଟି। ନିମ୍ନମାନର ରାସ୍ତା କାମକୁ ନେଇ ଅଭିଯୋଗ ପରେ ରାସ୍ତା କାମ ବନ୍ଦ କରାଇଲେ ବିଭାଗୀୟ ଅଧିକାରୀ। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ରାସ୍ତାର ମୁଣ୍ଡଗୁଡା ଠାରେ ଆଜି ଅପରାହ୍ନ ୩ ସମୟରେ ଏଭଳି ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପିଡାବ୍ଲୁଡି ବିଭାଗ ପକ୍ଷରୁ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ ଗୁପ୍ତେଶ୍ୱର ରାସ୍ତା ବୈପାରୀଗୁଡା ଠାରୁ ବାଲିଗାଁ ପର୍ଯ୍ୟନ୍ତ ୧୫ କିଲୋ ମିଟର ପ୍ରଶସ୍ତି କରଣ ସାଙ୍ଗକୁ ମରାମତି ଚାଲିଛି ।ରାସ୍ତାର ଉଭୟ ପାଶ୍ୱର୍ରେ ମୁରୁମ ପକାଇ ପାଣି ମଡ଼ାଇ କମ୍ପସନ କରିବା ନିୟମ ରହିଛି। କିନ୍ତୁ ଠିକାଦାର ଠକିଦେଉଥିଲା। କେବଳ ହଳୁକା ମାଟି ଡ଼ାକି କାମ ସାରି ଦେଉଥିଲେ। ଯାହାକି ବର୍ଷା ଦିନେ ପୁଣି ଯେମିତି ଅବସ୍ଥା କୁ ସେମିତି ଅବସ୍ଥା କାଦୁଅରେ ଭରିଯିବ। ଲକ୍ଷ ଲକ୍ଷ ଟଙ୍କା ପାଣିରେ ମିଶିବ। ଯାହାକୁ ନେଇ ଗ୍ରାମବାସୀ ଅଭଯୋଗ କଲେ। ଏନେଇ ପିଡାବ୍ଲୁଡି କନିଷ୍ଠ ଯନ୍ତ୍ରୀ ଶ୍ୟାମ ସୁନ୍ଦର ଗୁରୁଙ୍କୁ ପଚାରିବାରୁ ନିମ୍ନ ମାନର ରାସ୍ତା କାମକୁ ନେଇ କାମ ବନ୍ଦ ପାଇଁ ନିର୍ଦେଶ ଦିଆଯାଇଛି। ମୁରୁମ ଢାଳି ସଠିକ କାମ କଲେ ବିଲ ପାଇବେ ବୋଲି ଠିକାଦାରଙ୍କୁ ତାଗିଦ୍ କରିଛନ୍ତି।

# ଦେଶୀ ମଦ ସହ ୨ ଗିରଫ

ଜୟପୁର, ୪।୧୨(ସମିସ) : ଜୟପୁର ଅବକାରୀ ପୁଲିସ ପକ୍ଷରୁ ଦୁଇଟି ସ୍ଥାନରେ ଚଢଉ କରାଯାଇ ଚାଲାଣ ବେଳେ ସମୁଦାୟ ୨୮ ଲିଟର ବେଆଇନ ଦେଶୀ ମଦ ଜବତ କରିଛନ୍ତି। ପ୍ରଥମ ଘଟଣାରେ ଜୟପୁର ସଦରଥାନା କଙ୍ଗା ଗ୍ରାମପଞ୍ଚାୟତ ଅଞ୍ଚଳରେ ବେଆଇନ ଭାବେ ଦେଶୀ ମଦ ଏକ ପୁରୁଣା ଗାଡି ଟ୍ୟୁବରେ ଚାଲାଣ କରୁଥିବା ବେଳେ ଖଟଲାଗୁଡା ଗ୍ରାମର ତ୍ରିନାଥ ବାଗରିଆ (୩୬)ଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ବେଆଇନ ୧୨ ଲିଟର ଦେଶୀମଦ ଜବତ କରାଯାଇଛି ଏବଂ ଦ୍ୱିତୀୟ ଘଟଣାରେ ସ୍ଥାନୀୟ ପାତ୍ରପୁଟ ଅଞ୍ଚଳରେ ବେଆଇନ ଭାବେ ଦେଶୀ ମଦ ଚାଲାଣ କରୁଥିବା ବେଳେ ଉକ୍ତ ଗ୍ରାମର ଘାସି ଗୋଲରୀ (୪୦)ଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ୧୬ ଲିଟର ଦେଶୀମଦ ଜବତ କରାଯାଇଥିବା ନେଇ ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶୋରୀ ହିରନ ପ୍ରକାଶ କରିଛନ୍ତି। ଅବକାରୀ ବିଭାଗର ସୂଚନାକୁ ଭିତ୍ତି କରାଯାଇ ଅବାକାରୀ ଥାନା ଅଧିକାରୀଙ୍କ ନେତୃତ୍ୱରେ ଅବକାରୀ କର୍ମଚାରୀ ମାନେ ଚଢ଼ଉରେ ସାମିଲ ରହିଥିଲେ।

# ମଣ୍ଡେଇ ମହୋତ୍ସବ ନେଇ ଆଲୋଚନା ଚକ୍ର

ନବରଙ୍ଗପୁର,୪।୧୨(ସମିସ): ନବରଙ୍ଗପୁର ମହାବିଦ୍ୟାଳୟ ସମ୍ମିଳନୀ ଗୃହରେ ମଣ୍ଡେଇ ମହୋତ୍ସବ -୨୦୨୫ ସ୍ମରଣିକା ଉପଲକ୍ଷେ ଏକ ପ୍ରବନ୍ଧ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଅଧ୍ୟକ୍ଷ ସ୍ମରଣିକା କମିଟି ବିରଞ୍ଚି ନାରାୟଣ ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ରୂପେ ସ୍ମରଣିକା କମିଟି ଉପାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ନବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଡି ଗୋବିନ୍ଦ ରାଓ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଲେଖିକା ପ୍ରଭାସିନୀ ମହାନ୍ତି, ମହାବିଦ୍ୟାଳୟ ପ୍ରଧାପିକା ସଙ୍ଗୀତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ମରଣିକା କମିଟି ଉପାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଉପାଧ୍ୟକ୍ଷ ନବରଙ୍ଗପୁର ମହାବିଦ୍ୟାଳୟ ସଙ୍ଗୀତା ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିଲେ। "ସାହିତ୍ୟରଥୀ ଭାଗିରଥିଙ୍କ ଉପରେ ଅବସରପ୍ରାପ୍ତ ଡ. ବିଜୟ କୁମାର ମିଶ୍ର," ଆଦିବାସୀ ଲୋକଗୀତ ଉପରେ ଲେଖିକା ଜେମାମଣି ବିଷୋୟୀ, ମା ମାଟିର ପ୍ରଥମ ସହିଦ ବଗା ପୁଜାରୀ ଉପରେ ବଲ୍ଲଭ ନାରାୟଣ ରାଉତ, ମଣ୍ଡେଇ ଅତୀତଓ ବର୍ତ୍ତମାନ ଉପରେ ଡ଼ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଲୋକଙ୍କ ପାଇଁ ସରକାରଙ୍କ ଆଭିମୁଖ୍ୟ ଉପରେ ସିଡିଓ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ନବରଙ୍ଗପୁର ଅଭିନୟ ଶ୍ରୀ ଶ୍ରୀରାମ ପଣ୍ଡା ଉପରେ ରାମ ପ୍ରସାଦ ପାତ୍ର, 'ଅର୍ଦ୍ଧ ଶତାବ୍ଦୀର ମୋ ନବରଙ୍ଗପୁର' ଉପରେ ଶିକ୍ଷାବିତ୍ ବିଜୟ କୁମାର ଚୌଧୁରୀ, 'ନବରଙ୍ଗପୁର ପ୍ରାଚୀନ ଇତିହାସ ମନ୍ଦିର ମାଳିନୀ' ଉପରେ ନାରାୟଣ ପଣ୍ଡା, 'ତ୍ୟାଗ ଓ ବଳିଦାନର ଦେବୀ ମା ପେଦ୍ରାଣୀ'ଙ୍କ ଉପରେ କେଦାରେଶ୍ୱର ପଟ୍ଟନାୟକ ଏବଂ ଶେଷରେ ହେମଲତା ମାଝୀ ନିଜର ପ୍ରବନ୍ଧ ପାଠ କରିଥିଲେ।

# ପ୍ରେମିକ ଘର ଆଗରେ ପ୍ରେମିକାର ଧାରଣା; ଅଭିଯୁକ୍ତ ଗିରଫ

ପୋଡ଼ାଗଡ଼, ୪।୧୨(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ପୋଡ଼ାଗଡ ପଞ୍ଚାୟତ ଅନ୍ତର୍ଗତ ଛଟାଗୁଡା ନିକଟ ନୂଆଗୁଡା ଗ୍ରାମର ପ୍ରେମିକ ଘର ଅଗଣାରେ ବିବାହ ନିମନ୍ତେ ପ୍ରେମିକା ଧାରଣାରେ ବସିଥିଲା। କେହି ନ ଶୁଣିବାରୁ ସୋମବାର ଅପରାହ୍ନରେ ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ଦଶମନ୍ତପୁର ଥାନା ଅଧିକାରୀ ସୁକୁମା ହାଁସଦା ଏକ ଟିମ୍ ଗଠନ କରି ଉକ୍ତ ପିଲାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତ ରାମେଶ୍ୱର ବିଷଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଏକ୍ସ-କ୍ୟାଡର ଶିକ୍ଷକ ସଂଘ ଗଠନ




ପାପଡାହାଣ୍ଡି,୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଡାକ ବଙ୍ଗଳା ଠାରେ ଜିଲ୍ଲାସ୍ତରୀୟ ଏକ୍ସକ୍ୟାଡର ଶିକ୍ଷକ ସଂଘ ଗଠନ କରାଯାଇଛି। ପୁରୁଣା ସଙ୍ଘ ଭଙ୍ଗାଯାଇ ନୂତନ ସଙ୍ଘ ଗଠନ କରାଯାଇଛି। ରାଜ୍ୟ ଏକ୍ସକ୍ୟାଡର ସଙ୍ଗ ଉପ ସଭାପତି ସବାସୀ ଗଣ୍ଡ ଓ ରାଜ୍ୟ ସାଧାରଣ ସମ୍ପାଧକ ହାନେଶ ପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏକ୍ସକ୍ୟାଡର ଶିକ୍ଷକ ମାନଙ୍କ ଲାଗି ରହିଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା। ରାଜ୍ୟ ସଂଘ ସମ୍ପାଦକ ହାନେଶ ପାତ୍ର ନିଜ ମତ ରଖିଥିଲେ। ଏହି ଅବସରରେ ପୁରୁଣା ସଂଘ ଭଙ୍ଗ କରିବା ସହ ନୂତନ ଜିଲ୍ଲା ସ୍ତରୀୟ ଏକ୍ସକ୍ୟାଡର ସଂଘ ଗଠନ କରିବା ପାଇ ପ୍ରସ୍ତାବ ପାରିତ ହୋଇଥିଲା। ସର୍ବସହମତି କ୍ରମେ ସଭାପତି ଭାବେ ମଙ୍ଗଳା ବେହେରା, କାର୍ଯ୍ୟକାରୀ ସଭାପତି ମୁରଲୀ ଧର ନାୟକ, ସମ୍ପାଧକ ଦିଲ୍ଲୀପ କୁମାର ସ୍ୱାଇଁ, ସହ ସମ୍ପାଦକ ରବୀନ ଚନ୍ଦ୍ର, କୋଷାଧକ୍ଷ ବସନ୍ତ କୁମାର ନାୟକ, ସହ କୋଷାଧକ୍ଷ ଜେମା ସଗରୀୟାକୁ ସର୍ବସମ୍ମତି ଭାବେ ମନୋନୀତ କରାଯାଇଥିଲା। ସେହିଭଳି ସଂଘର ଉପ ସଭାପତି ଭାବେ ପ୍ରଦୀପ କୁମାର ପାଢ଼ୀ, ଖେଟୁଡୁ ଦାସ ପନକା, ପର୍ଶୁରାମ ମାଝୀ, ନିରାକାର ପ୍ରଧାନ, ମୋତିଲାଲ ଯୋଶୀ, ହିମାଂଶୁ ଶେଖର ଗୌଡ଼କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସାଂଗଠନିକ ସମ୍ପାଧକେ ଭାବେ ଫଗଣୁ ବଞ୍ଜାରା, ବାସ ନାୟକ, ନବଘନ ଗୌଡ଼,ବିପିନ ସୁନା, ଲିଙ୍ଗରାଜ ସାହୁ, ସଂଯୁକ୍ତା ରେଖା ଓ ଆବାହକ ଭାବେ ଅବଦୁଲ ଜଲିଲ, ମିଡ଼ିଆ ସଂଯୋଜକ ବିନୋଦ ହରିଜନ କୁ ଦାୟିତ୍ୱ ପ୍ରଦାନ କରାଯାଇଛ। ଶେଷରେ ମେଘସ୍ଥିନ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁପତ୍ର ତୋଳାଳୀଙ୍କୁ ମୃତ୍ୟକାଳୀନ ସହାୟତା ରାଶି ବଣ୍ଟନ



ମାଲକାନଗିରି,୪।୧୨(ସମିସ): ମାଲକାନଗିରି ଜିଲ୍ଲା ସଦର ସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ କେନ୍ଦୁଲିଫ ବିଭାଗ ପକ୍ଷରୁ ମୃତ୍ୟୁବରଣ କରିଥିବା କେନ୍ଦୁପତ୍ର ତୋଳାଳୀ ମାନଙ୍କ ପରିବାର ବର୍ଗଙ୍କୁ ମୃତ୍ୟକାଳୀନ ସହାୟତା ରାଶି ବଣ୍ଟନ କରାଯାଇଛି। ମାଲକାନଗିରି ଜିଲ୍ଲାରେ କେନ୍ଦୁପତ୍ର ଗଛ ବହୁ ପରିମାଣରେ ରହିଥିବା ବେଳେ ଏଠାକାର ଗରିବ ଶ୍ରେଣୀର ଲୋକ ଏହି କେନ୍ଦୁପତ୍ରକୁ ସଂଗ୍ରହ କରି ସରକାରୀ ପଞ୍ଜିକୃତ ବେପାରୀମାନଙ୍କୁ ବିକ୍ରୟ କରି ନିଜର ପେଟ ପୋଷିଥାନ୍ତି। ଏହି କେନ୍ଦୁପତ୍ର ଜିଲ୍ଲାର ଲୋକମାନଙ୍କୁ ବର୍ଷକ ୧୨ ମାସ ମଧ୍ୟରେ ୬ ମାସର ରୋଜଗାର ଯୋଗାଇଥାଏ। ତେବେ ବିଗତ ଦିନରେ ବହୁ ସମୟରେ ଏହି କେନ୍ଦୁପତ୍ର ତୋଳିବାକୁ ଯାଇ ତୋଳାଳୀ ମାନେ ମୃତ୍ୟୁବରଣ କରିବାର ନଜର ରହିଛି। ତେବେ ଏହି ମୃତ୍ୟୁବରଣ କରିଥିବା ପରିବାର ବର୍ଗଙ୍କୁ ଆଜି ସରକାରଙ୍କ ତରଫରୁ ଦିଆଯାଉଥିବା ୨ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ମୃତ୍ୟୁବରଣ କରିଥିବା ୧୪୫ କେନ୍ଦୁପତ୍ର ତୋଳାଳୀ ମାନଙ୍କ ପରିବାରଙ୍କୁ ୨ କୋଟି ୯୦ ଲକ୍ଷ ଟଙ୍କା ବଣ୍ଟନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ, ଅନ୍ୟତମ ଅତିଥି ଭାବେ ମାଲକାନଗିରି ଖଣ୍ଡୀୟ ବନ ଅଧିକାରୀ ସାଇ କିରଣ, କେନ୍ଦୁଲିଫ ଡିଏଫଓ ଏ ଉମା ମହେଶ, ଜିଲ୍ଲା ନିଯୋଜନ ଅଧିକାରୀ ଗୁପ୍ତ ମାଢି, ଜିଲ୍ଲା ବିଜେପି ସଭାପତି ଅଶୋକ ପରିଡା, ଅବସରପ୍ରାପ୍ତ ବନ କର୍ମଚାରୀ ଦୁର୍ଯୋଧନ ପାତ୍ର ଯୋଗ ଦେଇଥିବା ବେଳେ ମାଲକାନଗିରି କେନ୍ଦୁଲିଫ ରେଞ୍ଜର ଆର.କେ ସଡଙ୍ଗୀ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

## ବଦଳିବ ରାୟଗଡା ରୂପରେଖ

# ରାୟଗଡ଼ା ସହର ପାଇଁ ଜିଆଇଏସ୍ ଭିତ୍ତିକ ମାଷ୍ଟର ପ୍ଲାନ୍




### ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅଂଶୀଦାର କର୍ମଶାଳା

ରାୟଗଡ଼ା,୪।୧୨(ସମିସ): ଆଜି ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟର ଅମୃତ-୨.୦ ଯୋଜନା ଅନ୍ତର୍ଗତ ରାୟଗଡ଼ା ସହରର ଜିଆଇଏସ୍ ଭିତ୍ତିକ ମାଷ୍ଟର ପ୍ଲାନ ପ୍ରସ୍ତୁତି ନିମନ୍ତେ ଏକ ଅଂଶୀଦାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ନଗର ଯୋଜନା ନିର୍ଦ୍ଦେଶାଳୟ ଏବଂ ଅଲ୍‌ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଲୋକାଲ୍ ସେଲ୍ଫ ଗଭର୍ଣ୍ଣମେଣ୍ଟର ମିଳିତ ସହଯୋଗରେ ଏହି ବୈଠକ ଆୟୋଜିତ ହୋଇଥିଲା। ରାୟଗଡ଼ା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ୨୦୫୧ ମସିହା ପର୍ଯ୍ୟନ୍ତ ସହରର ଭବିଷ୍ୟତ ଦୃଷ୍ଟିକୋଣକୁ ନେଇ ପ୍ରସ୍ତୁତ ହେଉଥିବା ମାଷ୍ଟର ପ୍ଲାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ଉପ ଜିଲ୍ଲାପାଳ, ରାୟଗଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ତହସିଲଦାର, ଜିଲ୍ଲା ବନଖଣ୍ଡ ଅଧିକାରୀ, ଅଧକ୍ଷ ରାୟଗଡ଼ା ପୌରପରିଷଦ ପୌରପାଳିକାର ନିର୍ବାହୀ ଅଧିକାରୀ, ଏଆଇଆଇଏଲଏସଜିର ଅଧିକାରୀଗଣ, ପିଏଚଡି, ପିଡବ୍ଲୁଡି, ଆରଡି, ଏନଏଚ, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦାନ କରିଥିଲେ। ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ରାୟଗଡ଼ା ସହରର ସମସ୍ତ ବିଭାଗୀୟ ଅଧିକାରୀଙ୍କଠାରୁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇଥିଲା। ଉପସ୍ଥିତ ଅଂଶୀଦାରମାନେ ସହରର ବିକାଶ ପାଇଁ ନିଜର ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଯାହାକୁ ମାଷ୍ଟର ପ୍ଲାନରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସୂଚନା ଦିଆଯାଇଛି।

# ୩ ବୋମାକୁ ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି,୪।୧୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟ ନାରାୟଣପୁର ଜିଲ୍ଲା ଛୋଟେଡୋଙ୍ଗର ଥାନା ଅଞ୍ଚଳର ଅତ୍ୟନ୍ତ ସମ୍ବେଦନଶୀଳ ତୋୟାମେଟା ଏବଂ ପଢିବେଦା ଜଙ୍ଗଲରେ ନକ୍ସଲମାନଙ୍କ ଦ୍ୱାରା ଲଗାଯାଇଥିବା ଆଇଇଡି ଉଦ୍ଧାର ଏବଂ ନଷ୍ଟ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ସଫଳତାର ସହ ଶେଷ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ ନକ୍ସଲମାନେ ପାଟ୍ରୋଲିଂ କରୁଥିବା ପୋଲିସ ଦଳକୁ ଟାର୍ଗେଟ କରି ପଢିବେଦା ଯାଉଥିବା ମଦିନ ନଦୀ କୂଳ ରାସ୍ତାରେ କିଛି ଆଇଇଡି ଲଗା ଯାଇଥିଲା। ସୂଚନାକୁ ଗମ୍ଭୀରର୍ତାର ସହ ବିଚାର କରି ଯବାନଙ୍କ ଏକ ମିଳିତ ଅଭିଯାନ ତୁରନ୍ତ ଘଟଣା ସ୍ଥଳକୁ ପଠାଯାଇଥିଲା। ମିଳିତ ଅଭିଯାନରେ ସାମିଲ ଥିବା ବାହିନୀରେ ଓରଛା ୨୯ତମ ବାଟାଲିୟନ ବୋମା ନିଷ୍କ୍ରିୟକାରୀ ଦଳ, ନାରାୟଣପୁର ପୁଲିସ ଷ୍ଟେସନ, ଛୋଟେ ଡୋଙ୍ଗର ପୁଲିସ ଫୋର୍ସ, ଆଇଟିବିପି ଡଗ୍ ସ୍କ୍ୱାଡ୍ ଅନ୍ତର୍ଭୁକ୍ତ ଥିଲେ। ସନ୍ଧାନ ସମୟରେ, ନଦୀ କୂଳରେ ତିନୋଟି ଆଇଇଡି ଉଦ୍ଧାର କରାଯାଇଥିଲା। ବୋମା ନିଷ୍କ୍ରିୟକାରୀ ଦଳ ବୈଷୟିକ ପ୍ରକ୍ରିୟା ଏବଂ ସୁରକ୍ଷା ପ୍ରୋଟୋକଲ ଅନୁସରଣ କରି ଘଟଣାସ୍ଥଳରେ ସମସ୍ତ ଆଇଇଡିକୁ ସୁରକ୍ଷିତ ଭାବରେ ନଷ୍ଟ କରି ଦେଇଛନ୍ତି।



# ମାଲ୍ୟବନ୍ତ ମହୋତ୍ସବରେ ଝୁମିଲେ ଦର୍ଶକ

ଚିତ୍ରକୋଣ୍ଡା,୪।୧୨(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ କମିଟିର ଅଧ୍ୟକ୍ଷ ବିଡିଓ ପ୍ରୀତା କୁମାର ଓ ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲଙ୍କ ଅଧ୍ୟକ୍ଷତାରେ ଚିତ୍ରକୋଣ୍ଡା ବ୍ଲକରେ ଦୁଇ ଦିନ ଧରି ଚାଲିଥିବା ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବରେ ଦର୍ଶକ ଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ନାଚଗୀତରେ ଝୁମିଲେ। ଏହି ମାଲ୍ୟବନ୍ତ ମହୋତ୍ସବର ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ମାଲକାନଗିରି ନରେଶ ଚନ୍ଦ୍ର ଶବର, ମୁଖ୍ୟବକ୍ତା ଭାବରେ ଚିତ୍ରକୋଣ୍ଡା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିନ୍ମୟ କୁମାର ବେହେରା ଯୋଗ ଦେଇଥିଲେ। ପ୍ରଥମ ଦିନରେ ସ୍ଥାନୀୟ ବିଦ୍ୟାଳୟର କୁନି କୁନି କଳାକାରଙ୍କ ଠାରୁ ଆରମ୍ଭ କରି କଟକରୁ ଆସିଥିବା ଶ୍ରୀକଳା ମନ୍ଦିର ନୃତ୍ୟ କଳା ଦଳ ଓ ନବରଙ୍ଗପୁରରୁ ଆସିଥିବା ସାରେଗାମା ମେଲୋଡି ଲୋକଙ୍କ ମନ ମୋହିଥିଲ। ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଓ ଜିଲ୍ଲାପରିଷଦ ଅଧ୍ୟକ୍ଷା ସମାରି ତାଙ୍ଗୁଲୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ ଓ ଗବେଷକ ଡ଼ା ଶିବପ୍ରସାଦ ବେହେରା ଯୋଗ ଦେଇଥିଲେ। ଏହାସହ ଜିଲ୍ଲାପରିଷଦ ସଭ୍ୟା ବିନତି ଖିଲ, ଚିତ୍ରକୋଣ୍ଡା ବ୍ଲକ ୧୮ ଗୋଟି ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ। ଓଡ଼ିଶୀ ନୃତ୍ୟ ସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ, ଅନ୍ୟ କଳାକାର ମାନଙ୍କର ନାଚ ଉପସ୍ଥିତ ଦର୍ଶକ ମାନଙ୍କୁ କାର୍ଯ୍ୟକ୍ରମ ସହ ବାନ୍ଧି ରଖିଥିଲା। ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ସମ୍ବଲପୁରୀ ରକ୍‌ଷ୍ଟାର ରୁକୁ ସୁନା ଓ କମେଡି କିଙ୍ଗ ଗୁଲୁଆ ଓ କାଳିଆ ଷଣ୍ଢ କମେଡିରେ ଲୋକଙ୍କୁ ମତୁଆଲା କରିବା ସହ କାର୍ଯ୍ୟକ୍ରମ ସହ ଲୋକଙ୍କୁ ବାନ୍ଧି ରଖିଥିଲା। ଚିତ୍ରକୋଣ୍ଡା ପରି ଉପାନ୍ତ ଅଞ୍ଚଳରେ ଦୁଇ ଦିନ ଧରି ଏହିପରି କାର୍ଯ୍ୟକ୍ରମ ଅୟଯୋନ କରିଥିବାରୁ ଚିତ୍ରକୋଣ୍ଡା ବିଡ଼ିଓ ପ୍ରୀତା କୁମାର, ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରି ଖିଲ ଓ ବ୍ଲକ ପ୍ରଶାସନଙ୍କୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଥିଲେ। ଏହାସହ ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସୁପରିଚାଳନା କରିଥିଲେ। ଏହାସହ ଚିତ୍ରକୋଣ୍ଡା ଆଇଆଇସି ଜୟନାରାୟଣ ଖଣ୍ଡେଇ ଓ ସମସ୍ତ ପୁଲିସ ଷ୍ଟାଫ୍ କାର୍ଯ୍ୟକ୍ରମରେ କିପରି ଭାବରେ ଶାନ୍ତି ଶୃଙ୍ଖଳା ବଜାୟ ରହିବ ତାହାର ପରିଚାଳନା କରିଥିଲେ। ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ୨୦୨୫ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି।



# ବିଭିନ୍ନ ସ୍ଥାନରେ ଅର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ





କୋରୁକୋଣ୍ଡା, ୪।୧୨ (ସମିସ)


ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଓର୍କେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କୋରୁକୋଣ୍ଡା ବ୍ଲକ୍ ଶିକ୍ଷା ବିଭାଗ ତରଫରୁ ବୁଧବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ କ୍ଲଷ୍ଟରରୁ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନାଚ, ଗୀତ, ଚିତ୍ରାଙ୍କନ, ମ୍ୟୁଜିକ୍ ବଲ ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମାନପତ୍ର ଓ ପୁରସ୍କାର ପାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ ସଂଯୋଜକ ଅରୁଣ କୁମାର ରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ମୁଖ୍ୟବକ୍ତା ଭାବେ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ଯୁଗ୍ମ ସମ୍ପାଦକ ଶିବଦତ୍ତ ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ଦିବ୍ୟାଙ୍ଗ ଶିକ୍ଷକ ସୁଜିତ୍ କୁମାର ରୟ, ସମ୍ମାନିତ ଅତିଥି ଭାବେ ୩ ନମ୍ବର ୱାର୍ଡର କାଉନ୍‌ସିଲର ମନୋଜ ଦେବ ପାଙ୍ଗି, ବାଲିମେଳା ସିଆରସିସ ଭଗବାନ ସାହୁ, ଓର୍କେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିପ୍ରଭା ସାହୁ, ଶିକ୍ଷକ ନେତା ନୀଳକଣ୍ଠ ବେହେରା, ପ୍ରଶାନ୍ତ ବେହେରା, ବିଶ୍ୱନାଥ ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ଆବାହକ କୋରୁକୋଣ୍ଡା ଶିକ୍ଷା ବ୍ଲକ ବିଆର୍‌ପି ସାଗର ପ୍ରସାଦ ରାଉତ ସଭାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଜିଲ୍ଲା ଯୁଗ୍ମ ସମ୍ପାଦକ ତଥା ସୋମନାଥପୁର ସିଆରସିସି. କବି ଯଚିନ୍ଦ୍ର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।
ସିଆରସିସି. ପ୍ରଦ୍ୟୁମ୍ନ ସ୍ୱାଇଁ, ଶିକ୍ଷକ ନେତା ଭୀମ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱତନ୍ତ୍ର ଭାବରେ ଭିନ୍ନକ୍ଷମ ଶିକ୍ଷକ ସୁଜିତ କୁମାର ରାୟଙ୍କୁ ସମ୍ମାନିତ କରାଯାଇଥିଲା। ସିଆରସିସି ପ୍ରଦୀପ କୁମାର ମଲ୍ଲିକ, ସରୋଜ କୁମାର ପ୍ରଧାନ, ମୁଡା ମାଡକାମି, ରଶ୍ମି ରଞ୍ଜନ ସାହୁ, ସୁଶିଲ ପଣ୍ଡା, ରଞ୍ଜିତ ସେଠୀ, ଶିକ୍ଷକ ପ୍ରଭାତ ପରିଡା, ଶିକ୍ଷୟିତ୍ରୀ ମନିକା ହାଲଦାର ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା।

**ଗୁଣୁପୁର :** ଗୁଣୁପୁର ଉପଖଣ୍ଡ ହସ୍ପିଟାଲ ପରିସରରେ ଅନ୍ତର୍ଜାତୀକ ଦିବ୍ୟାଙ୍ଗ ଦିବସ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସଦର ହସ୍ପିଟାଲ ର ସୁପେରିଟେଣ୍ଡେଣ୍ଟ ଡାକ୍ତର ଶ୍ରୀକାନ୍ତ ଜେନା ଯୋଗ ଦେଇଥିବା ବେଳେ ଅତିଥି ଭାବେ ଡାକ୍ତର ପ୍ରଦୀପ କୁମାର ପଣ୍ଡା ବ୍ଲକ ଶିଶୁ ସୁରକ୍ଷା ଅଧିକାରୀ ସୁଶ୍ରୀ ସୁଷମା ପ୍ରସାଦ ସାହାରା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ ବରିଷ୍ଠ ପରାମର୍ଶଦାତ୍ରୀ ଜୟଶ୍ରୀ ମହାପାତ୍ର ସାମାଜିକ କର୍ମୀ ପିଙ୍କି ମହାପାତ୍ର ଯୋଗ ଦେଇଥିଲେ। ସୁପ୍ରିମ କୋର୍ଟ କିନ୍ନର ମାନଙ୍କୁ ୨୦୧୪ରୁ ସମାନ୍ତରଳ ଭାବେ ସ୍ୱୀକୃତି ପ୍ରଦାନ କରିବା ସହ ଦିବ୍ୟାଙ୍ଗଙ୍କୁ ମଧ୍ୟ ବହୁ ସୁବିଧା ଦେଉ ଥିବା ଜଣାଇ ଥିଲେ। ଏହି କାର୍ଯ୍ୟକ୍ରମରେ ସଦର ହସ୍ପିଟାଲର କର୍ମୀ ଜିତେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସଦର ହସ୍ପିଟାଲର ବହୁ ସ୍ୱାସ୍ଥ୍ୟକର୍ମୀଙ୍କ ସହ ସମସ୍ତ ଡାକ୍ତର ଯୋଗ ଦେଇଥିଲେ।

**ଡାବୁଗାଁ :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ଚିତ୍ରାଙ୍କନ, ସଙ୍ଗୀତ, ଲେମ୍ବୁ ଚାମଚ, ନୃତ୍ୟ ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ବ୍ଲକ ଶିକ୍ଷା ଅଧିକାରୀ ରସ୍ମିତା ନେତାମ, ଉପବିଭାଗୀୟ ଅଧିକାରୀ ବ୍ରଜେନ୍ଦ୍ର କୁମାର ମିଶ୍ର, ଶିକ୍ଷୟିତ୍ରୀ ସୁଜ୍ଞାନୀ ବେହେରା, ଇତିଶ୍ରୀ ସେଠୀ, ଶିକ୍ଷକ ପ୍ରତାପ କୁମାର ଦାସ, ଧଳେନ୍ଦ୍ର ଦ୍ୱାରୀ, ଶିବରାମ ବେହେରା, ବିଶ୍ୱଶେ କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଭିନ୍ନକ୍ଷମ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସମ୍ବଳ କର୍ମୀ ଛନ୍ଦା ଚରଣ ମେହେର ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଅନ୍ୟୁନ ୮୦ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

**ଜୟପୁର :** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିଣିପୁଟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟ ଲିଗାଲ ଡିଫେନ୍ସ କାଉନ୍‌ସିଲ ତଥା ଆଇନଜୀବୀ ପ୍ରମୋଦ କୁମାର ଦାଶ, ଅତିଥି ଭାବେ ଉପ ଲିଗାଲ ଡିଫେନ୍ସ କାଉନ୍‌ସିଲ ହରିଶ ଚନ୍ଦ୍ର ମୁଦୁଲି, ବାରିଣିପୁଟ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାହ୍ନୁ ଚରଣ ଦଣ୍ଡସେନା, ନାଏବ ସରପଞ୍ଚ ବସନ୍ତ ବରାଦ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କିପରି ମୁଖ୍ୟସ୍ରୋତରେ ସାମିଲ କରାଯାଇ ପାରିବ ଏବଂ ତାଙ୍କ ପାଇଁ ରହିଥିବା ସରକାରୀ ଯୋଜନା ଗୁଡିକ ସୁବିଧାରେ ଉପଲବ୍ଧ କରାଯାଇ ପାରିବେ ଏବଂ ଭୀମଭୋଇ ସାମର୍ଥ୍ୟ ଶିବିର ମାଧ୍ୟମରେ ଚିହ୍ନଟ କରାଯାଇ ଭିନ୍ନକ୍ଷମ ମାନଙ୍କୁ ଉଚିତ ନ୍ୟାୟ ଓ ଅଧିକାର ପ୍ରଦାନ କରାଯିବ ସେନେଇ ଆଲୋଚନା ଓ ସଚେତନତା କରିଥିଲେ।

**ବୈପାରୀଗଡ଼ା :** ଆଜି ବୈପାରିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ବ୍ଲକ୍‌ସ୍ତରୀୟ ଅନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଛାତ୍ରଛାତ୍ରୀଙ୍କୁ ନେଇ ଦିବ୍ୟାଙ୍ଗ ଲୋକ ମାନଙ୍କର ଅଧିକାର, ସୁରକ୍ଷା, ନିରାପତ୍ତା ସମ୍ପର୍କିତ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ସମସ୍ତେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ। ଏହାପରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନଭୋଜନ ବିରତି ପରେ ଛାତ୍ରଛାତ୍ରୀ, ଅଭିଭାବକଙ୍କୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଧିକାର, ବିଭିନ୍ନ ପ୍ରୋତ୍ସାହନ, ସୁରକ୍ଷା ଓ ନିରାପତ୍ତା ଉପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତ କର୍ତ୍ତାମୀ ବୁଝାଇଥିଲେ। ଏହା ପରେ ପୁରସ୍କାର ବିତରଣ ଉତ୍ସବରେ ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ସରପଞ୍ଚ ସୂର୍ଯ୍ୟମଣି ନାୟକ ପ୍ରମୁଖ ଯୋଗଦେଇ କୃତି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷା ବିଭାଗର ସମସ୍ତ ଆଞ୍ଚଳିକ ସାଧନ ସଂଯୋଜକ, ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଗୋଷ୍ଠୀ ସାଧନ କର୍ମୀ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ସମ୍ପାଦକୀୟ



ଗୋଟିଏ ସମ୍ବିଧାନ ଯେତେ ଭଲ ହେଉନା କାହିଁକି, ଏହାକୁ କାର୍ଯ୍ୟକାରୀ କରୁଥିବା ଲୋକେ ଯଦି ଖରାପ ହୋଇଥିବେ, ତେବେ ଏହା ଖରାପ ବୋଲି ପ୍ରମାଣିତ ହେବ !
-ଡକ୍ଟର ବି ଆର ଆମ୍ବେଦକର

ସକାଳ
THE SAKALA

## ପୁଟିନ୍‌ଙ୍କ ଭାରତଗସ୍ତର ବାର୍ତ୍ତା

ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍ ଏସୀୟ ଭୂରାଜନୀତିର ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ ଗସ୍ତରେ ଆସିଛନ୍ତି, ଯାହା ଉପରେ ସମଗ୍ର ବିଶ୍ୱର ଦୃଷ୍ଟି ରହିଛି। ବିଶେଷକରି ବର୍ତ୍ତମାନ ଭାରତ-ବିମୁଖୀ ଓ ପାକିସ୍ତାନୀ-ସୁହାଗୀ ଆମେରିକା ପୁଟିନ୍‌ଙ୍କ ଭାରତଗସ୍ତକୁ ଅତି ଗୁରୁତ୍ୱର ସହିତ ସମୀକ୍ଷା କରୁଛି। ଏବେ ପଡ଼ୋଶୀମାନେ ହିଁ ଭାରତ ପାଇଁ ଶତ୍ରୁସୁଲଭ ଆଚରଣ ପ୍ରଦର୍ଶନ କରୁଥିବା ବେଳେ ଏହାର ଫାଇଦା ନେବା ପାଇଁ ଆମେରିକା କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହିଁ। ଅପରପକ୍ଷରେ ପାକିସ୍ତାନ ମଧ୍ୟ ଆମେରିକା କୋଳରେ ବସି ଭାରତକୁ ପାନେ ଦେବା ଅପେକ୍ଷାରେ ରହିଛି। ତେଣୁ ଆମେରିକା ସହଯୋଗରେ ଆରବ ସାଗରରେ ସାମରିକ ଘାଟି ପ୍ରତିଷ୍ଠା କରିବାର ଯୋଜନା ଚୂଡ଼ାନ୍ତ କରିଛି। ସେପଟେ ବାଂଲାଦେଶ ପାକିସ୍ତାନ ଓ ଚୀନ୍ ସହିତ ମିଶି ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରିଛି। ଭାରତ ସୀମାନ୍ତରେ ସାମରିକ ଘାଟି ପ୍ରତିଷ୍ଠା ପାଇଁ ଚୀନ୍ ଓ ପାକିସ୍ତାନକୁ ଅକୁଣ୍ଠ ସହଯୋଗ ଓ ସମର୍ଥନ ଦେଉଛି।

ସେହିପରି ଆମେରିକା ଚାପରେ ରୁଷରୁ ତୈଳ ଆମଦାନୀକୁ ଭାରତ କାଣ୍ଟଛାଣ୍ଟ କରିଛି। ଦୁଇ ଦେଶ ମଧ୍ୟରେ ମୁଦ୍ରା ବିନିମୟ ଏକ ଆହ୍ୱାନ ହୋଇଛି। ଏହି ପୃଷ୍ଠଭୂମିରେ ପୁଟିନ୍‌ଙ୍କ ଭାରତ ଗସ୍ତ ଅନେକ ଦୃଷ୍ଟିରୁ ଉଭୟ ଦେଶ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଭାରତ ତା'ର ପୁରୁଣା ଓ ବିଶ୍ୱାସୀ ବନ୍ଧୁ ରୁଷ୍ ସହିତ ଆଣବିକ ଶକ୍ତି କ୍ଷେତ୍ରରେ କେତେକ ରାଜିନାମା ସ୍ୱାକ୍ଷର କରିବାକୁ ଯାଉଛି, ଯାହା ସର୍ବାଦୌ ଅଧିକ ଆଲୋଚନାର ଅପେକ୍ଷା ରଖେ। ଇତିମଧ୍ୟରେ ଆମେରିକା ତା'ର ଆଣବିକ ପରୀକ୍ଷଣ କଟକଣାକୁ କୋହଳ କରିଛି ଏବଂ ଭାରତ ପ୍ରତି ଆଣବିକ ଶକ୍ତି କ୍ଷେତ୍ରରେ ଥିବା ପ୍ରତିବନ୍ଧକ ହଟାଇ ଦେଇଛି। ଏହି କାରଣରୁ ଭାରତ-ରୁଷ୍ ମଧ୍ୟରେ ସମ୍ଭାବ୍ୟ ଆଣବିକ ଶକ୍ତି ରାଜିନାମା ବିଶ୍ୱ କୂଟନୀତି ଓ ଭୂରାଜନୀତିରେ ଅନେକ କିଛି ନୂଆ ସମୀକରଣ ସୃଷ୍ଟି କରିବାକୁ ଯାଉଛି।

ରୁଷର ଆଣବିକ ଶକ୍ତି କମ୍ପାନୀ ରୋଜାଟମ୍ ଷ୍ଟେଟ୍ କର୍ପୋରେସନ୍ ଭାରତରେ ମଡ୍ୟୁଲାର୍ ରିଆକ୍ଟର ପ୍ରତିଷ୍ଠା କରିବାର ଯୋଜନା ରଖିଛି। ଏହା ସହିତ ନୂତନ ପିଢ଼ିର ପରମାଣୁ ଶକ୍ତି ରିଆକ୍ଟର ପାଇଁ ମଧ୍ୟ ଦୁଇ ଦେଶ ମଧ୍ୟରେ ବୁଝାମଣା ହେବାର ସମ୍ଭାବନା ରହିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଶୀର୍ଷସ୍ତରୀୟ ବୈଠକରେ ଏ ସମ୍ପର୍କରେ ଆଲୋଚନା ଚୂଡ଼ାନ୍ତ ହୋଇପାରେ। ପୁଟିନ୍‌ଙ୍କ ସହିତ ଭାରତ ଗସ୍ତରେ ଆସିଥିବା ରୁଷ୍‌ର ଏକ ବଡ଼ ପରମାଣୁ ଶିଳ୍ପପତି ଗୋଷ୍ଠୀ ପଛର କାରଣ ସମୀକ୍ଷା କଲାବେଳେ ଏହି ସୂଚନା ମିଳିଛି। ଏଥିପୂର୍ବରୁ ତାମିଲନାଡୁର କୁଡାନକୁଲମ ଆଣବିକ କେନ୍ଦ୍ର ପ୍ରକଳ୍ପ ସମ୍ପ୍ରସାରଣ ସମ୍ପର୍କରେ ଉଭୟ ଦେଶର ଅଧିକାରୀମାନେ ସମୀକ୍ଷା କରିସାରିଛନ୍ତି। ରୁଷିଆ ବିଶ୍ୱର ଏକମାତ୍ର ଦେଶ, ଯାହାର ଭାସମାନ ଆଣବିକ ଶକ୍ତି କେନ୍ଦ୍ର ପ୍ରତିଷ୍ଠା ଓ ପରିଚାଳନାରେ ପାରଦର୍ଶିତା ଓ ବୈଷୟିକ ଜ୍ଞାନକୌଶଳ ରହିଛି। ଏହି ବୁଝାମଣା ସ୍ୱାକ୍ଷରିତ ହେଲେ ଭାରତ ସ୍ୱଚ୍ଛ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଆଉ ଦୁଇପାଦ ଆଗକୁ ଯିବ ଏବଂ ୨୦୭୦ ସୁଦ୍ଧା ଶୂନ୍ୟ କାର୍ବନ ନିର୍ଗମନ ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ। ଏଥିସହିତ ଆଣବିକ ଶକ୍ତି କେନ୍ଦ୍ରର ସୁରକ୍ଷା ଆଳରେ ରୁଷ୍‌ର ଉପସ୍ଥିତି ଭାରତ ମହାସାଗରେ ରହିବ। ତେଣୁ ଆମେରିକା କିମ୍ବା ଚୀନ୍ ଆଡୁ ଭାରତ ପ୍ରତି ସାମୁଦ୍ରିକ ପଥରେ ଥିବା ବିପଦ ଆଶଙ୍କା ମଧ୍ୟ ଅନେକ ପରିମାଣରେ ହ୍ରାସ ପାଇପାରିବ।

ପ୍ରତିରକ୍ଷା ପାଇଁ ଭାରତ ପାଖରେ ଯେତିକି ଯୁଦ୍ଧାସ୍ତ୍ର ରହିଛି ତାହା ପର୍ଯ୍ୟାପ୍ତ ନୁହେଁ। ଇତିମଧ୍ୟରେ ପାକିସ୍ତାନ ପଟୁ ଭାରତ ବିପକ୍ଷରେ ପୂର୍ଣ୍ଣାଙ୍ଗ ଯୁଦ୍ଧର ଧମକ ମିଳିଛି। ପାକିସ୍ତାନ ଯଦି ଆକ୍ରମଣ କରେ ତେବେ ଭାରତ ପାଖରେ ଥିବା ଯୁଦ୍ଧାସ୍ତ୍ର, ଗୁଳିଗୋଳା ଓ ସରଞ୍ଜାମ ମାତ୍ର ସପ୍ତାହେ ଭିତରେ ସରିଯିବ। ଅପରପକ୍ଷରେ ତୁର୍କୀ ଓ ଚୀନ୍ ଦ୍ୱାରା ପାକିସ୍ତାନ ଯୁଦ୍ଧାସ୍ତ୍ରରେ ସବଳ ହେବ। ଏଭଳି ପରିସ୍ଥିତିରେ ଭାରତର ପୁରୁଣା ବନ୍ଧୁ ରୁଷ୍ ହିଁ ସହାୟତାର ହାତ ବଢ଼ାଇବ। ଅପରେସନ୍ ସିନ୍ଦୂରରେ ରୁଷ୍ ନିର୍ମିତ ଏସ୍‌୪୦୦ ଭାରତ ପାଇଁ ନିର୍ଣ୍ଣାୟସ ସାବ୍ୟସ୍ତ ହୋଇଥିବାରୁ ଆହୁରି ଅଧିକ ଏହି ପ୍ରତିରକ୍ଷା ପ୍ରଣାଳୀ ଭାରତ କିଣିବାର ଆବଶ୍ୟକତା ରହିଛି। ଏହି ପ୍ରସଙ୍ଗରେ ଭାରତ-ରୁଷ୍ ଶୀର୍ଷ ବୈଠକରେ ଆଲୋଚନା ହେବାର ସମ୍ଭାବନା ଅଧିକ। ଉଭୟ ପକ୍ଷ ଉଭୟ ଦେଶର ସାମରିକ ଘାଟି ବ୍ୟବହାର କରିପାରିବେ ବୋଲି ରୁଷ୍ ସଂସଦ ସ୍ୱୀକୃତି ଦେବା ପରେ ଏହା ପଛରେ ଥିବା ଇଙ୍ଗିତ ବୁଝିବାକୁ ଆମେରିକା କିମ୍ବା ପାକିସ୍ତାନକୁ ବିଳମ୍ବ ହୋଇ ନଥିବ। ତୁର୍କୀ ମଧ୍ୟ ପୂର୍ବାପେକ୍ଷା ଅଧିକ ସଚେତନ ହୋଇସାରିଥିବ। ପୁଟିନ୍‌ଙ୍କ ଭାରତ ଗସ୍ତ ଏହା ଉପରେ ମୋହର ମାରିବ। ଏହାଛଡ଼ା ଭାରତ-ରୁଷ୍ ମଧ୍ୟରେ ବାଣିଜ୍ୟିକ କାରବାର ଆଗାମୀ ଦିନରେ ୧୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଉଭୟ ପକ୍ଷ ଚୁକ୍ତିନାମା ସ୍ୱାକ୍ଷର କରିବେ ବୋଲି ସୂଚନା ମିଳିଛି। ଭାରତ ପାଇଁ ଆମେରିକା ବଜାର ଏକପ୍ରକାର ବନ୍ଦ ହୋଇସାରିଥିବାରୁ ଭାରତ ଯେଉଁ ବିକଳ୍ପ ବଜାରର ସନ୍ଧାନରେ ରହିଛି ରୁଷ୍ ତାହା ଯୋଗାଇ ଦେବ। ଏଥିପାଇଁ ରୁଷ୍‌ର ଶିଳ୍ପ ଓ ବ୍ୟବସାୟୀ ପ୍ରତିନିଧି ମଧ୍ୟ ଭାରତଗସ୍ତରେ ଆସିଛନ୍ତି।

ଏକପକ୍ଷରେ ଭାରତ ତୈଳ, ପ୍ରତିରକ୍ଷା ଓ ସାମରିକ ସହଯୋଗ ପାଇଁ ରୁଷ୍ ଉପରେ ନିର୍ଭରଶୀଳ। ଅପରପକ୍ଷରେ ବାଣିଜ୍ୟ ଓ ପ୍ରବାସନ ପାଇଁ ଆମେରିକାଠାରୁ ଏତେଶୀଘ୍ର ଦୂରେଇ ଯିବାକୁ ଚାହିଁବ ନାହିଁ। ଭାରତ-ରୁଷ୍ ଶୀର୍ଷ ବୈଠକକୁ ଆମେରିକା କିଭଳି ଦେଖିବ ଏବଂ କେଉଁ ନିଷ୍କର୍ଷ ବାହାର କରିବ ତାହା ଅସ୍ଥିରମତି ଟ୍ରମ୍ପଙ୍କ ଉପରେ ନିର୍ଭର କରେ। କିନ୍ତୁ ଭାରତ ଏହାକୁ ଚେକ୍ ଆଣ୍ଡ ବାଲାନ୍ସ ନୀତି ବା ସଜାଗ ଓ ସମତୁଲ ଭାବେ ଚତୁରତାର ସହିତ ପରିଚାଳନା କରିବାକୁ ପଡ଼ିବ। ରୁଷ୍-ୟୁକ୍ରେନ୍ ଯୁଦ୍ଧବିରତି ପ୍ରସଙ୍ଗ ଏହି ଆଲୋଚନା ବେଳେ ସ୍ଥାନ ପାଇବା ନିଶ୍ଚିତ। କିନ୍ତୁ ଭାରତ ତା'ର ପଡ଼ୋଶୀ ଦୁଷ୍ଟ ରାଷ୍ଟ୍ରଙ୍କୁ କି ବାର୍ତ୍ତା ଦେବ ତାହା ଆଉ କିଛି ଘଣ୍ଟା ପରେ ସ୍ପଷ୍ଟ ହେବ। ସରକାରୀ ଔପଚାରିକତାକୁ ଏଡ଼ାଇ ଯାଇ ମୋଦୀ ଓ ପୁଟିନ୍ ଯେଭଳି ପରସ୍ପର ସହିତ ମିଶିଲେ ଏବଂ ଭାରତରେ ପୁଟିନ୍‌ଙ୍କୁ ଯେଭଳି ଭବ୍ୟ ସ୍ୱାଗତ କରାଗଲା ସେଥିରୁ ମଧ୍ୟ ଅବଶିଷ୍ଟ ବିଶ୍ୱଙ୍କୁ ଏକ ସ୍ୱତନ୍ତ୍ର ସନ୍ଦେଶ ଯାଉଛି, ଯାହା ବୁଦ୍ଧିମାନ ପଡ଼ୋଶୀମାନେ ବୁଝିବାରେ କଷ୍ଟ ହେବ ନାହିଁ।

# ଅନିଶ୍ଚିତ ଚାକିରିରେ ଅଦୃଶ୍ୟ ଚାପ

ଡକ୍ଟର ଅବଶ ପରିଡ଼ା

ବାରମ୍ବାର ଚାକିରି ହରାଇବା, ଅସୁରକ୍ଷିତ ରୋଜଗାର ଜୀବନ, କମ୍ ଦରମା, ଚାପପୂର୍ଣ୍ଣ କାର୍ଯ୍ୟ ଲକ୍ଷ୍ୟ ସହିତ ଘରୋଇ, ଚୁକ୍ତିଭିତ୍ତିକ, ଆଉଟସୋର୍ସିଂ ଓ ଗିଗ୍-ଭିତ୍ତିକ ନିଯୁକ୍ତିର ପ୍ରସାର ହେଉଛି ଆଧୁନିକ ଶ୍ରମ ବଜାରର ବୈଶିଷ୍ଟ୍ୟ। ସମାଜବିଜ୍ଞାନୀଙ୍କ ମତରେ ଶ୍ରମ ବଜାର ଓ ବିଶାଳ କର୍ମଜୀବୀ ସମୁଦାୟ ପାଇଁ ଏହା ହେଉଛି ଏକ ଯୋଜନାବଦ୍ଧ ଅସ୍ଥିରତା। ମୋଟ ଉପରେ ଅନିଶ୍ଚିତ, ଅସ୍ଥାୟୀ ଓ ସାମାଜିକ ସୁରକ୍ଷାର ଅଭାବ ଥିବା କାର୍ଯ୍ୟସଂସ୍କୃତି ଆଡ଼କୁ ହେଉଥିବା ଏକ ବୃହତ୍ ପରିବର୍ତ୍ତନ। ଏପରି ଦୃଶ୍ୟପଟ୍ଟରେ, କାର୍ଯ୍ୟରେ ନୈତିକୀକରଣ(ମୋରାଲାଇଜେସନ୍ ଅଫ୍ ୱାର୍କ) ଏବଂ କାର୍ଯ୍ୟ ପ୍ରତି ଆନ୍ତରିକ ପ୍ରେରଣାର ଆଶା କର୍ମଜୀବୀଙ୍କ ପାଇଁ ଏକ ଅଦୃଶ୍ୟ ଚାପ ହେଉନି ତ?

ତାତ୍ତ୍ୱିକ ଦୃଷ୍ଟିରେ କାର୍ଯ୍ୟରେ ନୈତିକୀକରଣ ଧାରଣା ହେଉଛି ପରିବାର ଓ ସମାଜ ପ୍ରତି ଏକ କର୍ତ୍ତବ୍ୟ, ବ୍ୟକ୍ତି ଚରିତ୍ରର ଏକ ମର୍ଯ୍ୟାଦା ଏବଂ ପରିଶେଷରେ ଜୀବିକା ଉପାର୍ଜନଠାରୁ ଅଧିକ ମୂଲ୍ୟବାନ। କାର୍ଯ୍ୟକୁ ସ୍ୱାଭାବିକ ଠିକ୍ କିମ୍ବା ଭୁଲ ଭାବରେ ବିଚାର କରାଯିବାର ଏକ ପ୍ରକ୍ରିୟା ହେଉଛି କାର୍ଯ୍ୟରେ ନୈତିକୀକରଣ, ଯେଉଁଠାରେ ନୈତିକ ବିଚାରଗୁଡ଼ିକ ପ୍ରୟୋଗ ହୁଏ। କାର୍ଯ୍ୟ ପ୍ରତି ଥିବା ଏହି ଧାରଣା ପାଇଁ ଧାର୍ମିକ, ସାଂସ୍କୃତିକ ଓ ଶିକ୍ଷ ବ୍ୟବସ୍ଥା ଦାୟୀ। ସମ୍ଭବତଃ ସେଥିପାଇଁ କାର୍ଯ୍ୟରେ ପରିଶ୍ରମକୁ ଏକ ବ୍ୟକ୍ତିଗତ ସଦଗୁଣ ଭାବେ ଚିତ୍ରଣ କରାଯାଉଛି। ଏଠି କହି ରଖିବାକୁ ଚାହେଁ ଯେ ଏସବୁ ଆଶାଗୁଡ଼ିକ ପଦୋନ୍ନତି, ପୁରସ୍କାର ଓ ଦୀର୍ଘକାଳୀନ ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ଭଳି ମାନ୍ୟତା ଉପରେ ଆଧାରିତ। କିନ୍ତୁ ଆଧୁନିକ ଅସ୍ଥିର ଶ୍ରମ ବଜାର ଏବଂ ଲାଭ ଅଭିମୁଖୀ-ମାନବିକ ମୂଲ୍ୟହୀନତା ନିଯୁକ୍ତିରେ ଏହିସବୁ ଉପାଦାନ ଏକ ବିଶାଳ ଶ୍ରମଜୀବୀ ଗୋଷ୍ଠୀ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ସମାଜଶାସ୍ତ୍ରୀମାନେ ମନ୍ତବ୍ୟ ରଖନ୍ତି।

ଏଠାରେ ଏମିତି ବି ପ୍ରଶ୍ନ ଆସିପାରେ ଯେ କାର୍ଯ୍ୟରେ ନୈତିକୀକରଣ ହେଉଛି ଏକ ପ୍ରକ୍ରିୟା। ଏହା ସାମାଜିକ ଓ ମାନବିକ ମୂଲ୍ୟବୋଧ ପାଇଁ ଉଦ୍ଦିଷ୍ଟ। ତେଣୁ ଯେକୌଣସି ଚାକିରି ହେଉ, ସେଥିରେ ଆନ୍ତରିକ ପ୍ରେରଣା ରହିବା ଦରକାର। ଆନ୍ତରିକ ପ୍ରେରଣା ହେଉଛି ଅର୍ଥ କିମ୍ବା ପ୍ରଶଂସା ପରି ବାହ୍ୟ ପୁରସ୍କାର ଅପେକ୍ଷା ଅନ୍ତର୍ନିହିତ ସନ୍ତୋଷ ସହ କାର୍ଯ୍ୟ କରିବା ପାଇଁ ପ୍ରେରଣା। କିନ୍ତୁ ବିପରୀତରେ, କିଛି ସର୍ବେକ୍ଷଣର ଫଳାଫଳ ଏ ବିଷୟରେ ଭିନ୍ନ ମତ ରଖନ୍ତି। ଏଡିପି ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ ଭାରତରେ ପଚାଶ ପ୍ରତିଶତ କର୍ମଚାରୀ ଏବଂ ବିଶ୍ୱସ୍ତରରେ ଏକ ବିଶାଳ ଅଂଶ ସେମାନଙ୍କ ଚାକିରିରେ ସୁରକ୍ଷିତ ଅନୁଭବ କରନ୍ତି ନାହିଁ। କନିଷ୍ଠ କର୍ମଚାରୀଙ୍କ ମଧ୍ୟରେ (ଜେନ୍ ଜେଡ୍ ବା ୧୮-୨୪ ବର୍ଷ ବୟସ) ଅସୁରକ୍ଷାର ଭାବନା ଆହୁରି ଅଧିକ। ଏହି ବ୍ୟାପକ ଅସୁରକ୍ଷାର ଚିନ୍ତା ସୂଚାଇ ଦିଏ ଯେ ଅନେକ କର୍ମଚାରୀ ଦୀର୍ଘକାଳୀନ ନିଯୁକ୍ତି ସ୍ଥିରତା ଉପରେ ଆଗକୁ ନିର୍ଭର କରିପାରିବେ ନାହିଁ। 'କଠିନ ପରିଶ୍ରମ ହିଁ ସବୁବେଳେ ଚାକିରି ସୁରକ୍ଷା ଦେବ' ଭଳି ପାରମ୍ପରିକ ପ୍ରତିଶ୍ରୁତି ମଧ୍ୟ ଏବେ ଦୁର୍ବଳ ହୋଇଗଲାଣି। ତେଣୁ ଚାକିରିର ଅସୁରକ୍ଷା ଯୋଗୁଁ ବ୍ୟକ୍ତିର କାର୍ଯ୍ୟରେ ଭାଗିଦାରୀ କମ୍ ହେଉଛି। କାର୍ଯ୍ୟର ନୈତିକ ଦିଗ ଯଥା କର୍ତ୍ତବ୍ୟ, ବିଶ୍ୱସ୍ତତା, ପରିଚୟ ଅନେକାଂଶରେ କ୍ଷୁଣ୍ଣ ହେବାର ଆଶଙ୍କା ମଧ୍ୟ ବଢ଼ିଯାଉଛି।

କିଛିଦିନ ତଳେ ଏହି ସମାନ ବିଷୟବସ୍ତୁକୁ ନେଇ ଏକ ଉଚ୍ଚସ୍ତରୀୟ ଅଧ୍ୟୟନ ହୋଇଥିଲା। ଏଥିରେ ଉଲ୍ଲେଖ ଥିଲା ଯେ ନିଜ କାର୍ଯ୍ୟକୁ ଭଲ ପାଇବା ଦ୍ୱାରା କର୍ମଚାରୀର ଆନ୍ତରିକ ପ୍ରେରଣା ବୃଦ୍ଧି ପାଏ। ଏହା ଯୋଗୁଁ ସୃଜନଶୀଳତା, ସ୍ଥିରତା ଓ କାର୍ଯ୍ୟଦକ୍ଷତା ଶାଣିତ ହୁଏ। କିନ୍ତୁ କାମକୁ ଭଲ ପାଇବା ଯେ କେତେବେଳେ କର୍ମଚାରୀ ପାଇଁ ଏକ ନୈତିକ ଦାୟିତ୍ୱରେ ପରିଣତ ହୋଇଯାଏ ଏବଂ ପରେ କ୍ଷତିକାରକ ହୁଏ ସେ ତାହା ଜାଣି ପାରେନାହିଁ। ସରଳରେ କହିବାକୁ ଗଲେ ଯେତେବେଳେ କର୍ତ୍ତୃପକ୍ଷ ନୈତିକ ଭାବରେ କାର୍ଯ୍ୟପ୍ରେରଣାକୁ ବିଚାର କରିବା ଆରମ୍ଭ କରନ୍ତି, ସେମାନେ ଦରମା କିମ୍ବା ଅନ୍ୟାନ୍ୟ କାରଣରୁ କାମ କରୁଥିବା କର୍ମଚାରୀଙ୍କୁ ନିକୃଷ୍ଟ ବୋଲି ଭାବନ୍ତି। ସେହି ଅଧ୍ୟୟନର ଗବେଷକମାନଙ୍କ ପରାମର୍ଶ ଅନୁଯାୟୀ କେବଳ ଆଗ୍ରହ ନୁହେଁ, ଜୀବନରେ ସନ୍ତୁଳନ ପାଇଁ ଆମେ କାର୍ଯ୍ୟ କରୁ। ତେଣୁ ସମସ୍ତେ ସେମାନଙ୍କ କାମକୁ ଭଲ ପାଇବେ ବୋଲି ଆଶା ରଖିବା ଗ୍ରହଣୀୟ ନୁହେଁ।

ଏହି ପରିପ୍ରେକ୍ଷୀରେ 'ଦ କଣ୍ଡିସନାଲ୍ ମୋରାଲାଇଜେସନ୍ ମଡେଲ୍' ତତ୍ତ୍ୱ କୁହେ ଯେ ମୌଳିକ ସାଂରଚନିକ ସର୍ତ୍ତାବଳୀ ଯଥା ଚାକିରି ସୁରକ୍ଷା, ନ୍ୟାୟସଙ୍ଗତ ଦରମା, ମର୍ଯ୍ୟାଦା ପୂରଣ ହେଲେ ହିଁ କାର୍ଯ୍ୟ ଅର୍ଥପୂର୍ଣ୍ଣ ହୁଏ। କ୍ଷୁଧା, ଅସୁରକ୍ଷା କିମ୍ବା ଅନିଶ୍ଚିତତାକୁ ଜଣେ ଚାହିଁଲେ ମଧ୍ୟ ନୈତିକତାର ରୂପ ଦେଇପାରିବେ ନାହିଁ। କେବଳ ଶ୍ରମିକମାନଙ୍କଠାରୁ ନୈତିକ, ବିଶ୍ୱସ୍ତ, ସ୍ୱ-ଚାଳିତ ଏବଂ ଆଗ୍ରହରେ ପରିପୂର୍ଣ୍ଣ ହେବା ଆଶା କଲେ ଅର୍ଥପୂର୍ଣ୍ଣ କାର୍ଯ୍ୟ ଅସମ୍ଭବ। କାର୍ଯ୍ୟକ୍ଷେତ୍ର ଓ ନିଯୁକ୍ତିଦାତାଙ୍କୁ ମଧ୍ୟ ନ୍ୟାୟ ଓ ମାନବୀୟ ଅବସ୍ଥା ଭଳି ନୈତିକ କର୍ତ୍ତବ୍ୟ ବହନ କରିବାକୁ ପଡ଼ିବ। ତେଣୁ ନୈତିକୀକରଣ କେବଳ କର୍ମଚାରୀର ବ୍ୟକ୍ତିଗତ ଗୁଣ ନୁହେଁ, ବରଂ ଏକ ସାଂଗଠନିକ ଦାୟିତ୍ୱ ଭାବରେ ପୁନଃସ୍ଥାପିତ କରାଯିବା ଉଚିତ। ନବ୍ୟ-ସମାଜବିଜ୍ଞାନୀଙ୍କ ମତରେ ନୈତିକୀକରଣ ଭୂମିକାର ବିବର୍ତ୍ତନ ହେଉଛି ଏବେ ଏହା 'ବ୍ୟକ୍ତିଗତ ଅଙ୍ଗୀକାରବଦ୍ଧତାର ବାଣିଜ୍ୟିକରଣ'ରେ ପରିଚାଳିତ।

ତେବେ ବର୍ତ୍ତମାନ ଅସୁରକ୍ଷିତ ଚାକିରିରେ ନୈତିକୀକରଣ ଆବଶ୍ୟକତା ଅଛି କି? ଏହାକୁ ନେଇ ଦୁଇଟି ପରସ୍ପର ବିରୋଧୀ ଚିନ୍ତାଧାରା ସୃଷ୍ଟି ହୋଇଛି। 'ନୈତିକତାର ଅର୍ଥ ଉପରେ ଉଭୟ ଚିନ୍ତାଧାରାର ଦୃଷ୍ଟିକୋଣ ନିର୍ଭର କରେ। ପ୍ରଥମ ମହଲ ଅନୁଯାୟୀ, ଏହା ଆବଶ୍ୟକ ନୁହେଁ। ଆଧୁନିକ କାର୍ଯ୍ୟ ନୈତିକତାର ଧାରଣା ଏବେ ରୁମାନିକରଣ ରୂପରେ ପରିଭାଷିତ। ଏହାର ଅର୍ଥ ହେଉଛି ଯେଉଁଠି କର୍ମଚାରୀର ପରିଶ୍ରମକୁ ଏକ ଭଲ ଅନୁଭବର କାହାଣୀ ଏବଂ ଏକ ମହାନ କର୍ତ୍ତବ୍ୟ ଭାବରେ ଚିତ୍ରଣ କରାଯାଏ। ଦରମା ନୁହେଁ, ବରଂ କାର୍ଯ୍ୟରେ ଆଗ୍ରହ ହେଉଛି ପ୍ରାଥମିକତା ଏବଂ ଖରାପ ପରିସ୍ଥିତିରେ ମଧ୍ୟ ବିଶ୍ୱସ୍ତତା ରହିବା ଉଚିତ ଭଳି ବାର୍ତ୍ତା ଏବେ ବ୍ୟାପକ। ଉଦାହରଣ ସ୍ୱରୂପ, 'ମାଲିକାନା, 'ଅପରିହାର୍ଯ୍ୟ, 'ଉଜ୍ଜଳ ଭବିଷ୍ୟତ', 'କାମକୁ ଭଲପାଅ' ଇତ୍ୟାଦି ବାକ୍ୟର କର୍ମଚାରୀଙ୍କ ଉପରେ ବହୁଳ ବ୍ୟବହାର ହେଉଛି। ଏହାଦ୍ୱାରା କିଏ ଲାଭ ପାଏ ଆମେ ସମସ୍ତେ ଜାଣୁ।

ଦ୍ୱିତୀୟ ମହଲ ଅନୁସାରେ କାର୍ଯ୍ୟରେ ନୈତିକୀକରଣର ଅତ୍ୟନ୍ତ ଆବଶ୍ୟକତା ଅଛି ଏବଂ ଆଗକୁ ରହିବ ମଧ୍ୟ। ଏଥିରେ ଦ୍ୱିମତ ନାହିଁ। ସାମ୍ପ୍ରତିକ ବିଶ୍ୱର ଅନେକ ଶ୍ରମ ସଂଗଠନ ଏବଂ ଭାରତର ଜାତୀୟ ବିକାଶକୁ ନେଇ ହୋଇଥିବା ବହୁବିଧ ଭାରତୀୟ ଅଧ୍ୟୟନ କାର୍ଯ୍ୟର ନୈତିକୀକରଣ ପାଇଁ ଦୃଢ଼ ସମର୍ଥନ କରନ୍ତି। ଅବଶ୍ୟ ଏହା ପାଇଁ କିଛି ମାନଦଣ୍ଡ ମଧ୍ୟ ପ୍ରସ୍ତୁତ ହୋଇଛି। ପ୍ଲାଟଫର୍ମ ଶ୍ରମ, ଆଉଟସୋର୍ସିଂ, ଚୁକ୍ତିଭିତ୍ତିକ କର୍ମଚାରୀଙ୍କଠାରୁ ନୈତିକ ଅଙ୍ଗୀକାରବଦ୍ଧତା ମାଗିବା ଆଉ ଯଥେଷ୍ଟ ନୁହେଁ। ଏହା ବଦଳରେ ନିଯୁକ୍ତିଦାତା, ପ୍ରତିଷ୍ଠାନ ଓ ମାଲିକଙ୍କ ଅନେକ ମାନବିକ ଓ ନୈତିକ ଦାୟିତ୍ୱ କଥା ମଧ୍ୟ ଉଲ୍ଲେଖ ଅଛି।

ଶେଷରେ, ଆଜିର ଶ୍ରମ ବଜାରରେ କର୍ମଚାରୀମାନେ ନୈତିକ ଭାବରେ ସ୍ୱୟଂ ପ୍ରେରଣା ପାଇବେ ବୋଲି ଆଶା କରିବା ବୃଥା। ଠିକ ଟ୍ରାଫିକ୍ ଜାମ୍ ମଧ୍ୟରେ ଧ୍ୟାନ କରିବାକୁ କହିବା ଭଳି। ନିଯୁକ୍ତିଦାତାମାନେ କର୍ମ କ୍ଷେତ୍ରରେ 'ପରିବାର ସଂସ୍କୃତି' କଥା ପ୍ରଚାର କରନ୍ତି। କିନ୍ତୁ କମ୍ ଦରମାରେ କର୍ମଚାରୀର ପରିବାର କେମିତି ଚଳୁଛି ସେ କଥା କେବେ ପଚାରନ୍ତି ନାହିଁ। ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ ଏହି ବିରୋଧାଭାସ ଅଜାଣତରେ ନୁହେଁ, ବରଂ ଏହା ଏକ ଗଠନମୂଳକ। ଯଦି କାର୍ଯ୍ୟ ସଂସ୍କୃତିରେ ମର୍ଯ୍ୟାଦା, ନ୍ୟାୟ ଓ ସ୍ୱର ଅନୁପସ୍ଥିତ ରହିବ ତେବେ କୌଣସି ପ୍ରେରଣାଦାୟକ ପୋଷ୍ଟର, ଯୋଗ ଅଧିବେଶନ କିମ୍ବା ଟିମ ଆଉଟିଙ୍ଗ ଏହି ଅନିଶ୍ଚିତତାକୁ ନୈତିକ ଆହ୍ୱାନରେ ପରିଣତ କରିପାରିବ ନାହିଁ।

ତେଣୁ ଏକ ସୁନ୍ଦର ଭବିଷ୍ୟତର ଆବଶ୍ୟକତା ଅଛି, ଯେଉଁଠାରେ ସଂସ୍ଥାଗୁଡ଼ିକ ଲାଭ ବୃଦ୍ଧିକାରୀ ଯନ୍ତ୍ର ଭାବେ ନୁହେଁ, ବରଂ ସାମାଜିକ ଅଂଶୀଦାର ପରି ଆଚରଣ କରିବାକୁ ପଡ଼ିବ। ସେଯାଏଁ କର୍ମଚାରୀମାନେ ନିଜ ପରିଚାଳକ ଓ କାର୍ଯ୍ୟାଳୟ ମୁଖ୍ୟଙ୍କ ପ୍ରେରଣାଦାୟକ ଭାଷଣରେ ମୁଣ୍ଡ ନୁଆଁଇ ହଁ ମାରି ଚାଲୁଥିବେ। ଅବଚେତନ ମନରେ ଭବିଷ୍ୟତ, ପରିବାର, ଦାୟିତ୍ୱ ବିଷୟରେ ଚିନ୍ତା କରୁଥିବେ ଏବଂ ଗୁପ୍ତ ଭାବରେ ଅନ୍ୟତ୍ର ଚାକିରି କିମ୍ବା ସୁଯୋଗ ଖୋଜୁଥିବେ। ପରିବାର, ଜୀବନ ଓ ପେଟପାଟଣା ପାଇଁ ଏହା ହିଁ 'ଆନ୍ତରିକ ପ୍ରେରଣା'ର ସବୁଠାରୁ ସଚ୍ଚୋଟ ରୂପ; ନୁହେଁ କି?

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨।

# ସାମ୍ବିଧାନିକ ମୂଲ୍ୟବୋଧ ଓ ଦେଶ ପ୍ରତି ଆମ ଦାୟିତ୍ୱ

ନିରଞ୍ଜନ ନାୟକ




ଗୋଟିଏ ପରିବାରର ସୁପରିଚାଳନା ପାଇଁ ଆବଶ୍ୟକ ହୁଏ କିଛି ନିର୍ଦ୍ଦିଷ୍ଟ ନିୟମ ବା ବ୍ୟବସ୍ଥା। ବିଶେଷକରି ପାରିବାରିକ ବ୍ୟବସ୍ଥାର ପରିଚାଳନା ଭାର ପରିବାରର ଜଣେ ବରିଷ୍ଠଙ୍କ ମୌଖିକ ବ୍ୟବସ୍ଥା ଦେଇ ପରିଚାଳିତ ହୋଇଥାଏ ସତ, କିନ୍ତୁ ପରିବାରର ଆଲୋଚନା ଓ ପର୍ଯ୍ୟାଲୋଚନା ପରର ନିଷ୍କର୍ଷ ଗୋଟିଏ ପରିବାରକୁ ସଶକ୍ତ, ସମୃଦ୍ଧ ଓ ପ୍ରଗତିଶୀଳ କରାଇବାରେ ସହାୟକ ହୋଇଥାଏ। ଶହେ ଚାଳିଶ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଆମ ରାଷ୍ଟ୍ର ଭାରତର ସୁପରିଚାଳନା ତଥା ବିକାଶ ପାଇଁ ଏକ ନିର୍ଦ୍ଦିଷ୍ଟ ଲିଖିତ ନୀତି ନିୟମ ପ୍ରଚଳିତ ହୋଇଛି। ଭାରତୀୟ 'ସମ୍ବିଧାନ' ନାମରେ ପରିଚିତ ଏହି ଗ୍ରନ୍ଥରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଅନ୍ତର୍ଭୁକ୍ତ। ଏକ ବଳିଷ୍ଠ ଗଣତନ୍ତ୍ର ପାଇଁ ଦେଶର ସମ୍ବିଧାନର ଭୂମିକା ଅନନ୍ୟ ଓ ଗୁରୁତ୍ୱପୂର୍ଣ୍ଣ।

ସମ୍ବିଧାନ ପ୍ରଣେତା ଭାବେ ବିଦିତ ଡ. ଭୀମରାଓ ଆମ୍ବେଦକର କହିଥିଲେ- ଭାରତୀୟ ସମ୍ବିଧାନ ଏକ କଠୋର ଆଇନଗତ ଦଲିଲ ନୁହେଁ, ବରଂ ଏହା ଏକ ଜୀବନ୍ତ ଏବଂ ଗତିଶୀଳ ଅଙ୍ଗ, ଯାହା ସମାଜର ପରିବର୍ତ୍ତନଶୀଳ ଆବଶ୍ୟକତା, ମୂଲ୍ୟବୋଧ ଓ ଆକାଂକ୍ଷାକୁ ପ୍ରତିଫଳିତ କରେ। ସମ୍ବିଧାନ କେବଳ ଏକ ଆଇନଗତ ଗ୍ରନ୍ଥ ନୁହେଁ, ଯାହା କେବଳ ଆଇନଜୀବୀମାନଙ୍କ ଦ୍ୱାରା ବ୍ୟବହୃତ ହୁଏ। ସମ୍ବିଧାନ ଦେଶର ଲୋକମାନଙ୍କର ଦୈନନ୍ଦିନ ଜୀବନକୁ ପରିଚାଳନା କରେ ଏବଂ ଏହା ଏକ ଗତିଶୀଳ ଯାନ ପରି, ଯାହା ସମାଜକୁ ଆଗକୁ ନେଇଯାଏ। ଏହାର ଆତ୍ମା ସର୍ବଦା ପ୍ରାଚୀନ, ଯାହା ସମୟ ସହିତ ପରିବର୍ତ୍ତନ ହୁଏ ଏବଂ ସାମ୍ପ୍ରତିକ ସମାଜର ମୂଲ୍ୟବୋଧ ଓ ଆବଶ୍ୟକତା ସହିତ ଯୋଡ଼ି ହୋଇ ରହିଥାଏ।

ସାମ୍ବିଧାନିକ ଅଧିକାର ଓ ନାଗରିକମାନଙ୍କ ଦେଶ ପ୍ରତି ଦାୟିତ୍ୱବୋଧ ରହିଲେ ସାମ୍ବିଧାନିକ ମୂଲ୍ୟବୋଧ ବ୍ୟାପକ ହୋଇପାରିବ। ଦେଶ ଓ ସମ୍ବିଧାନର ମୌଳିକ କର୍ତ୍ତବ୍ୟ ଓ ଦାୟିତ୍ୱକୁ ଆଜିର ଯୁବପିଢ଼ି ଗଭୀର ରୂପେ ହୃଦୟଙ୍ଗମ କଲେ ସମ୍ବିଧାନର ମହତ୍ତ୍ୱ ସୁଦୂରପ୍ରସାରୀ ହୋଇପାରିବ। ଆମେ ସମସ୍ତେ ମୌଳିକ ଅଧିକାର ବିଷୟରେ ବହୁତ ଜୋରରେ କଥା ହେଉ। କିନ୍ତୁ ଯେତେବେଳେ ଦେଶ ପ୍ରତି ଆମର ମୌଳିକ କର୍ତ୍ତବ୍ୟ କଥା ଆସେ, ଦେଶକୁ ରକ୍ଷା କରିବା ଏବଂ ସଦ୍ଭାବନାକୁ ପ୍ରୋତ୍ସାହିତ କରିବା ବେଳେ ଆମେ ସମସ୍ତେ ଦ୍ୱିଧାଗ୍ରସ୍ତ ଅବସ୍ଥାରେ ପଡ଼ିଯାଉ। ଏହି ସମ୍ବିଧାନ ଆମକୁ ସମାଜ ଏବଂ ଦେଶ ପ୍ରତି ଦାୟିତ୍ୱ ନିର୍ଣ୍ଣୟ କରିବାର ମୌଳିକ କର୍ତ୍ତବ୍ୟ ଦେଇଛି। କିନ୍ତୁ ଆମେ ଦେଶକୁ ରକ୍ଷା କରିବା ଏବଂ ଭାରତୀୟ ସମ୍ବିଧାନ ପାଳନ କରିବା ପାଇଁ କେହି କଥା ହେବାକୁ ଚାହୁଁନାହାନ୍ତି। ଆମେ ସବୁକିଛି ଚାହୁଁଛୁ, କିନ୍ତୁ ପ୍ରତିବଦଳରେ କିମ୍ବା ଏହାକୁ ଆମର ଦାୟିତ୍ୱ ଭାବରେ ବିଚାର କରିବାକୁ ଚାହୁଁନାହୁଁ।

'ଆଗ ଦେଶ ଆଉ ସବୁ ପଛ' ଏହି ଭାବନାର ଉଦ୍ରେକ ଆଜିର ଯୁବପିଢ଼ି ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ମୌଳିକ କର୍ତ୍ତବ୍ୟଗୁଡ଼ିକ ମୁଖ୍ୟତଃ ପୂର୍ବତନ ସୋଭିଏତ୍ ୟୁନିଅନ୍ ଦ୍ୱାରା ଅନୁପ୍ରାଣିତ ହୋଇଥିଲା। ଭାରତରେ ମୋଟ ଏଗାରଟି ଅତ୍ୟାବଶ୍ୟକ କର୍ତ୍ତବ୍ୟ ବା ଆମର ଦାୟିତ୍ୱ ରହିଛି, ଯାହା ଭାରତୀୟ ସମ୍ବିଧାନରୁ ଗ୍ରହଣୀୟ। ଆମର କର୍ତ୍ତବ୍ୟ/ଦାୟିତ୍ୱଗୁଡ଼ିକ ହେଲା - ସମ୍ବିଧାନ ପାଳନ କରିବା ସହ ସ୍ୱାଧୀନତା ସଂଗ୍ରାମର ଆଦର୍ଶ ଅନୁସରଣ କରିବା, ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ରକ୍ଷା କରିବା ସହ ଦେଶକୁ ରକ୍ଷା କରିବା ଏବଂ ଆହ୍ୱାନ ଆସିଲେ ଜାତୀୟ ସେବା ପ୍ରଦାନ କରିବା, ସାଧାରଣ ଭ୍ରାତୃତ୍ୱର ଭାବନା ବିକଶିତ କରିବା, ଦେଶର ସଂସ୍କୃତିକୁ ସଂରକ୍ଷଣ କରିବା, ପ୍ରାକୃତିକ ପରିବେଶ ଓ ଜୈବ ବିବିଧତାର ସଂରକ୍ଷଣ କରିବା, ବୈଜ୍ଞାନିକ ମନୋଭାବ ଓ ମାନବତା ବିକାଶ କରିବା, ଅହିଂସା ମାର୍ଗରେ ଚାଲିବା, ଜୀବନର ସମସ୍ତ କ୍ଷେତ୍ରରେ ଉତ୍କର୍ଷ ପାଇଁ ଚେଷ୍ଟା କରିବା, ସମସ୍ତ ପିତାମାତା/ଅଭିଭାବକଙ୍କ କର୍ତ୍ତବ୍ୟ ହେଉଛି ଯେ ସେମାନେ ୬ ରୁ ୧୪ ବର୍ଷର ଶିଶୁଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା ସୁନିଶ୍ଚିତ କରିବେ।

ମୌଳିକ କର୍ତ୍ତବ୍ୟ ସୃଷ୍ଟି କରିବା ପଛରେ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକ ଅନୁଭବ କରିବା ଉଚିତ ଯେ, ପ୍ରଥମ ହେଉଛି ଦେଶକୁ ରକ୍ଷା କରିବା ଏବଂ ପ୍ରତ୍ୟେକ କାର୍ଯ୍ୟ ଏବଂ ଲକ୍ଷ୍ୟଠାରୁ ଜାତୀୟ ସ୍ୱାର୍ଥ ଆଗରେ ରହିବା ଉଚିତ। ଭାରତୀୟ ମୌଳିକ କର୍ତ୍ତବ୍ୟରେ ଭାରତୀୟ ସମ୍ବିଧାନକୁ ପାଳନ କରିବା, ଆମର ଜାତୀୟ ପତାକାକୁ ସମ୍ମାନ କରିବା, ଜାତୀୟ ସଙ୍ଗୀତ ପ୍ରତି ସମ୍ମାନର ଭାବନା ରଖିବା ଏବଂ ସାର୍ବଜନୀନ ସମ୍ପତ୍ତିକୁ ସୁରକ୍ଷା ଦେବା ଅନ୍ତର୍ଭୁକ୍ତ। ବିଶ୍ୱର ଦ୍ୱିତୀୟ ଜନସଂଖ୍ୟା ବିଶିଷ୍ଟ ଭାରତ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ପରିଚିତ। ତେଣୁ ଆମ ଭଳି ସମସ୍ତ ନାଗରିକଙ୍କ ପାଇଁ ସମ୍ବିଧାନ ପାଳଟିଛି ଏକ ଅଭିନ୍ନ ଅଙ୍ଗ।

ରାୟଗଡ଼, ମୋ: ୯୪୩୭୩୧୭୪୧୭

# ବିଲାରାରେ ପୂଜା ପାଆନ୍ତି ଦୈତ୍ୟ ରାଜା ବଳି

ଓଜସ୍ୱିନୀ

### ବିଚିତ୍ର ବିଶ୍ୱାସ

ପୌରାଣିକ ଗାଥା ଅନୁସାରେ ଅନନ୍ୟ ବିଷ୍ଣୁଭକ୍ତ ପ୍ରହ୍ଲାଦଙ୍କର ପୌତ୍ର ମହାରାଜା ବଳିଙ୍କୁ ଦାନବୀର ତଥା ମହାଶକ୍ତିଶାଳୀ ରାଜାବଳୀ ଭାବେ ବର୍ଣ୍ଣନା କରାଯାଇଛି। ରାଜା ବଳି ଦୈତ୍ୟକୁଳରେ ଜନ୍ମିଥିଲେ ମଧ୍ୟ ବିଷ୍ଣୁଭକ୍ତିରେ ଲୀନ ଥିଲେ। ତେଣୁ ତାଙ୍କୁ ଭାରତର ଅନେକ ସ୍ଥାନରେ ଦେବତା ଭାବେ ପୂଜା କରାଯାଉଛି। ବିଶେଷଭାବେ ରାଜସ୍ଥାନର ବିଲାରା ଓ କେରଳରେ ବଳିଙ୍କ ପୂଜା ବିଶେଷ ରୀତିନୀତି ଦ୍ୱାରା ସମ୍ପନ୍ନ ହୋଇଥାଏ।

ରାଜସ୍ଥାନର ବିଲାରାଠାରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ଗୋଟିଏ ଛୋଟ ପାହାଡ଼ ଉପରେ ନିର୍ମିତ ରାଜା ବଳିଙ୍କ ମନ୍ଦିର। ଲୋକକଥା ଅନୁସାରେ ଏହା ସେହି ପାହାଡ଼, ଯେଉଁଠି ରାଜା ବଳି ତାଙ୍କର ୧୦୦ତମ ଯଜ୍ଞାନୁଷ୍ଠାନ ସମ୍ପୂର୍ଣ୍ଣ କରିଥିଲେ ଏବଂ ଭଗବାନ ଶ୍ରୀବିଷ୍ଣୁ ଏହି ସ୍ଥାନରେ ବାମନ ବ୍ରାହ୍ମଣ ରୂପେ ଆବିର୍ଭୂତ ହୋଇ ବଳିଙ୍କୁ ତିନିପାଦ ଭୂମି ମାଗିଥିଲେ। ଆଜି ମଧ୍ୟ ଏଠାରେ ରାଜାବଳିଙ୍କ ଯଜ୍ଞାନୁଷ୍ଠାନର ଧ୍ୱଂସାବଶେଷ ଦେଖିବାକୁ ମିଳେ। ଏଠାରେ ନିର୍ମିତ ବଳି ମନ୍ଦିରର ଗର୍ଭଗୃହରେ ଗୋଟିଏ ବିଶାଳ ଗର୍ତ୍ତ ରହିଛି। ଏହି ଗର୍ତ୍ତକୁ ଗୋଟିଏ ବିଶାଳ ପଥର ଦ୍ୱାରା ଆବୃତ୍ତ କରି ରଖାଯାଇଛି। ବିଶ୍ୱାସ କରାଯାଏ ଯେ, ଏହା ସେହି ସ୍ଥାନ, ଯେଉଁଠି ଶ୍ରୀବିଷ୍ଣୁ ରାଜା ବଳିଙ୍କୁ ପାତାଳପୁରକୁ ପ୍ରେରଣ କରିଥିଲେ। ଏହି ସ୍ଥାନରେ ପ୍ରତିଦିନ ବିଧିବିଧାନର ସହ ରାଜା ବଳିଙ୍କ ପୂଜାର୍ଚ୍ଚନା କରାଯାଏ। ବିଲାରାସ୍ଥିତ ଆଇମାତା ଦେବୀଙ୍କ ମନ୍ଦିର ପରିସର ଭିତରେ ଥିବା କଳ୍ପତରୁ ଓ ଦେବଦାରୁ ନାମକ ବିଶାଳ ବୃକ୍ଷକୁ ତୀର୍ଥସ୍ଥଳର ମାନ୍ୟତା ମିଳିଛି। ବିଶ୍ୱାସ ରହିଛି ଯେ, ଏହି ବୃକ୍ଷତୀର୍ଥରେ ଥିବା ଦେବଦାରୁ ବୃକ୍ଷକୁ ରାଜା ବଳି ସ୍ୱର୍ଗପୁରରୁ ଏଠାକୁ ଆଣିଥିଲେ। ଏହି ବୃକ୍ଷର ଅନ୍ୟ ଏକ ବିଶେଷତ୍ୱ ହେଉଛି, ଏହାର ଶାଖାରେ ପ୍ରାକୃତିକ ଭାବେ ଅନେକ ଦେବୀଦେବତାଙ୍କ ଚିତ୍ର ଖୋଦିତ ହୋଇଥିବାର ଦେଖିବାକୁ ମିଳିଥାଏ ଏବଂ ବର୍ଷକରେ ଥରେ କେବଳ ଶ୍ରାବଣ ମାସରେ ଏହି ବୃକ୍ଷରେ ପତ୍ର ଆସିଥାଏ। ତେଣୁ ଏହି ଚମତ୍କାରୀ ତୀର୍ଥବୃକ୍ଷକୁ ପୂଜା କରିବା ସହିତ ରାଜା ବଳିଙ୍କ ନାମ ସ୍ମରଣ କରି ଏହାର ପ୍ରଦକ୍ଷିଣ କରିବା ଦ୍ୱାରା ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ରାଜସ୍ଥାନ-ଜୟପୁରର ବେରାଠ ପାହାଡ଼ରୁ ନିର୍ଗତ ବାଣଗଙ୍ଗା ନଦୀ ମଧ୍ୟ ବଳିଙ୍କୁ ସମର୍ପିତ। ଏହି ପ୍ରାଚୀନ ତୀର୍ଥସ୍ଥଳକୁ ରାଜସ୍ଥାନର ଦ୍ୱିତୀୟ ପୁଷ୍କର ମଧ୍ୟ କୁହାଯାଏ। ଜନଶ୍ରୁତି ଅନୁଯାୟୀ ଏକଦା ରାଜାବଳିଙ୍କ ରାଜ୍ୟରେ ମରୁଡ଼ି ଦେଖାଗଲା। ରାଜା ବଳି ଗୋଟିଏ ବାଣ ଭୂମି ଉପରକୁ ନିକ୍ଷେପ କଲେ। ସେହି ସ୍ଥାନରୁ ପାଣିର ଅବିରତ ଝର ସୃଷ୍ଟି ହେଲା ଏବଂ ବାଣରୁ ଜଳ ସୃଷ୍ଟ ହୋଇଥିବାରୁ ତାହାକୁ 'ବାଣଗଙ୍ଗା' ବୋଲି କୁହାଗଲା। ଏହି 'ବାଣଗଙ୍ଗା' ତୀର୍ଥରେ ସ୍ନାନ କଲେ ସମସ୍ତ ପାପ ନାଶ ହୋଇଯାଏ ବୋଲି ବିଶ୍ୱାସ ରହିଛି। ବିଶେଷଭାବେ କାର୍ତ୍ତିକ ମାସରେ ଏହି ତୀର୍ଥରେ ସ୍ନାନ କରି ରାଜା ବଳିଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବାର ବିଧି ମଧ୍ୟ ରହିଛି। କାର୍ତ୍ତିକ ପୂର୍ଣ୍ଣିମା ଦିନ ଏଠାରେ ରାଜା ବଳିଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଏ।

କେରଳର ରାଷ୍ଟ୍ରୀୟ ପର୍ବ ଓଣମ୍ ରାଜା ବଳିଙ୍କୁ ସମର୍ପିତ। ବିଶ୍ୱାସ ରହିଛି ଯେ, ଓଣମ୍ ପର୍ବର ତିନିଦିନ ରାଜା ବଳି ପ୍ରଜାମାନଙ୍କର ଦୁଃଖଦୁର୍ଦ୍ଦଶା ଦୂର କରିବା ପାଇଁ ପାତାଳପୁରରୁ ମର୍ତ୍ତ୍ୟମଣ୍ଡଳକୁ ଆସିଥା'ନ୍ତି। କେରଳରେ ଥିବା ତ୍ରିକ୍କାକାରା ବାମନମୂର୍ତ୍ତି ମନ୍ଦିର ଶ୍ରୀବିଷ୍ଣୁଙ୍କୁ ସମର୍ପିତ ହୋଇଥିଲେ ମଧ୍ୟ ଏହା ଓଣମ୍ ପର୍ବର କେନ୍ଦ୍ରସ୍ଥଳ ଭାବେ ମାନ୍ୟତା ପ୍ରାପ୍ତ। ଏହି ମନ୍ଦିରରେ ଶ୍ରୀବିଷ୍ଣୁଙ୍କ ବାମନ ଅବତାରର ପୂଜାର୍ଚ୍ଚନା କରିବା ସହିତ ଭକ୍ତମାନେ ରାଜା ବଳିଙ୍କୁ ମଧ୍ୟ ସ୍ମରଣ କରି ଓଣମ୍ ପର୍ବର ଶୁଭାରମ୍ଭ କରିଥା'ନ୍ତି। ଦୀପାବଳୀର ଦ୍ୱିତୀୟ ଦିନ ଦକ୍ଷିଣ ଭାରତରେ 'ମାର୍ଗପାଳି' ପୂଜା ନାମରେ ଏକ ପର୍ବ ପାଳନ କରାଯାଏ ଏବଂ ସନ୍ଧ୍ୟା ସମୟରେ ରାଜା ବଳିଙ୍କ ପୂଜା କରାଯାଏ। ବିଶ୍ୱାସ ରହିଛି ଯେ ଏହି ଦିନ ଶ୍ରୀବିଷ୍ଣୁ ରାଜା ବଳିଙ୍କୁ ପାତାଳର ରାଜା ଘୋଷିତ କରିବା ସହିତ ଚିରଞ୍ଜୀବୀ ହେବା ପାଇଁ ବରଦାନ ଦେଇଥିଲେ। ଏହି ଦିନ ଯେଉଁ ଭକ୍ତ ଶ୍ରୀବିଷ୍ଣୁଙ୍କ ସହିତ ବଳିଙ୍କ ପୂଜା କରିବେ, ସେ କେବେ କୌଣସି ଦୁର୍ଦ୍ଦଶା ଭୋଗ କରିବେ ନାହିଁ ଏବଂ ତାଙ୍କ ଜୀବନରେ ଅଶେଷ ସୁଖସମୃଦ୍ଧି ବାସ କରିବ - ଏହି ବରଦାନ ସ୍ୱୟଂ ନାରାୟଣ ବଳିଙ୍କୁ ଦେଇଥିଲେ। ତେଣୁ ଉକ୍ତ ପୌରାଣିକ କଥା ଅନୁସାରେ ଦକ୍ଷିଣ ଭାରତୀୟ ଭକ୍ତମାନେ ଘରର ମାର୍ଗ (ରାସ୍ତା) ଏବଂ ମୁଖ୍ୟଦ୍ୱାରକୁ ସଫା କରି ବିଭିନ୍ନ ପୁଷ୍ପ ଓ ପତ୍ରରେ ସଜ୍ଜିତ କରିଥା'ନ୍ତି। ଏହାପରେ 'ମାର୍ଗପାଳି' ମନ୍ତ୍ର ଜପ ଦ୍ୱାରା ପୂଜାର୍ଚ୍ଚନା ସମ୍ପନ୍ନ କରାଯାଏ ଏବଂ ସନ୍ଧ୍ୟା ସମୟରେ ରାଜାବଳିଙ୍କ ଉଦ୍ଦେଶ୍ୟରେ ଅନ୍ୟ ଏକ ମନ୍ତ୍ର ଜପ କରିବା ସହ ସୁଖସମୃଦ୍ଧି ବୃଦ୍ଧି କରିବା ପାଇଁ ପ୍ରାର୍ଥନା କରାଯିବାର ବିଧି ରହିଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଭିସୁଟ୍‌ରେ ଛାତ୍ରୀ ନିର୍ଯାତନା

# ଭିଡିଓ ଭାଇରାଲ କରି ପୁରୁଷ ବନ୍ଧୁ ଗିରଫ

ସମ୍ବଲପୁର, ୪।୧୨ (ସମିସ): ଭିସୁଟ୍‌ରେ ଛାତ୍ରୀ ନିର୍ଯାତନା। ଜଣେ ଛାତ୍ରୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ୍ ଏବଂ ବ୍ଲାକମେଲ୍ କରିବା ଅଭିଯୋଗରେ ପୁଲିସ ଭିସୁଟ୍‌ର ଶେଷବର୍ଷର ଜଣେ ଛାତ୍ରଙ୍କୁ ଗିରଫ କରିଛି। ସେ ହେଲେ, ଭୁବନେଶ୍ୱରର ଆର୍ଯ୍ୟନ କର(୨୪)। ସୂଚନାନୁସାରେ, ଆର୍ଯ୍ୟନ ଓ ସଂପୃକ୍ତ ଛାତ୍ରୀଜଣଙ୍କ ଭିସୁଟ୍‌ର ଶେଷ ବର୍ଷର ବିଦ୍ୟାର୍ଥୀ। ଆର୍ଯ୍ୟନ କିଛି ଦିନ ହେଲା ଛାତ୍ରୀଙ୍କୁ ବ୍ଲାକମେଲ୍ କରି ଆସୁଥିଲା। ଏପରିକି, ତାଙ୍କର କିଛି ଆପତ୍ତିଜନକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ କରିଥିଲା। ବୁଧବାର ଏ ସଂପର୍କରେ ଛାତ୍ରୀଙ୍କ ଅଭିଭାବକ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଇଣ୍ଟରନାଲ କମ୍ପ୍ଲେନ୍ କମିଟି (ଆଇସିସି)କୁ ପଠାଇବା ସହ ଆର୍ଯ୍ୟନକୁ ସସ୍‌ପେଣ୍ଡ କରିଥିଲେ। ପରେ ଏ ସଂପର୍କରେ ଥାନାରେ ଅଭିଯୋଗ ହେବାରୁ ବୁର୍ଲା ପୁଲିସ ଆଜି ଆର୍ଯ୍ୟନକୁ ଗିରଫ କରି କୋର୍ଟଚାଲାଣ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାନସଭାରେ ଗାନ୍ଧୀଙ୍କ...

ଗୃହ ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ବିରୋଧୀଦଳ ଉପନେତା ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ଗାନ୍ଧୀଙ୍କୁ ବିଧାନସଭାରେ ଅପମାନିତ କରିବା ଅର୍ଥ ସାରା ରାଷ୍ଟ୍ରକୁ ଅପମାନ କରିବା। ସ୍ୱାଧୀନତା ଆନ୍ଦୋଳନର ମଧ୍ୟ ଏହା ଅପମାନ। ଗାନ୍ଧୀଜୀଙ୍କୁ ଭାରତ ବିଭାଜନ ପାଇଁ ଦାୟୀ କରିବାଠାରୁ ଅସମୀଚିନ, ଅଯୁକ୍ତିକ ଓ ଅଜ୍ଞାନମୂଳକ କଥା କିଛି ନାହିଁ। ପବିତ୍ର ଗୃହ ଭିତରେ ଏକଥା କହି ଗୃହକୁ ବିଜେପି ଅପବିତ୍ର କରିଛି। ଏହି ମନ୍ତବ୍ୟ ବିରୋଧରେ ଆମେ ଗାନ୍ଧୀଙ୍କ ପନ୍ଥା ଅବଲମ୍ବନ କରିଛୁ। ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଆମେ ମୌନ ଧରଣାରେ ବସିଛୁ। ପବିତ୍ର ଗୃହ ଭିତରେ ଯେଉଁମାନେ ଇତିହାସକୁ ବିକଳାଙ୍ଗ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ଇତିହାସ କେବେ କ୍ଷମା ଦେବ ନାହିଁ। ଗାନ୍ଧୀଜୀ ଏ ଜାତିର ପିତା; ବିଧାନସଭାର ପୋଡ଼ିୟମରେ ବାଚସ୍ପତିଙ୍କ ପଛପଟେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଲାଗିଛି। ତାଙ୍କୁ ବିଜେପି ବିଧାୟକଙ୍କ ଲାଞ୍ଛନାକୁବିଜୁ ଜନତା ଦଳ ବିରୋଧ କରୁଛି। ତେଣୁ ଏହି ମନ୍ତବ୍ୟ ପାଇଁ ସମ୍ପୃକ୍ତ ସଦସ୍ୟ କ୍ଷମାପାର୍ଥନା କରିବା ସହ ବାଚସ୍ପତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡାମ କହିଛନ୍ତି ଯେ ମହାତ୍ମା ଗାନ୍ଧୀ ଦେଶକୁ ସ୍ୱାଧୀନ କରିଛନ୍ତି। ତାଙ୍କ ବିରୋଧରେ ଅପସୂଚକ ମନ୍ତବ୍ୟ ଦେବା ବିଜେପିର ଅସଲ ମାନସିକତାକୁ ପଦାରେ ପକାଇଛି। ଯେପର୍ଯ୍ୟନ୍ତ ସମ୍ପୃକ୍ତ ସଦସ୍ୟ କ୍ଷମା ମାଗି ନାହାନ୍ତି, କଂଗ୍ରେସ ଦଳ ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ କାଡାମ୍ କହିଛନ୍ତି। ଅନ୍ୟପଟେ ବିରୋଧୀ ସଦସ୍ୟମାନେ ୫ ଟା ୪୧ରୁ ଗୃହ ପରିତ୍ୟାଗ କରିବା ପରେ ବାଚସ୍ପତି ସୁରମା ପାଢ଼ୀ ସଂସଦୀୟ ବ୍ୟାପାରମନ୍ତ୍ରୀ ମୁକେଶ ମହାଲିଙ୍ଗ ସମେତ ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ମନ୍ତ୍ରୀ ରବି ନାୟକଙ୍କ ସହ କିଛି ବିଧାୟକଙ୍କୁ ବିରୋଧୀ ସଦସ୍ୟଙ୍କୁ ବୁଝାଶୁଝା କରି ଗୃହକୁ ଫେରାଇ ଆଣିବା ପାଇଁ ପଠାଇଥିଲେ। ମାତ୍ର ବିରୋଧୀ ନିଜ ଜିଦ୍‌ରେ ଅଟଳ ରହିବା ହେତୁ ଗୃହ ବାରମ୍ବାର ଅର୍ଥାତ ୭ଟା ୨୫ ପର୍ଯ୍ୟନ୍ତ ମୁଲତବୀ ରହିଥିଲା। ଗୃହ ବାହାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ ଯେ ଜାତିର ପିତା ମହାତ୍ମା ଗାନ୍ଧୀ ସମସ୍ତଙ୍କ ଆଦର୍ଶ। ତାଙ୍କ ବିରୋଧରେ କୌଣସି ମନ୍ତବ୍ୟ ଦେବା ଆମ ଦଳ କିମ୍ବା କୌଣସି ବିଧାୟକଙ୍କର ମଧ୍ୟ ଉଦ୍ଦେଶ୍ୟ ନୁହେଁ। ଏହି ମନ୍ତବ୍ୟକୁ ବାଚସ୍ପତି ମଧ୍ୟ ଗୃହ ବିବରଣୀରୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିଧାୟକ ଶ୍ରୀ ଖଟୁଆ ମଧ୍ୟ ଏହାକୁ ନେଇ ଦୁଃଖ ପ୍ରକାଶ କରି ସାରିଛନ୍ତି ବୋଲି କହିଥିଲେ। ଏହାପରେ ମଧ୍ୟ ବିରୋଧୀ ସରକାରଙ୍କଠାରୁ ସ୍ପଷ୍ଟତା ଚାହିଁଥିଲେ। ଶେଷରେ ସଂସଦୀୟ ବ୍ୟାପର ମନ୍ତ୍ରୀ ଗୃହରେ ପ୍ରତିକ୍ରିୟା ରଖି ଉକ୍ତ ମନ୍ତବ୍ୟକୁ ସରକାର ନାପସନ୍ଦ କରୁଛନ୍ତି ବୋଲି କହିବା ପରେ ୭ ଟା ୨୫ରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

### ହଟିବ ସବୁ...

ପ୍ଲାଜା ଆଡକୁ ଅଗ୍ରସର ହେବା। ବର୍ତ୍ତମାନ ଟୋଲ୍ ପ୍ଲାଜାରେ ଗାଡ଼ି ଅଟକିବାର ଆବଶ୍ୟକତା ନାହିଁ। ଟଙ୍କା ସ୍ୱୟଂଚାଳିତ ଭାବରେ କଟୁଛି। ଗାଡ଼ି ଟୋଲ୍ ଲେନ୍ ଦେଇ ଯିବା ସମୟରେ ଏକ ସେନ୍‌ସର୍ ଟ୍ୟାଗ୍ ରିଡ୍ କରିଥାଏ। ଏହାପରେ ବ୍ୟବହାରକାରୀଙ୍କ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟ କିମ୍ବା ୱାଲେଟ୍‌ରୁ ତତ୍‌କ୍ଷଣାତ୍ ଟଙ୍କା କଟିଯାଏ। ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ସାରା ଦେଶରେ ପ୍ରାୟ ୪୫୦୦ ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟ ଚାଲିଛି, ଯାହାର ମୋଟ ମୂଲ୍ୟ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା।

### ଆଉ ୩୦୦ ବିମାନ...

ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ପାଇଲଟ ସମେତ ବିମାନ କ୍ରୁ ସଦସ୍ୟଙ୍କ ପାଇଁ ଡିଜିସିଏ ନୂଆ କାର୍ଯ୍ୟ ସମୟ ନିୟମ ନିର୍ଦ୍ଧାରଣ କରିବା ପରେ ଏହି ସମସ୍ୟା ସୃଷ୍ଟି ହୋଇଛି। ନୂଆ ନିୟମ ଅନୁଯାୟୀ ପାଇଲଟ ଦିନକୁ ସର୍ବାଧିକ ୮ ଘଣ୍ଟା ପାଇଁ ବିମାନ ଉଡ଼ାଇପାରିବେ। ସପ୍ତାହକୁ ୩୫ ଘଣ୍ଟା ଏବଂ ମାସକୁ ୧୨୫ ଘଣ୍ଟା ବିମାନ ଉଡ଼ାଇବା ଲାଗି ସମୟ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଧାରିତ ସମୟ ପରେ ପାଇଲଟଙ୍କୁ ବିମାନ ଉଡ଼ାଣ ପାଇଁ ଅନୁମତି ଦିଆଯାଉନଥିବାରୁ ଏଭଳି ଅପ୍ରୀତିକାର ପରିସ୍ଥିତି ସୃଷ୍ଟି ହୋଇଛି। ଭାରତରେ ଇଣ୍ଡିଗୋ ସମେତ ଏୟାର ଇଣ୍ଡିଆ ଓ ସ୍ପାଇସ୍ ଜେଟ୍ ଭଳି ସଂସ୍ଥା ମଧ୍ୟ ବିମାନ ସେବା ଯୋଗାଉଛନ୍ତି। ତେବେ ଯାତ୍ରୀ ସେବାରେ ଇଣ୍ଡିଗୋର ଭାଗ ୬୫ ଭାଗରୁ ଅଧିକ ଥିବାରୁ ନୂଆ ନିୟମ ଯୋଗୁଁ ଇଣ୍ଡିଗୋ ସର୍ବାଧିକ ପ୍ରଭାବିତ ହୋଇଛି। ଦିନକୁ ଦେଶ ଭିତରେ ଦୈନିକ ୩୩୦୦ ବିମାନ ସେବା ରହିଥିବା ବେଳେ ଏଥିରେ ଇଣ୍ଡିଗୋର ଅଂଶ ହେଉଛି ୨ ହଜାରରୁ ଅଧିକ।

ଅନ୍ୟପକ୍ଷରେ ପାଇଲଟ ଆସୋସିଏସନ୍ ଏଭଳି ବିଭ୍ରାଟ ପାଇଁ ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛି। ସଂଘ କହିଛି ଯେ ନିୟମରେ ପରିବର୍ତ୍ତନ ପାଇଁ ଡିଜିସିଏ ଉପରେ ଚାପ ପକାଇବା ଲାଗି ଇଣ୍ଡିଗୋ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛି। ନୂଆ ନିୟମ ପରେ ଇଣ୍ଡିଗୋ ଚାହିଁଥିଲେ ଅଧିକ ପାଇଲଟ ଓ ବିମାନ କର୍ମଚାରୀ ନିଯୁକ୍ତି କରିପାରିଥାଆନ୍ତା।

### ହୀରାକୁଦର ଜଳଧାରଣା...

ଥିବାବେଳେ ସରକାର ଏହାକୁ ଗୁରୁତର ସହ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ସେହିପରି ହୀରାକୁଦ ବନ୍ଧ କୂଳରେ ରାଜ୍ୟ ସରକାର ହୋଟେଲ ନିର୍ମାଣ ପାଇଁ ବଡ଼ ବଡ଼ କମ୍ପାନୀଙ୍କୁ ଜମି ପ୍ରଦାନ କରୁଛନ୍ତି। ଏଥିରେ ଆଦାନୀ କମ୍ପାନୀ ମଧ୍ୟ ରହିଛି। ହୋଟେଲ ନିର୍ମାଣ ହେଲେ ଲୋକଙ୍କ ସମାଗମ ହେବ। ଯାହା ବନ୍ଧର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ ବୋଲି ସେ କହିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ ବିରୋଧୀ ଦଳ ଉପନେତା ଯେଉଁ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସ୍ପର୍ଶକାତର ପ୍ରସଙ୍ଗ । ଏହି ଆଶଙ୍କା ମଧ୍ୟ ଆଖପାଖ ଲୋକଙ୍କୁ ବେଶ୍ ବିଚଳିତ କରୁଛି। ବନ୍ଧ ନିର୍ମାଣ ପୂର୍ବରୁ ଓଡ଼ିଶାର ଯେତିକି ବଜେଟ ଥିଲା, ତାହା ଗୋଟିଏ ବନ୍ୟା ଆସିଲେ ତାହାର ମୁକାବିଲା ପାଇଁ ଖର୍ଚ୍ଚ ହୋଇ ଯାଉଥିଲା। ମୁଖ୍ୟତଃ ବନ୍ୟା ନିୟନ୍ତ୍ରଣ ପାଇଁ ହୀରାକୁଦ ବନ୍ଧ ନିର୍ମାଣ ହୋଇଥିଲା। ତେବେ ବନ୍ଧ ନିର୍ମାଣ ପରେ ଏଥିରେ ବ୍ୟାପକ ପରିମାଣରେ ମାଟି, ପଟୁ ଜମା ହେବା ଏବେ ବଡ଼ ସମସ୍ୟା। ଅତୀତରେ ମାଟି, ବାଲି ବାହାର କରିବା ପାଇଁ ଜାପାନ କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ସେମାନେ ଏଥିରେ ବିଫଳ ହୋଇଥିଲେ। ବନ୍ଧରୁ ପଟୁ ବାହାର କଲେ ବନ୍ଧର ଜଳ ସଂରକ୍ଷଣ କ୍ଷମତା ବଢ଼ିବ ବୋଲି ସେ କହିଥିଲେ। ସେହିପରି ହୀରାକୁଦ ବନ୍ଧ ପାଖରେ ହୋଟେଲ ନିର୍ମାଣ ପ୍ରସଙ୍ଗରେ ରାଜ୍ୟ ସରକାର ଏନଇ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି। ସରକାର ଏକ୍ଷେତ୍ରରେ ସୁରକ୍ଷାକୁ ମଧ୍ୟ ପ୍ରାଧାନ୍ୟ ଦେଉଛନ୍ତି। ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହାର ସଠିକ୍ ଉପଯୋଗ ପାଇଁ ରାଜ୍ୟ ସରକାର ବ୍ୟାପକ ଯୋଜନା କରିଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ।

### ଆଜି ବୈଷୟିକ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏନେଇ ଏକ ଅନୌପଚାରିକ ଆଲୋଚନା ହୋଇଥିଲା। ପରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୂର୍ବାଞ୍ଚଳ ପରିଷଦ ବୈଠକରେ ମଧ୍ୟ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏ ସଂକ୍ରାନ୍ତୀୟ ଆଲୋଚନା ଆଗକୁ ବଢ଼ିଥିଲା। ଗତ ଅଗଷ୍ଟ ୩୦ ତାରିଖରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଆଲୋଚନା କରିବା ସହ ବିବାଦର ସମାଧାନ ପାଇଁ ରୂପରେଖ ପ୍ରସ୍ତୁତ କରିଥିଲେ। ଇତିମଧ୍ୟରେ, ଉଭୟ ରାଜ୍ୟ ପକ୍ଷରୁ ଗଠିତ ଯୁଗ୍ମ ବୈଷୟିକ କମିଟିର ୬ଥର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାବ୍ୟତୀତ ଆସନ୍ତା ୨୦ ତାରିଖରେ ମହାନଦୀ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି ଅନୁଷ୍ଠିତ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୃହରେ ଉତ୍ତର ରଖିଛନ୍ତି।

### ମହିଳା ନିଶା ବେପାରୀଙ୍କ...

ଘରେ ଚଢ଼ଉ କରାଯାଇ ୨୦୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିଲା। ଧଳା ଜହର ବିକ୍ରି ଅଭିଯୋଗରେ ଏବେ ଜେଲ୍‌ରେ ଅଛନ୍ତି ସୁକାନ୍ତି। ସରକାରୀ ଜାଗାରେ ଜୋର୍‌ଜବରଦସ୍ତ ଘର କରି ନିଶା କାରବାର କରୁଥିବା ଅଭିଯୋଗରେ ପୁଲିସ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ପୁରୀର ପ୍ରବେଶପଥ ଅଠରନଳା ନିକଟ ନୀଳଚକ୍ର ନଗରରେ ସରକାରୀ ଜାଗା ଜବରଦଖଲ କରି ଦୀର୍ଘ ଦିନ ହେବ ଧଳାଜହର କାରବାର କରୁଥିଲେ ସୁକାନ୍ତି। ହ୍ୱାଇଁ ଟିକି ଖାଁଙ୍କ ସହ ମିଶି ସୁକାନ୍ତି ଏହି ବେଆଇନ କାରବାର କରିଆସୁଥିଲେ। ଶେଷରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କର ଗୋଟିଏ ଦୋକାନ ସହ ୪ଟି ଘର ଭଙ୍ଗାଯାଇଛି। ନିଶା ବେପାରୀଙ୍କ ଘର ଉପରେ ବୁଲିଛି ବୁଲ୍‌ଡୋଜର। ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ସଦର ଥାନା ଅଧିକାରୀଙ୍କ ସହ ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଛି। ପୁରୀ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ନିଶା ବେପାରୀଙ୍କ ବିରୋଧରେ ପୁଲିସ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବ। ଏଥିପାଇଁ ସମସ୍ତ ଥାନା ଅଞ୍ଚଳର ତାଲିକା ପ୍ରସ୍ତୁତ କରାଯାଇଛି। ଆଗକୁ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନ ବଳବତ୍ତର ରହିବ।

### କଳିଙ୍ଗା ଘାଟିରେ...

ମାଝୀ ଓ ଟିମ୍ ସହ ଜି.ଉଦୟଗିରି ପୁଲିସ ଏବଂ ଜାତୀୟ ରାଜପଥ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ ଓ ଅନ୍ୟ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏହି ଭେଇକିଲ ସେନ୍ସର୍ ଆଲର୍ଟ ମେସିନ ରାଜ୍ୟରେ ପ୍ରଥମଥର କଳିଙ୍ଗା ଘାଟିରେ ଲାଗୁଥିବା ବେଳେ ଏହା ଠିକ୍ ଭାବେ କାମ କଲେ, ଆସନ୍ତା ଦିନମାନଙ୍କରେ ଅନ୍ୟ ସ୍ଥାନମାନଙ୍କରେ ଲଗାଯିବ ବୋଲି ଭୁବନେଶ୍ୱର ଆଇଆଇଟି ପକ୍ଷରୁ ଆସିଥିବା ଅଧିକାରୀ କହିଛନ୍ତି।

## ଦୁର୍ଘଟଣାରେ ଦୁଇ ସାଙ୍ଗ ମୃତ

କୁଚିଣ୍ଡା, ୪।୧୨ (ସମିସ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଜରବଗା ମଦଭାଟିପଡ଼ା ନିକଟରେ ଆଜି ଏକ ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କେଶାଇବାହାଲ ପଞ୍ଚାୟତ ଭିକାପାଲି କନ୍ଦାମୁଣ୍ଡା ଗ୍ରାମର ମାନେଶ ମୁଣ୍ଡା ଓ ଆକାଶ ମୁଣ୍ଡା। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଶିବାନ ମୁଣ୍ଡା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ଭିମସାର୍‌ରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଖବର ପାଇ ମହୁଲପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ମାନେଶ, ଆକାଶ ଓ ଶିବାନ ଆଜି ଏକ ବାଇକ୍‌ରେ ଜରାବଗା ଗ୍ରାମକୁ ଯାଇଥିଲେ। ସନ୍ଧ୍ୟାରେ ସେମାନେ ଗାଁକୁ ଫେରୁଥିବା ବେଳେ ମଦ ଭାଟିପଡ଼ା ନିକଟରେ ସେମାନଙ୍କ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ମାନେଶଙ୍କ ମୃତ୍ୟୁ ହୋଇଥିବା ବେଳେ ଆକାଶ ଓ ଶିବାନ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ଦୁହିଁଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ରେ ବୁର୍ଲାଠାରେ ଆକାଶକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶିବାନଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଥିବା ଜଣାଯାଇଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]
B-787

TENDER CALL NOTICE

Bid Identification No. SC (R&B)-GM-II-21/2025-26 No. Dated.27.11.2025

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in single cover system to be received in **ONLINE MODE** only for the work as detailed below:
2) Nature of Work : Electrical work
3) No. of work : 02 Nos.
4) Tender Cost : Rs.6,000/-
5) Class of Contractor : HT of registered with the ELBO Authorized HT License
6) Availability of bid documents in the website : From 05.12.2025 10.00 AM to 16.12.2025 4.00 P.M.
7) Date of opening of Bid : 17.12.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR-34080/11/0038/2526

भा.क.नि. CCI
ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୪.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

ନିୟନ୍ତ୍ରୀତ ବଜାର କମିଟି, ବଲାଙ୍ଗିର ଜିଲ୍ଲା - ବଲାଙ୍ଗିର (ଧାନ ମଣ୍ଡି)

ଏତଦ୍ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗିର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା. ୦୫.୧୨.୨୦୨୫ ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି । ଓଡିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ ।

*"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ । ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ ।"*


ଧାନ କ୍ରୟ ଦିବସ - ସୋମ, ମଙ୍ଗଳ, ବୁଧ, ଗୁରୁ ଶୁକ୍ର, ଶନି ସମୟ - ସକାଳ ୭ ଘଣ୍ଟା ରୁ ମଧ୍ୟାହ୍ନ ୧୨ ଘଣ୍ଟା ମଧ୍ୟରେ ଧାନ ବିକ୍ରୟ କରି ପାରିବେ ।

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍. ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦ % |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା – ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦ % |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ "ଏ" ଧାନ ନିମନ୍ତେ) | ୬.୦ % |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

-: ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-

| କ୍ର.ନଂ. | (FAQ) ଧାନର ମାନ | କୁଇଣ୍ଟାଲ ପ୍ରତି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ତତ୍‌ସହ ଇନ୍‌ପୁଟ ସହାୟତା |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/- |



ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର (SMS) ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ୍) ପ୍ରେରଣ କରାଯିବ ଯାହାକି ୩୦ ଦିନ ବୈଧ ରହିବ । ଅଗ୍ରୀମ ଟୋକନ୍ ପାଇଲା ପରେ ସଂପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ । ଚଳିତ ବର୍ଷ ଟୋକନ୍ ରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କ ଠାରୁ କ୍ରମାନ୍ୱୟ (FIFO) ରେ ଧାନ କ୍ରୟ କରାଯିବ । ବିନା ଟୋକନ୍ ରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ ।

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତହୋଇଥିବା ଟୋକନ୍ ଆଣିବେ । ରେଜିଷ୍ଟ୍ରିଭୁକ୍ତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜିକୃତ ହୋଇଥିବା ମୋ. ନଂ ରୁ ଟୋଲ୍ ଫ୍ରି ନଂ 1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ, ଟୋକନ୍‌ର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ ।

I.V.R.S ପଦ୍ଧତିରେ -
୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ ।
୬ ନମ୍ବର ଚୟନ କଲେ ଟୋକନ୍ ର ସ୍ଥିତି ଜାଣିପରିବେ ।
୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ ।

ସ୍ୱା - ସଂପାଦକ
ନିୟନ୍ତ୍ରୀତ ବଜାର କମିଟି, ବଲାଙ୍ଗିର

ସ୍ୱା - ଉପଜିଲ୍ଲାପାଳ ବଲାଙ୍ଗିର ତଥା ଅଧ୍ୟକ୍ଷ
ନିୟନ୍ତ୍ରୀତ ବଜାର କମିଟି, ବଲାଙ୍ଗିର

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**TENDER NOTICE**

IGSSS invites quotations from reputed and experienced service providers for designing and installing a 5-metric-ton Solar-based cold storage unit for fisheries. Interested firms are requested to submit their Expression of Interest (EOI) to receive the detailed RFP by emailing procurement@igsss.net within 15 days. For more information, please contact 9711387171 / 7978102371.

OFFICE OF THE PRINCIPAL S.D. WOMEN'S COLLEGE RAJGANGPUR
No./610/sdwc/NAAC/25 Date: 04.12.2025

QUATATION CALL NOTICE

**Sealed quotations** are invited from registered manufacturers / suppliers/ dealers / firms / Contractors having a valid **GST Certificate** and **Authorisation Certificate** from the manufacturer / service provider for the supply of **Round Table, Executive Chairs. Air Conditioners, Wall-Mounted Cupboards, Desktops, and Laptops.**

The quotations must reach the undersigned **on or before 15.12.2025** by **5:00 PM**.

For detailed specifications, please visit our college website: www.sdwcrgp.ac.In

Sd/- **PRINCIPAL, S.D. WOMEN'S COLLEGE, RAJGANGPUR**

**JOB VACANCY**
**Yamaha Jaleswar** YAMAHA
General Manager -01
Salary expectation - 20k to 25k
Work Shop Manager -01
Salary expectation -15k to 20k
Experience in two wheeler Automobiles service center - 3 to 5 years in both posts.
Khan Motor Yamaha Jaleswar
Mob no - 9776483818

 କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ,କେନ୍ଦ୍ରାପଡ଼ା

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟପରିସର ଅବିଭକ୍ତ କଟକ ଜିଲ୍ଲା ଯଥା-କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ ।
- ସ୍ଥାୟୀ ଜମା (Fixed Deposit) ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ ପାଇଁ ୯.୦୦% ସୁଧ ଦିଆଯାଏ ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ ।
- ଦୃଷ୍ଟିହୀନ ଓ ସଂପୂର୍ଣ୍ଣ ଶାରୀରିକ ଅକ୍ଷମ ତଥା ଅସହାୟ ପରିବାରକୁ ଜ୍ଞାନଦେବୀ ଗୁରୁରାଣ ସହାୟତାପ୍ରଦାନ |
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen)ଙ୍କ ଜମା ଉପରେ ଯେ କୌଣସି ଗୋଟିକରେ ୦.୫୦% ଅଧିକ ସୁଧ ଦିଆଯାଏ ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ ।
- ଆପଣଙ୍କ ଜମା ଖାତା ସୋସାଇଟିର ଯେକୌଣସି ଶାଖାରେ ଥିଲେ ମଧ୍ୟ CBS ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଳଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ ଖୁବଶୀଘ୍ର କାର୍ଯ୍ୟାରମ୍ଭ ହେବାକୁ ଯାଉଛି ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ , ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାତମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା , ଚୌଦ୍ୱାର, ଜଗତପୁର ଓ ବାଳିଚନ୍ଦ୍ରପୁରଠାରେ ଶାଖା ଗୁଡିକ ସୁଚାରୁରୂପେ କାର୍ଯ୍ୟ କରୁଛି ।

ଅରବିନ୍ଦ ସାହୁ
ସଂପାଦକ
ମୋ.- ୯୧୨୪୨୫୪୪୧୯

ପ୍ରମୋଦ ସାହୁ
ସଭାପତି
ମୋ.- ୯୧୨୪୨୫୪୪୧୮

**NOTICE**

By virtue of an Affidavit sworn before Executive Magistrate, Bhubaneswar. dated 29.11.2025.CF No.01, I, **Trinalh Saboo,** aged about 45 years, S/O: Sankar Sahoo, residing at Totapada, PO: Baku, PS: Gadisagada, Dist: Puri, PIN: 752019, Aadhaar No.4560 6087 3983 Currently residing at above address, declare that I have changed the name of my daughter from my name from **Somali Sahoo** (old name) to **Sonali Sahoo** (new name). Henceforth she shall be known as **Sonuli Sahoo** for all purposes.

Sd/- Trinath Sahoo

**AFFIDAVIT**

By virtue of an affidavit before the Executive Magistrate, Bolagarh, on dated- 01.12.2025 at about 10.30 am. I Rabindra Kumar Behera, S/o Dasharathi Behera, permanent resident of At-Trutiapada, PO- Bolagarh, PS-Bolagarh, Dist- Khordha, Odisha, PIN- 752066 declare that I have changed my son's / daughter's name from P.R Palvit Kumar Behera to Palvit Kumar Behera. Henceforth, he/she shall be known as **Palvit Kumar Behera** for all purposes.

**AFFIDAVIT**

By virtue of an affidavit sworn before the executive magistrate,Jajpur No 11401 dated 19/11/2025. I Jamuna Nayak W/O-Prasanta Jena resident of Belampur,Unit - 9,Jajpur -1 declare that my minor son name changed from Sekhar Nayak to Sekhar Jena .Hence He will be known as Sekhar Jena for all purposes.

S/d-Jamuna Nayak

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 04/12/2025, CF No.- 38/04.12.2025. I Subash Chandra Samal S/O Late Bishnu Charan Samal, At-Bandhasahi,Po-Mahal, PS-Patakura, Dist-Kendrapara, Pin-754210, declare that I have changed the name of my daughter from Gita Samal to Mitali Samal. Henceforth, she shall be known as new name Mitali Samal for all purposes.

Sd/- Subash Chandra Samal

**AFFIDAVIT**

By virtue of an affidavit before the Notary Public, Titilagarh, on dated- 04/12/2025. I, **Soura Sweety Debendra** (new name), formerly called as **Sweety Debendrakumar Soura** (old name), D/o-Debendra Soura, permanent resident of AT/PO/PS- Titilagarh, (Girls High School Pada), Dist- Bolangir, (Odisha), PIN-767033 now residing at the same place declare that I have changed my name from **Sweety Debendrakumar Soura** to **Soura Sweety Debendra.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Soura Sweety Debendra** (new name) for all future purposes.

Soura Sweety Debendra

**AFFIDAVIT**

I, Kunal Kumar Choubey, aged about 29 years, S/o-Gopal Chandra Chaubey, resident of At- Dipupada, Jharsuguda, VTC-Banjara, PS/Dist-Jharsuguda, Pin- 768201 (Odisha) declare by this affidavit No. 02, dtd. 04/12/2025, that now onwards I shall be known as **KUNAL KUMAR CHAUBEY** for all future purposes.

**AFFIDAVIT**

By virtue of an affidavit sworned before Executive Magistrate, Nayagarh vide sl. no-1314 on dt. 03/12/2025 I Archana Mishra, w/o-Rajesh kumar Mishra resident of PWD lane, Nayagarh, po./p.s/Dist-Nayagarh, Odisha, pin-752069 declare that i have changed the surname of my son from satapathy to mishra and now he will be known as Aditya Kumar Mishra S/o- Rajesh kumar Mishra and **Archana Mishra** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 03/12/2025. I, **Balakrishna Behera** (new name), formerly called as **Balakrushna Behera** (old name), S/o- Ratnakar Behera, permanent resident of AT/PO- Rigdol, PS- Titilagarh, Dist- Bolangir, (Odisha), PIN- 767033 now residing at the same place declare that I have changed my name from **Balakrushna Behera** to **Balakrishna Behera.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Balakrishna Behera** (new name) for all future purposes.

Balakrishna Behera

# ମିଗ୍ ଅଞ୍ଚଳ କଳିଙ୍ଗ ବୈଶ୍ୟ ସଂଘର ସାଧାରଣ ଅଧିବେଶନ



ସେମିଳିଗୁଡା, ୪।୧୨(ସମିସ): କୋରାପୁଟ ଜିଲ୍ଲାରେ ବସବାସ କରୁଥିବା କଳିଙ୍ଗ ବୈଶ୍ୟ ସମ୍ପ୍ରଦାୟକୁ ନେଇ ଗଠିତ କଳିଙ୍ଗ ବୈଶ୍ୟ ମିଗ୍ ଅଞ୍ଚଳର ୭ମ ସାଧାରଣ ଅଧିବେଶନ କୋରାପୁଟ ଜିଲ୍ଲାର ସେମିଳିଗୁଡା ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମିଗ୍ ଅଞ୍ଚଳ ସଭାପତି ଚିନମ ରବୀନ୍ଦ୍ରନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାସଂଘ ସଭାପତି କେ ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୁନାବେଡା ପୌରାଧକ୍ଷ ରାଜେନ୍ଦ୍ର କୁମାର ପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ସମ୍ମାନିତ ଅତିଥି ଭାବେ ମହାସଂଘର କର୍ମକର୍ତ୍ତା, ମହିଳା ମହାସଂଘ ସଭାପତି, ଯୁବକ ମହାସଂଘ ସଭାପତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ମାଆ କନ୍ୟକା ପରମେଶ୍ୱରୀ ଙ୍କ ବନ୍ଦନା ଗାନ କରିବା ପରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସଂଘ ଓ ସମାଜର ଉନ୍ନତି ଦିଗରେ ବିଶଦ ଆଲୋଚନା କରାଯାଇଥିଲା। ଇତି ଅବସରରେ ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ପ୍ରତିଭା ମାନଙ୍କୁ ଅତିଥି ମାନେ ସମ୍ମାନୀତ କରିଥିଲେ। ଉକ୍ତ ଦିନ ବିଶ୍ୱ ଦିବ୍ୟାଙ୍ଗ ଦିବସ ଥିବାରୁ ବହୁ ଦିବ୍ୟାଙ୍ଗ ମାନଙ୍କୁ ଯଥୋଚିତ ଉପକରଣ ପ୍ରଦାନ କରାଯାଇଥିଲା। କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ରକ୍ତ ସଂଗ୍ରହକାରୀ ଦଳ ଉପସ୍ଥିତିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ବିଭିନ୍ନ ସଂଘର ମହିଳା ଓ ଯୁବକ ଯୁବତୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର ବିଜେତା ମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରକାଶ ଥାଉ କି ମିଗ୍ ଅଞ୍ଚଳ ଅଧୀନରେ ଥିବା ଦାମନଯୋଡି, ସେମିଳିଗୁଡା, ସୁନାବେଡା, ଜୟପୁର, ବୈପାରିଗୁଡ଼ା, ବାଲିମେଳା, କାଲିମେଳା, ଇନ୍ଦ୍ରାବତୀ ଆଦି ସଂଘ କୁ ନେଇ ମିଗ୍ ଅଞ୍ଚଳ ସଂଘ ପରିଚାଳିତ। ମହାସଂଘ ଉପସଭାପତି ସୁରେଶ ଚନ୍ଦ୍ରା ପାତ୍ର, ସମ୍ପାଦକ ନାରାୟଣ ସୁବୁଦ୍ଧି, ମିଗ ଅଞ୍ଚଳ ସମ୍ପାଦକ ଟୁନା ପାତ୍ର, ପ୍ରଥମ ମିଗ୍ ସଭାପତି ପ୍ରେମାନନ୍ଦ ପୃଷ୍ଟି, ସେମିଳିଗୁଡା କଳିଙ୍ଗା ବୈଶ୍ୟ ସଂଘର ସଭାପତି ହରି ବନ୍ଧୁ ପାତ୍ର, ସମ୍ପାଦକ କାଳି ଚରଣ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ସାଧାରଣ ଅଧିବେଶନ ସେମିଳିଗୁଡା ସଂଘ ଆନୁକୁଲ୍ୟରେ ଆୟୋଜନ କରାଯାଇଛି।

# ୧୭,୧୪୮ ଟି ପ୍ଲଟ୍‌ର ଧାନଚାଷ ଯାଞ୍ଚ ଶେଷ

## ଖରିଫ ଧାନମଣ୍ଡି ପୂର୍ବରୁ ପ୍ରକ୍ରିୟା ଆରମ୍ଭ

ଜୟପୁର, ୪।୧୨(ସମିସ) : ଚଳିତ ବର୍ଷ ଖରିଫ ଧାନ ବିକ୍ରି ନେଇ ସାରା ରାଜ୍ୟ ସମେତ କୋରାପୁଟ ଜିଲ୍ଲାରେ ପ୍ରକ୍ରିୟାରେ ଆରମ୍ଭ ହୋଇଯାଇଛି। କୋରାପୁଟ ଜିଲ୍ଲାରେ ଗତ ଅଗଷ୍ଟ ମାସ ୩୧ ତାରିଖ ଶେଷ ସୁଦ୍ଧା ୪୪ ହଜାର ୧୦୪ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି ନେଇ ପଞ୍ଜିକୃତ ଶେଷ କରିଛନ୍ତି। ସେହିପରି ସାଟେଲାଇଟ ଯାଞ୍ଚରେ ଚାଷୀ ପ୍ରଦାନ କରିଥିବା ଚାଷ ଜମି ଚିହ୍ନଟ ପ୍ରଦାନ କରିଥିବା ପ୍ଲଟ ନମ୍ବର ଅନୁଯାୟୀ ସମୁଦାୟ ୨୮ ହଜାର ୪୬୯ଟି ଚାଷଜମି ପ୍ଲଟରେ ଆଦୌ ଧାନ ଚାଷ ହୋଇନାହିଁ। ଅନ୍ୟାନ୍ୟ ଫସଲ ଚାଷ ହୋଇଛି ଏବଂ ଜମିର ପରିଣାମ ଅନୁଯାୟୀ କିଛି ମାତ୍ରା ଧାନ ଚାଷ ହୋଇଥିବା ସନ୍ଦେହ ଜନକ ଜମିର ପ୍ଲଟ ନମ୍ବର ଯାଞ୍ଚ ନେଇ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହିପରି କୋରାପୁଟ ଜିଲ୍ଲାରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ଏବଂ ଗତକାଲି ସୁଦ୍ଧା ୧୫୩ଜଣ କ୍ରୟକାରୀ ସଂସ୍ଥାର କର୍ମଚାରୀ ମାନେ ଚିହ୍ନଟ ହୋଇଥିବା ସନ୍ଦେହଜନକ ଭାବେ ୧୭ ହଜାର ୧୪୮ ଟି ପ୍ଲଟ ଯାଞ୍ଚ କାର୍ଯ୍ୟ ଶେଷ କରିଛନ୍ତି। ଏହିପରି ଆସନ୍ତା ୧୦ ଦିନ ମଧ୍ୟରେ ବଳକା ଜମି ପ୍ଲଟ ଯାଞ୍ଚ ଶେଷ ହେବ ବୋଲି ଡିଆରସିଏସ ମୋନିକା ରାୟ ପ୍ରକାଶ କରିଛନ୍ତି। ମବାୟ ବିଭାଗର ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ମଣ୍ଡି ଗୁଡିକରେ ଚାଷୀଙ୍କ ଅମଳ ଖରୀଫ ଧାନ କ୍ରୟ ନେଇ ନିଯୁକ୍ତ ହୋଇଥିବା ୨୦ଟି ଲ୍ୟାମ୍ପ, ୨୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୩ଟି ପାଣିପଞ୍ଚାୟତ ସଂସ୍ଥାକୁ ସନ୍ଦେଜ ଜନର ପ୍ଲଟର ସମସ୍ତ ବିବରଣୀ ପ୍ରଦାନ କରାଯିବା ସହ ଯାଞ୍ଚ ନେଇ ନିର୍ଦ୍ଦେଶ ପରେ ଗତ ୧୫ ତାରିଖ ସନ୍ଦେହ ଧାନଚାଷ ଜମିକୁ ଯାଇ ଜିପିଆରଏସ ମାଧ୍ୟମରେ ଯାଞ୍ଚ କରୁଛନ୍ତି। ଏହିପରି ଜୟପୁର ଉପଖଣ୍ଡର ୫ଟି ବ୍ଲକରେ ୧୯ ହଜାର ୨୫୪ଟି ଧାନ ଚାଷ ଜମି ପ୍ଲଟ,କୋରାପୁଟ ଉପଖଣ୍ଡର ୨୨୮୭ଟି ପ୍ଲଟ, ୨୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଧିନରେ ୬୦୫୫ଟି ପ୍ଲଟ ଏବଂ ୩ଟି ପାଣିପଞ୍ଚାୟତ ଅଧିନରେ ୮୭୩ଟି ପ୍ଲଟ ଏହିପରି ସମୁଦାୟ ୨୮ ହଜାର ୪୬୯ଟି ପ୍ଲଟରେ ଧାନ ଚାଷ ହୋଇ ନଥିବା ନେଇ ସନ୍ଦେହରେ ରହିଛି। ଏହିପରି କ୍ଷେତ୍ର ପରିଦର୍ଶନ ଏବଂ ଯାଞ୍ଚ ପରେ ପ୍ରକୃତ କେତେ ଚାଷଜମିରେ ଧାନ ଚାଷ ହୋଇଛି ନେଇ ସ୍ପଷ୍ଟ ହୋଇପାରିବ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷକ ସଂଘର ଦାବିପତ୍ର

ବୈପାରୀଗୁଡା, ୪।୧୨(ସମିସ): ବୈପାରୀଗୁଡା ପ୍ରାଥମିକ ଶିକ୍ଷକ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ୨ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନହେଲେ ଆସନ୍ତା ଡିସେମ୍ବର ୫ ତାରିଖରେ ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବୈପାରୀଗୁଡା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର ଖରାଙ୍କ ନେତୃତ୍ୱରେ ସ୍ଥାନୀୟ ନୋଡାଲ ପ୍ରାଥମିକ ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ବିଇଓ ସୁକାନ୍ତି କର୍ତ୍ତାମୀଙ୍କ ଜରିଆରେ ୨ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଆଜି ବୈପାରୀଗୁଡା ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଛି ଯେ ଆସନ୍ତା ୫ ତାରିଖ ସୁଦ୍ଧା ରାଜ୍ୟ ସରକାର ଶିକ୍ଷକମାନଙ୍କ ସମସ୍ୟାର ସମାଧାନ କରନ୍ତୁ। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରାଯାଇଛି ଯେ, ବିରୋଧୀ ଦଳରେ ଥିବା ସମୟରେ ସେ ଏହି ଦାବିକୁ ପୂର୍ଣ୍ଣ ସମର୍ଥନ କରିଥିଲେ। ସରକାରକୁ ଆସିଲେ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସରକାର ବଦଳିଥିବାରୁ ମୁଖ୍ୟମନ୍ତ୍ରୀ ଏହି ଅନୁରୋଧକୁ ବିଚାରକୁ ନିଅନ୍ତୁ। ଯଦି ଦାବି ପୂରଣ ନହୁଏ, ତେବେ ବାଧ୍ୟ ହୋଇ ଶିକ୍ଷକମାନେ ରାଜ୍ୟ ସଂଘର ନିଷ୍ପତ୍ତି ଅନୁସାରେ ଆନ୍ଦୋଳନକୁ ଓହ୍ଲାଇବେ।

# ତ୍ରିବେଣୀ ହେଲଥ୍ ସାଇନ୍ସ ପକ୍ଷରୁ ଏଡସ୍ ସଚେତନତା ଶୋଭାଯାତ୍ରା

ପଦ୍ମପୁର, ୪।୧୨(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ତ୍ରିବେଣୀ ଇନଷ୍ଟିଟ୍ୟୁଟ ଅଫ୍ ଫାର୍ମାସ୍ୟୁଟିକାଲ୍ ଆଣ୍ଡ ହେଲଥ୍ ସାଇନ୍ସ ତରଫରୁ ସଭାପତି ସ୍ୱାଗତ ଶେଖର ଜେନାଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଏଡସ୍ ଦିବସ ସଚେତନତା ଶୋଭାଯାତ୍ରା, ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଋତୁପୂର୍ଣ୍ଣା ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ କଲେଜର ସିଇଓ ଅନୀତା ମିଶ୍ର ଅଂଶଗ୍ରହଣ କରିଥିଲେ। ସଭାରେ ଡାକ୍ତର ଋତୁପୂର୍ଣ୍ଣ ୨୦୩୦ ସୁଦ୍ଧା ବିଶ୍ୱକୁ କିପରି ଏଡସ୍ ମୁକ୍ତ କରାଯାଇ ପାରିବ ସେ ବିଷୟରେ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ତ୍ରିବେଣୀ ଜିଏନଏମ ମହାବିଦ୍ୟାଳୟର ପ୍ରିନସିପାଲ ସରସ୍ୱତୀ ପ୍ରଧାନ, ସିଏଓ ରଞ୍ଜନ ସାହୁଙ୍କ ସମେତ କଲେଜର ଅଧ୍ୟାପକ ଓ ଅଧ୍ୟାପିକା ବିକାଶ କୁମାର, କୁମୁଦିନୀ ସହଯୋଗ କରିଥିଲେ। ଏହା ସହ ତ୍ରିବେଣୀ ବିଜ୍ଞାନ କଲେଜ ପ୍ରିନସିପାଲ ପ୍ରଶାନ୍ତ କୁମାର କାର୍ଜି, ମୁଖ୍ୟ ପ୍ରଶାସନିକ ଅଧିକାରୀ ଦେବବ୍ରତ ପରିଛା ଏବଂ ତ୍ରିବେଣୀ କଳା ବିଭାଗର ପ୍ରିନ୍‌ସିପାଲ ଅନୀତା ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସନ୍‌ସାଇନ ସ୍କୁଲ ତରଫରୁ ପ୍ରିନସିପାଲ ମନ୍ମଥ ଲିମାଙ୍କ ସମେତ କର୍ମକର୍ତ୍ତାମାନେ ସଚେତନତା ଅଭିଯାନରେ ସାମିଲ ହୋଇଥିଲେ। ସଚେତନତା ଶୋଭାଯାତ୍ରା ତ୍ରିବେଣୀ ଜିଏନ୍‌ଏମ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ପ୍ରଚାର କରାଯାଇଛି। ତ୍ରିବେଣୀ କଲେଜର ଉପାଧ୍ୟକ୍ଷ ଗୋପାଳ କୃଷ୍ଣ ଦାମୋଦର ମଞ୍ଚ ପରିଚାଳନା କରି ଧନ୍ୟବାଦ ଜଣାଇଥିଲେ।

# ଚାଷୀଙ୍କୁ ନାକଚଣା ବଣ୍ଟନ

ଡାବୁଗାଁ, ୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଜୁନାପାଣି ପଞ୍ଚାୟତ ଅଧୀନ ମୋତିଗାଁ ଗ୍ରାମରେ ବ୍ଲକ କୃଷି ବିଭାଗ ତରଫରୁ ଚାଷୀ ମାନଙ୍କୁ ବୁଧବାର ମାଗଣାରେ ନାକଚଣା ବିହନ ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ଚାଷୀମାନଙ୍କୁ ବିହନ ବଣ୍ଟନ କରିଥିଲେ। ଚଳିତ ବର୍ଷ ରବି ଋତୁରେ ଧାନ ପରବର୍ତ୍ତୀ ଫସଲ ନିମନ୍ତେ ଏହି ଚଣା ବିହନ ଚାଷୀ ବଣ୍ଟନ କରାଯାଇଛି। ଡାବୁଗାଁ ବ୍ଲକରେ ଚଳିତ ରବି ଋତୁରେ ୧୫୦୦ ହେକ୍ଟରରେ ନାକଚଣା ଚାଷ କରାଯିବ। ଏଥିରେ ସମ୍ମାନୀତ ଅତିଥି ଭାବେ ଡ଼ାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋୟୀ, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଏମ୍. ଆପ୍ପା ରାଓ, ଭାଜପାର ନରେଶ ସିଂ, ନରୁ ସିଂ, ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ, ସହକାରୀ କୃଷି ଅଧିକାରୀ ଜ୍ୟୋତିର୍ମୟୀ ତାଡ଼ିଙ୍ଗୀ, କୃଷି ଅଧିଦର୍ଶକ ମମତା ସାହୁ, ଦୀପାଳି ସମାଦାର, ଝରଣା ବାଲା ଓ ଏଟିଏମ କେ. ଉଦୟା କୁମାରୀ ଏବଂ ଚାଷୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୃଷି ଅଧିଦର୍ଶକ ସୁଶାନ୍ତ କୁମାର ରାଉତ ପରିଚାଳନା କରିଥିଲେ।

● ସାଇବର ଠକେଇ

# ଯୁବକଙ୍କୁ ଉଠାଇନେଲା ହରିଆଣା ପୁଲିସ

ଉମରକୋଟ, ୪।୧୨(ସମିସ): ହରିଆଣାର ଫରିଦାବାଦ ଜିଲ୍ଲାର ବଲ୍ଲଭଗଡ ସାଇବର ଥାନାର ୩ ପୋଲିସ ଅଧିକାରୀ ଉମରକୋଟର ଜଣେ ଯୁବକକୁ ଆର୍ଥିକ ଠକେଇ ମାମଲାରେ ଗିରଫ କରି ହରିୟଣା ନେଇଛନ୍ତି। ଗିରଫ ଯୁବକର ନାମ। ରାକେଶ ମହାପାତ୍ର । ଯିଏ କି ଉମରକୋଟ ଡିଏନକେର ବୋଲି ଜଣା ପଡିଛି। ଗତ ୨୦୨୪ ମସିହା ସେପ୍ଟେମ୍ବର ମାସ ୨୬ ତାରିଖ ଦିନ ବଲ୍ଲଭଗଡ ସାଇବର ଥାନାରେ ରୁଜୁ ହେଇଥିବା ଘଟଣାରେ ରାକେଶ ମହାପାତ୍ର ବଲ୍ଲଭ ଗଡ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଠାରୁ ପ୍ରାୟ ୧୭ ଲକ୍ଷ ଟଙ୍କା ଅନ୍‌ଲାଇନରେ ଠକେଇ କରି ତାଙ୍କ ମହିଳା ବାନ୍ଧବୀଙ୍କ ଆକାଉଣ୍ଟରେ ପ୍ରଥମେ ଡିପୋଜିଟ କରି ପରବର୍ତ୍ତୀ ସମୟରେ ନିଜ ଆକାଉଣ୍ଟକୁ ନେଇ ଯାଇଥିଲେ। ଏହି ଘଟଣାରେ ବଲ୍ଲଭ ଗଡ ସାଇବର ଥାନାରେ ରାକେଶ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୧୮(୪), ୬୧ (୨) ରେ ମୋକଦ୍ଦମା ରୁଜୁ କରିଥିଲେ। ପୋଲିସ ପ୍ରଥମେ ରାକେଶଙ୍କ ମହିଳା ବାନ୍ଧବୀଙ୍କୁ ଗିରଫ କରିଥିଲା ଏବଂ ପରେ ବାନ୍ଧବୀଙ୍କ ବୟାନକୁ ଆଧାର କରି ରାକେଶ ଙ୍କୁ ଗିରଫ କରିଛି। ବଲ୍ଲଭଗଡ ସାଇବର ଥାନାରୁ ଭୂପିନ୍ଦର ସିଂ, ସାଗର ଓ ଅନୁ ଉମରକୋଟ ଆସି ପ୍ରଥମେ ଉମରକୋଟ ଥାନାକୁ ଆସି ଲିଖିତ ଭାବେ ସୂଚନା ଦେବା ସହ ପୋଲିସ ସୁରକ୍ଷା ମାଗିଥିଲେ। ଉମରକୋଟ ପୋଲିସ ସୁରକ୍ଷା ଦେବା ପରେ ହରିଆଣା ପୋଲିସ ରାକେଶକୁ ଗିରଫ କରି ବଲ୍ଲଭଗଡକୁ ନେଇ ପଳାଇଛି।

# କୋରୁକୋଣ୍ଡା ବ୍ଲକ୍‌ସ୍ତରୀୟ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ



କୋରୁକୋଣ୍ଡା, ୪।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତଥା ଗୋଷ୍ଠୀ ଶିକ୍ଷାଧିକାରୀ ଅସିତ କୁମାର ମିସ୍ତ୍ରୀଙ୍କ ନେତୃତ୍ୱରେ ମଙ୍ଗଳବାର ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୩୪ତମ ବାଲ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନିମନ୍ତେ ଆୟୋଜିତ ହୋଇଥିବା ଉଦଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ବାଲିମେଳା ଏନଏସିର ନଗରପାଳ ପ୍ରଦୀପ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଆଧିକାରୀ ପ୍ରଦୋଷ ପ୍ରଧାନ, ସମ୍ମାନିତ ଅତିଥି ଭାବେ ମାଲକାନଗିରି ବିଧାୟକ ପ୍ରତିନିଧି ମୁୟା ମାଡକାମୀ, କୋରୁକୋଣ୍ଡା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅରୁଣ କୁମାର ରାୟ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ବାଲିମେଳା ଏନଏସିର କାଉନସିଲର ମନୋଜ ଦେବ ପାଙ୍ଗି, ଏମଭି -୨୭ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀର ଶୁଭ ଉଦଘାଟନ କରିଥିଲେ। ୧୪ଟି ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୨୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜଜ୍ ଭାବେ ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ଅଜୟ କୁମାର ସ୍ୱାଇଁ ଏବଂ ଚିତ୍ରକୋଣ୍ଡା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ୭ଟି ପ୍ରକଳ୍ପକୁ ଆଗାମୀ ଦିନରେ ଜିଲ୍ଲାରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ପାଇଁ ଚୟନ କରାଯାଇଛି। ଅପରାହ୍ନ ୪ଟା ସମୟରେ ଏହି ପ୍ରକଳ୍ପ ପ୍ରଦର୍ଶନୀର ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ କୁମାର ମିସ୍ତ୍ରୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ କୋରୁକୋଣ୍ଡା ବ୍ଲକ ସାଂସଦ ପ୍ରତିନିଧି ଅକ୍ଷୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପିଏମ ଶ୍ରୀସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ହିଆଲ, ସ୍କୁଲ ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର କୁମାର ବେହେରା, ବରିଷ୍ଠ ସାମ୍ବାଦିକ ଶିବଦତ୍ତ ସାହୁ, ରବିରଶ୍ମି ଗୁରୁ ପ୍ରମୁଖ ମଞ୍ଚାସିନ ଥିଲେ। କୃତି ଛାତ୍ରୀଛାତ୍ର ମାନଙ୍କୁ ସିଲ ଓ କପ ଦେଇ ସମ୍ମାନିତ କରାଯାଇଥିଲା।

# ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ

ନବରଙ୍ଗପୁର, ୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ତରଫରୁ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ ସମ୍ପର୍କିତ ଦିନିକିଆ ଜିଲ୍ଲା ସ୍ତରୀୟ ତାଲିମ ଶିବିର ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ନବରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ନବରଙ୍ଗପୁର ପୌର ଅଧ୍ୟକ୍ଷ କୁନୁ ନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନବରଙ୍ଗପୁର ନଗରପାଳ କୁନୁ ନାୟକ ଏ ନେଇ ସମସ୍ତଙ୍କୁ ଆଲୋକପାତ କରାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ ଉପସ୍ଥିତ ରହି ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ର ଲକ୍ଷ୍ୟ ହାସଲ କରିବା ପାଇଁ ଏହାର ରଣକୌଶଳ ପ୍ରସ୍ତୁତ ଉପରେ କହିଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପ-ନିର୍ଦ୍ଦେଶକ ଐଶ୍ୱର୍ଯ୍ୟ ଭଞ୍ଜ ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଡିପିଆର୍‌ସି, ନବରଙ୍ଗପୁର ତରଫରୁ ବ୍ରଜେଶ ସେନାପତି ନିରନ୍ତର ବିକାଶର ସ୍ଥାନୀୟକରଣ ଓ ବିଭିନ୍ନ କାର୍ଯ୍ୟ ଖସଡ଼ା ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ। ଏହି ତାଲିମ ଶିବିରରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ସିଡିଏ ଓ ସିଡିଭିଓ, ଡିଆଇପିଆର୍ ଓ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୌରପାଳିକା ନିର୍ବାହୀ ଅଧିକାରୀ, ଶିକ୍ଷାବିତ୍, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର, ଉମରକୋଟ ଏବଂ ବିଭିନ୍ନ ବେସରକାରୀ ସଂଗଠନର ପ୍ରତିନିଧି ଯୋଗଦେଇଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଅଧିକାରୀ ସୁଧୀର କୁମାର ପ୍ରଧାନ, ସୁଦୀପ କୁମାର ମହାପାତ୍ର, ଅନୁରାଧା ବାରିକ, ଅଳକା ପ୍ରିୟଦର୍ଶିନୀ, ପ୍ରେମାନନ୍ଦ ପଣ୍ଡା ଓ ନିତେଶ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସୁଧୀର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଅର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ









ରାୟଗଡ଼ା, ୪।୧୨(ସମିସ): ରାୟଗଡ଼ା ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟନାରାୟଣ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ରାୟଗଡ଼ା ପକ୍ଷରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡା କାର୍ଯ୍ୟାଳୟ ପରିସରରେ ଅର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ପରିବାର ଅଦାଲତର ବିଚାରପତି ସଞ୍ଜିତ କୁମାର ବେହେରା, ରାୟଗଡା ବାର ଆସୋସିଏସନର ଆଇନଜୀବୀ ସାମୁଏଲ ତାଣ୍ଡି, ବିଶ୍ୱନାଥ ଗନ୍ତାୟତ, କିଶୋର କୁମାର ସାହୁ, ଦେବରାଜ ନାଏକ, ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସଭାପତି ଶିଶିର ରାଉଳ ଓ ସଚିବ ଅମରେନ୍ଦ୍ର ନାଥ, ରାୟଗଡା ଜିଲ୍ଲାର ସମସ୍ତ ଭିନ୍ନକ୍ଷମ ଓ ଅନ୍ୟ ଦିବ୍ୟାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଷଡଙ୍ଗୀ ନିଜର ଅଭିଭାଷଣରେ ଭିନ୍ନକ୍ଷମ ମାନଙ୍କ ପାଇଁ ଜାତୀୟ ସ୍ତରରେ ରହିଥିବା ଇନ୍ଦିରାଗାନ୍ଧୀ ପେନସନ୍ ଯୋଜନା ତଥା ରାଜ୍ୟ ସ୍ତରରେ ରହିଥିବା ମଧୁବାବୁ ପେନସନ୍ ଯୋଜନା କଥା କହିବା ସଙ୍ଗେ ସଙ୍ଗେ ଉଚ୍ଚତମ ନ୍ୟାୟାଳୟର ବିଭିନ୍ନ ରାୟ ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣ ର ବିଭିନ୍ନ ଯୋଜନା ଉପରେ ମଧ୍ୟ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଓ ସେହିପରି ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ନିଜ ନିଜର ଅଭିଭାଷଣରେ ଭିନ୍ନକ୍ଷମ ମାନଙ୍କର ସାମ୍ବିଧାନିକ ଅଧିକାର ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାର ଭିନ୍ନକ୍ଷମ ମହାସଂଘ ସଭାପତି, ସଚିବ, ସମସ୍ତ ଭିନ୍ନକ୍ଷମ, ଆଇନଜୀବୀ, ଅନ୍ୟ ଦିବ୍ୟାଙ୍ଗ ଓ ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

**ଗୁଡାରୀ :** ଗୁଡାରୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଭିନ୍ନକ୍ଷମ ଲିଖିତ ବୋର୍ଡ ଧରିବା ସହ ସ୍ଲୋଗାନ ଦେଇ ସହରରେ ଥିଲା ଗାନ୍ଧି ପ୍ରତିମୂର୍ତ୍ତୀ ଉପରେ ପୁଷ୍ପମାଲ୍ୟ ଦେଇଥିଲେ। ଛାତ୍ରଛାତ୍ରୀ ପରିକ୍ରମ ପରେ ମଞ୍ଚରେ ଷ୍ଟିଫନ ପ୍ରଧାନ ମଞ୍ଚ ପରିଚାଳନା ଦାୟିତ୍ୱରେ ରହିଥିଲେ। ମୁଖ୍ୟ ଅତିଥି ଭାବେ ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ରାମକୃଷ୍ଣ ପାଠୀ ଉପସ୍ଥିତ ଥିବାବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏବିଓ ସାଙ୍ଗୁଡ଼ାରୁପ ମାଝି, ବିଆରପି ହେମ୍‌ରାଜ ବାରିକ, ଡେପାଗୁଡ଼ା ଓ କର୍ଲାଘାଟି ପଞ୍ଚାୟତର ସିଆରସି ଅନିଲ୍ ବେହେରା ମଞ୍ଚରେ ଉପସ୍ଥିତ ଥିଲେ । ଏଥିରେ ବ୍ଲକର ସମସ୍ତ ସିଆରସି ଉପସ୍ଥିତ ଥିବାବେଳେ ଗୁଡାରୀ ବ୍ଲକର ସମସ୍ତ ବିଦ୍ୟାଳୟର ୧୦୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ସେମାନଙ୍କ ପାଇଁ ୫ଟି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ବିଦ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ୩ଟି ପର୍ଯ୍ୟାୟରେ ପୁରସ୍କୃତ କରାଯାଇଥିଲା।

**ମାଥିଲି :** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ନୂଆଗୁଡା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ଦିବ୍ୟାଙ୍ଗଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଭାରପ୍ରାପ୍ତ ଗୋଷ୍ଠୀ ସମ୍ବଳ କର୍ମୀ ତଥା ବରିଷ୍ଠ ଶିକ୍ଷକ ରତ୍ନାକର ପାଳଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ସଂଚାଳିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ନାୟକ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଜୟରାମ ଭୁମିଆ, ସମ୍ପାଦକ ସଞ୍ଜୟ କୁମାର ରାୟସିଂହ ମଞ୍ଚାସୀନ ଥିଲେ। ସ୍ୱାଗତ ଭାଷଣ ନାରାୟଣ ବେହେରା ଦେଇଥିବାବେଳେ ବିଭିନ୍ନ କାର୍ଯ୍ୟକ୍ରମ ଶିକ୍ଷକ ବିଶ୍ୱପାଣ୍ଡେ, ରାଜୀବ ପାଇକରାୟ ତୁଲାଇଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ଯୋଗ ଦେଇଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବାସ୍କେଟ ବଲ୍ , ଜିଲାପି ଡିଆଁ, ଲେମନ୍ ରେସ, ଡ୍ରଇଂ, ମ୍ୟୁଜିକ୍ ଚେୟାର ପ୍ରଭୃତି ପ୍ରତିଯୋଗୀତା ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ରତ୍ନାକର ପାଳ ମଞ୍ଚ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀଙ୍କ ସମେତ ଅନ୍ୟମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦ ଜଣ ମାନସିକ ଅନଗ୍ରସର ଓ ବୌଦ୍ଧିକ ବାଧିତ ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷଣ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୂଆଗୁଡା ବିଦ୍ୟାଳୟ ସାମୟିକ ଭାବେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବେହେରା, ମାଥିଲି ସିଆରସିସି ନିହାର ରଞ୍ଜନ ବିଶ୍ୱାସ ବରିଷ୍ଠ ଶିକ୍ଷକ ମନୋଜ କୁମାର ପାଳ, ମଧୁସୂଦନ ନାୟକ, ରଶ୍ମିରଞ୍ଜନ ଛୋଟରାୟ, ପି ଚିନ୍ତା, ବିଶ୍ୱନାଥ ରେ‡ୀ, ମାନସ ରଂଜନ ଦାଶ, ଶିକ୍ଷୟିତ୍ରୀ କେ ୱରା ଲକ୍ଷ୍ମୀ ପ୍ରାଣକୃଷ୍ଣ ପଣ୍ଡା, ମନୋରଞ୍ଜନ ଜେନା, ଗୋପାଳ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୨୦ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁରୁ ଶତାଧିକ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ସମେତ ଅଭିଭାବକ ଯୋଗଦେଇଥିଲେ।

**ରାମନାଗୁଡା :** ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ରେ ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ରାମନାଗୁଡା ପଞ୍ଚାୟତ ସମିତି ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ରାମନାଗୁଡା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ଉପାଧ୍ୟକ୍ଷା ଜାନକୀ ନିମାଲା, ସରପଞ୍ଚ ଗୋଗୁପାଡୁ , ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ, ପଦ୍ମନ ସାହୁ , ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଥାମସ କୁମାର ତାଣ୍ଡାସି ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାମନାଗୁଡା ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୦୦ ଜଣ ଭିନ୍ନକ୍ଷମ ଭାଇ ଭଉଣୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ବ୍ୟକ୍ତି ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶୋଭାଯାତ୍ରା କରଯାଇଥିଲା। ଭିନ୍ନକ୍ଷମ ଦିବସ ଉପଲକ୍ଷେ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ରେ କୃତୀ ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ୩୧ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇଥିଲା। ଏହି ସଭାକୁ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନ ସାହୁ ପରିଚାଳନା କରିଥିଲେ। ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଥାମସ କୁମାର ତଣ୍ଡାସି ଏବଂ ପ୍ରୋଗ୍ରାମ ସହାୟକ, ଦିବ୍ୟଜିତ ଉଲାକା ସହଯୋଗ କରିଥିଲେ।

# ସ୍କୁଲରେ ୯ ଛାତ୍ରୀ ଆଖି ରୋଗରେ ପୀଡ଼ିତ

ଲକ୍ଷ୍ମୀପୁର,୪।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଛାତ୍ରଛାତ୍ରୀ ମାନେ ଆଖି ରୋଗରେ ପୀଡ଼ିତ ହେଉଥିବା ଦେଖିବାକୁ ମିଳିଛି। ପଞ୍ଚଡା ଆଶ୍ରମ ବିଦ୍ୟାଳୟରେ ପାଠ ପଢୁଥିବା ୯ ଜଣ ଛାତ୍ରୀ ଲକ୍ଷ୍ମୀପୁର ସ୍ୱାସ୍ଥ୍ୟକେନ୍ଦ୍ର କୁ ଆସି ଚିକିତ୍ସା ହେଉଥିବା ଦେଖିବାକୁ ମିଳିଛି। ଏମାନେ ଦୀର୍ଘ ଦିନ ହେଲାଣି ଏହି ସମସ୍ୟା ଭଗୁଥିବା କହିଛନ୍ତି। ଏମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରି ବିଭିନ୍ନ ସ୍ଥାନରେ ଚକ୍ଷୁ ଶିବିର ସମୟରେ ପରୀକ୍ଷା ନିରୀକ୍ଷା କରାଇ ଥିବା ମଧ ଛାତ୍ରୀ ମାନେ କହିଛନ୍ତି। ଆଖି ସମସ୍ୟା ଭିଟାମିନ ଏ ଅଭାବ ରୁ ହୋଇ ଥାଏ। ତେଣୁ ଏହାର ନିରାକରଣ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଜରୁରୀ ଅଟେ। ଆଖି ହେଉଛି ମଣିଷ ର ସବୁ ଠାରୁ ମୂଲ୍ୟବାନ ଜିନିଷ। ମେଗା ଚକ୍ଷୁ ଶିବିର କରି ଏହାର ସମାଧାନ କରିବା ଆବଶ୍ୟକ ବୋଲି ଅଭିଭାବକ ମାନେ କହିଛନ୍ତି। ଚିହ୍ନଟ ଛାତ୍ରୀଙ୍କୁ ମାଗଣା ଚଷମା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ଏହାର ସ୍ଥାୟୀ ନିରାକରଣ ନହେଲେ ଆଗାମୀ ଦିନରେ ଅନ୍ୟ ଛାତ୍ରଛାତ୍ରୀମାନେ ପ୍ରଭାବିତ ହେବେ ବୋଲି ମତ ପ୍ରକାଶ ପାଇଛି।

## ନନ୍ଦପୁର ବ୍ଲକ୍‌ସ୍ତରୀୟ 'ପରବ' ଉଦ୍‌ଯାପିତ

# ଲୁକ୍କାୟିତ କଳା ସଂସ୍କୃତିର ଅଭୂତପୂର୍ବ ମିଳନ

ନନ୍ଦପୁର,୪।୧୨(ସମିସ): ଦୁଇ ଦିନ ଧରି ଚାଲିଥିବା ଦୁଇ ଦିନିଆ ବ୍ଲକ୍ ସ୍ତରୀୟ 'ପରବ' ମହୋତ୍ସବ ଆଜି ଉଦଯାପିତ ହୋଇଛି। କୋରାପୁଟ ଜିଲ୍ଲାର ଆଦିବାସୀ କଳା ସଂସ୍କୃତି ପ୍ରତିଭା ପ୍ରଦର୍ଶନ 'ପରବ'ରେ କଳା ସଂସ୍କୃତି ପ୍ରତିଭା ପ୍ରଦର୍ଶନ କରିଥିଲେ କଳାକାର ପ୍ରତିଯୋଗୀ ମାନେ। ଉଦଯାପନୀ ଉତ୍ସବରେ କୋରାପୁଟ ପୂର୍ବତନ ସାଂସଦ ଝିନ ହିକ୍କା, ପୂର୍ବତନ ବିଧାୟକ ପୀତମ ପାଢି, ପ୍ରଫୁଲ୍ଲ କୁମାର ପାଙ୍ଗି, ବିଧାୟକ ପ୍ରତିନିଧି କାମେଶ କାମୁଡି, ସରପଞ୍ଚ ସଂଘ ସଭାପତି ଜଗବନ୍ଧୁ ଚେଟି, ବ୍ଲକ୍ ଅଧକ୍ଷା ସାବିତ୍ରି କର୍ତ୍ତୁଲ, ଜିଲ୍ଲା ପରିଷଦ ସଭ୍ୟା ଅଭିଳାସୀ ନାୟକ, କବି ବିଚିତ୍ରା ନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇ କୃତି କଳାକାର ମାନଙ୍କୁ ମାନ ପତ୍ର ଦେଇ ସମ୍ମାନିତ କରିଥିଲେ। ନନ୍ଦପୁର ବ୍ଲକ ପୁଣି ଜିଲ୍ଲାସ୍ତର ପ୍ରତିଯୋଗିତାରେ ଚାମ୍ପିଅନ୍ ହେବାକୁ ଆହ୍ୱାନ ଦିଆଯାଇଥିଲା। ଆଦିବାସୀ କଳା ସଂସ୍କୃତି ସହ ଚଳିତ ବର୍ଷ ନନ୍ଦପୁର 'ପରବ'ରେ ସାଜସଜ୍ଜା ନନ୍ଦପୁର ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସାମାଜିକ କର୍ମୀ ମୁନା ଦଳପତି, ଆଦିବାସୀ ସଙ୍ଘ ସଭାପତି ଭଗବାନ ପେଟିଆ, ସିମାଞ୍ଚଳ ଖିଲ, ରାମକୃଷ୍ଣ ପଡ଼ାଲ, ଯୁବ ନେତା ପ୍ରଭାତ ଗୁରୁ ମାଇ, ବରିଷ୍ଠ ନେତା ସେକ ଗୋଫୁର, ଜୟରାମ ଭୋଇ, ସେକନୁରଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଗ୍ରାମବାସୀ ବ୍ଲକ୍‌ର ବୁଦ୍ଧିଜୀବି ପ୍ରମୁଖ ଯୋଗ ଦେଇଥିଲେ। ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଆବାହକରେ ଆୟୋଜିତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଆକାଶ ଖିଲ, ନୀଳାମ୍ବର ହଂସା, ପଦଲାମ୍ ହନ୍ତାଳ, ଅର୍ଜୁନ କ୍ରିଷାନି, ସହଦେବ ପାଙ୍ଗିଙ୍କ ସମେତ ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସମସ୍ତ ସରକାରି କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରେସ କ୍ଲବ୍ ଉପ ସଭାପତି ସାମ୍ବାଦିକ ବିମଳ ରାଓ ସ୍ମିଥ ଓ ନିର୍ବାହୀ ଅଧିକାରୀ କୋମଳ ରାଓ ସ୍ମିଥ ମଞ୍ଚ ପରିଚାଳନା କରିଥିଲେ।



# ନଦୀରୁ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର

କୋରୁକୋଣ୍ଡା,୪।୧୨ (ସମିସ): ମହିଳାଙ୍କ ମୁଣ୍ଡବିହୀନ ମୃତ ଶରୀର ନଦୀରୁ ଉଦ୍ଧାର ହୋଇଛି। ଆଜି ଏପରି ଏକ ଛାତିଥରା ଘଟଣା ମାଲକାନଗିରି ଜିଲ୍ଲା ପୋଟେରୁ ନଦୀର ଡୁଡୁମେଟଲା ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ମୁତାବକ କୋରୁକୋଣ୍ଡା ବ୍ଲକ ମାରିବେଡା ପଞ୍ଚାୟତର ରାଖେଲଗୁଡା ଗ୍ରାମର ବିଧବା ମହିଳା ଲୋକେ ପଡିଆମୀ(୫୧) ଜମିକୁ କାମ କରିବାକୁ ଗତ ୧ ତାରିଖରେ ଯାଇ ଆଉ ଘରକୁ ଫେରି ନଥିଲେ। ନିଖୋଜ ନେଇ ମହିଳାଙ୍କ ପରିବାର ଲୋକେ ବୁଧବାର କୋରୁକୋଣ୍ଡା ଥାନାରେ ଏତଲା ଦେଇଥିଲେ। ତେବେ ଆଜି ସକାଳୁ ଉକ୍ତ ମହିଳାଙ୍କ ମୁଣ୍ଡ ନଥିବା ମୃତଦେହ ପୋଟେରୁ ନଦୀରେ ଭାସି ଯାଇ ଡୁଡୁମେଟଲା ଗ୍ରାମର ମଶାଣି ନିକଟସ୍ଥ ଏକ ଗଛରେ ଲାଗିଥିବା ଗ୍ରାମବାସୀ ଦେଖିଥିଲେ। ପରେ ପୋଲିସକୁ ଖବର ଦେବା ପରେ କୋରୁକୋଣ୍ଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର ଜବତ କରିଥିଲା। ତେବେ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ମୃତ ମହିଳାଙ୍କ ଜମିକୁ ଲାଗି ଏମଭି-୨୬ ଗ୍ରାମର ୩ ବ୍ୟକ୍ତିଙ୍କ ଜମି ରହିଛି। ଗତ କିଛି ବର୍ଷ ହେବ ମୃତ ମହିଳାଙ୍କ ସହ ଏହି ବ୍ୟକ୍ତିମାନଙ୍କ ଜମିଜମା ବାବଦକୁ ନେଇ ବଚସା ମଧ ହୋଇ ଆସୁଥିଲା। ତେଣୁ ଏହି ୩ ବ୍ୟକ୍ତି ହିଁ କାଣ୍ଡ ଘଟାଇଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ କୋରୁକୋଣ୍ଡା ଥାନାରେ କେସ ନଂ ୧୯୭/୨୫ ରେ ଏକ ମାମଲା ରୁଜୁ କରାଯାଇଛି। ସନ୍ଦେହରେ ପୁଲିସ ଥାନାକୁ ଡକାଇ ସମସ୍ତଙ୍କୁ ପଚରାଉଚରା ଆରମ୍ଭ କରିଥିବା ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଅଧିକ ତଦନ୍ତ ନିମନ୍ତେ କୋରାପୁଟରୁ ସାଇଣ୍ଟିଫିକ୍ ଟିମ ଆସି ପହଞ୍ଚିଥିବା ଥାନାଧିକାରୀ ହିମାଂଶୁ ଶେଖର ବାରିକ କହିଛନ୍ତି। ବର୍ତ୍ତମାନ ମହିଳାଙ୍କ ମୁଣ୍ଡ ଖୋଜା ପୁଲିସ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତକୁ ଖୋଜି ବାହାର କରିବା ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଅନୁମାନ କରାଯାଉଛି।

# କିଶାନ କଂଗ୍ରେସର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ମାଲକାନଗିରି,୪।୧୨(ସମିସ): ମାଲକାନଗିରି ଜିଲ୍ଲା କିଶାନ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ମଣ୍ଡି ଆରମ୍ଭ ଓ କଟନୀ ଛଟ୍‌ନୀ ଉପରେ ରୋକ ଲଗାଇବା ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ଆଜି ଜିଲ୍ଲା କିଶାନ କଂଗ୍ରେସ ପକ୍ଷରୁ ସମସ୍ତ ସଦସ୍ୟ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ସରକାର ଯାହାପ୍ରଚାର କରୁଛନ୍ତି ତାହାର ଓଲଟା ଘଟୁଛି। କୃଷି ପ୍ରଧାନ ରାଜ୍ୟ ଓଡିଶାରେ ଖରିଫ ଧାନ ଅମଳ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମଣ୍ଡି ଖୋଲିବା ସମୟ ମଧ ପାଖେଇଛି। ଚାଷ ଆରମ୍ଭ ବେଳେ ସରକାର ସାର ଯୋଗାଇବାରେ ବିଫଳ ହୋଇଥିଲେ। ଗତ ବର୍ଷ ଅନେକ ଚାଷୀ ବର୍ତ୍ତମାନ ସୁଦ୍ଧା ଧାନ ବିକ୍ରିର ବୋନସ ଅର୍ଥ ପାଇ ନାହାନ୍ତି। ତେଣୁ ବର୍ତ୍ତମାନ ଚାଷୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ତୁରନ୍ତ ମଣ୍ଡି ଆରମ୍ଭ କରାଯିବାକୁ ଦାବି କରାଯାଇଛି। ଏହା ସହ କଟନୀ ଛଟ୍‌ନୀ ବନ୍ଦ କରିବା ସହ କୃଷକ ଓ ଫସଲ ବୀମା ଲାଗୁ କରିବା, କୃଷକଙ୍କ ପାଇଁ ୧୦ ହଜାର ପ୍ରଦାନ କରାଯାଉ ବୋଲି ମଧ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସର ସଭାପତି ଜି ଶ୍ରୀନିବାସ ରାଓ, କୃଷ୍ଣଚନ୍ଦ୍ର ଅନୁଗୁ, ପଦ୍ମ ପାଙ୍ଗି, ପ୍ରଭାକର ପାଳ ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବାଇକ ସହ ଦେଶୀ ମଦ ଜବତ, ୨ ଗିରଫ

କୋରାପୁଟ,୪।୧୨(ସମିସ): ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢୀଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ଗୁରୁବାର ଦିନ ବିଭିନ୍ନ ସ୍ଥାନରେ ଚଢଉ କରି ୬୮ ଲିଟର ଦେଶୀ ମଦ ଏବଂ ଏକ ବାଇକ ଜବତ କରି ଦୁଇ ଜଣଙ୍କୁ ଗିରଫ କରିଥିବା ଜଣା ପଡିଛି। ଗିରଫ ଅଭିଯୁକ୍ତ ମାନେ ସେମିଳିଗୁଡା ଥାନା ଅନ୍ତର୍ଗତ ଦୁଧାରି ଗ୍ରାମର ରବିନ୍ଦ୍ର ବିଶୋଇ ଏବଂ ଶୁଣ୍ଡିପୁଟ ଗ୍ରାମର କୃଷ୍ଣ ଲାଙ୍ଗୁଡିଆ ବୋଲି ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ଗିରଫ ରବିନ୍ଦ୍ର ବିଶୋଇ ଓଡ଼ି ୧୦ଏସ ୮୯୪୯ ନମ୍ବର ମୋଟର ସାଇକେଲରେ ୬୦ ଲିଟର ଦେଶୀ ରନ୍ଧା ମଦ ନେଇ ଯାଉଥିବାବେଳେ ଅବକାରୀ ଟିମ ହାତରେ ଧରା ପଡ଼ିଥିଲେ। ସେହିପରି ଅନ୍ୟଜଣେ ଅଭିଯୁକ୍ତ କୃଷ୍ଣ ଲାଙ୍ଗୁଡ଼ିଆ ୮ ଲିଟର ଦେଶୀ ମଦ ନେଇ ବିକ୍ରୀ କରିବାକୁ ଯାଉଥିବା ବେଳେ ଧରା ପଡ଼ିଥିଲେ। ଅବକାରୀ ବିଭାଗ ପକ୍ଷରୁ ଉଭୟଙ୍କ ବିରୁଦ୍ଧରେ ୨ ଟି ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ସଦର ଓଆଇସି ଜଗବନ୍ଧୁ ଜାନି, ସୁରେନ୍ଦ୍ର ପଣ୍ଡା, ମୀର ମୁସ୍ତାକ ଅଲ୍ଲୀ, ଧନୁର୍ଜୟ ପୂଜାରୀ,ମମତା ମୟୀ ମହାନ୍ତି ପ୍ରମୁଖ ଟିମରେ ସାମିଲ ହୋଇଥିଲେ।

## ■ ପ୍ରେସର କୁକୁର ଫାଟି ଛାତ୍ର ଆହତ ଘଟଣା

# ସ୍କୁଲ୍ ପରିଦର୍ଶନ କଲେ ଶିଶୁ ଅଧିକାର ସୁରକ୍ଷା ଆୟୋଗ



କୋଷାଗୁମୁଡ଼ା,୪।୧୨(ସମିସ): ବହୁ ଚର୍ଚ୍ଚିତ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କକଡୀ ସେମଲା ପ୍ରେସର କୁକର ଫାଟି ଛାତ୍ର ଧନେଶ୍ୱର ଭତ୍ରା ଆହତ ହେବା ଘଟଣା ନେଇ ଆଜି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ର ନବରଙ୍ଗପୁର ଜିଲ୍ଲା ଗସ୍ତ ରେ ଆସିଛନ୍ତି। ସେ କକଡୀ ସେମଲା ସ୍କୁଲକୁ ଯାଇ ଆହତ ଛାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହିତ ତାଙ୍କ ଠାରୁ ସମ୍ପୂର୍ଣ୍ଣ ଘଟଣା ବିଷୟରେ ପଚାରି ବୁଝିଥିଲେ। ଏହାସହ ସ୍କୁଲର ଅନ୍ୟ ଛାତ୍ର ଏବଂ ସ୍କୁଲ ରୋଷେଇଆ ଓ ଅନ୍ୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ସ୍କୁଲ ଛାତ୍ର ଆହତ ହେବା ପରେ ତାକୁ ମେଡ଼ିକାଲ ନ ନେଇ ଏକ ମେଡ଼ିକାଲ ଷ୍ଟୋରରୁ ମେଡ଼ିସିନ ଆଣି ଦେଇଥିବା ଜାଣି ବିରକ୍ତି ପ୍ରକାଶ କରିଥିଲେ। ଏହାସହ ପ୍ରଦୀପ ମାଝୀ ସ୍କୁଲ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ରାତି ଅଧରେ ସ୍କୁଲ ପାଚେରୀ ଡେଇଁ ସ୍କୁଲ ପରିସର ମଧ୍ୟରୁ ଛାତ୍ରକୁ ନିଜ ସହ ନେବା ଘଟଣାକୁ ନାପସନ୍ଦ କରିବା ସହିତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଓ ନିଜ ଅଭିଭାବକଙ୍କ ବ୍ୟତୀତ ଅନ୍ୟ କାହା ସହିତ ବାହାରକୁ ନ ଯିବାକୁ ବୁଝାଇ ଥିଲେ। ଏହାପରେ ସ୍କୁଲ ହଷ୍ଟେଲ ବୁଲି ଛାତ୍ର ମାନଙ୍କୁ ସ୍କୁଲ ପାରିଚଳନା ନେଇ ପଚାରି ବୁଝିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ସ୍ଥାନୀୟ ବିଡିଓ ଆଶିଷ ତ୍ରିପାଠୀ, ତହସିଲଦାର ତୁଳା ମୁଦୁଲି, ଡବ୍ଲୁଓ ରଞ୍ଜନ ମହାନନ୍ଦ,ବିଇଓ ସୌମେନ୍ଦ ଭୌମିକ, ଏବିଓ ଦିଗାମ୍ବର ହରିଜନ, ସିଆରସିସିଙ୍କ ସହ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହା ପରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ର ବଡଆମ୍ବଡା ନିକଟରେ ଥିବା ଛତୁଆ ସେଣ୍ଟରକୁ ଯାଇଥିଲେ।

# କାର୍ ଓଲଟି ପଡ଼ିଲା, ୩ ଆହତ

ପୋଡ଼ାଗଡ଼,୪।୧୨(ସମିସ): କୋରାପୁଟ ରାୟଗଡ଼ା ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥ ବଙ୍ଗଲାଗୁଡା ନିକଟ ଅସ୍ଥାୟୀ ପୋଲରେ କାର ଦୁର୍ଘଟଣା। ସୂଚନା ଅନୁଯାୟୀ, କୋରାପୁଟ ଅଞ୍ଚଳର ଏକ ପରିବାର ବ୍ରହ୍ମପୁର ହସ୍ପିଟାଲ ଯାଇଥିଲେ। ବ୍ରହ୍ମପୁର ହସ୍ପିଟାଲରୁ ନେକ୍ସ କାର ଯୋଗେ କୋରାପୁଟ ଅଭିମୁଖେ ଆସୁଥିବା ସମୟରେ ଘଟିଛି ଦୁର୍ଘଟଣା। ଆଜି ସକାଳ ୫.୩୦ମି ସମୟରେ ଅତି କୁହୁଡି ଯାଇଥିବାରୁ ବଙ୍ଗଳା ଗୁଡା ନିକଟ ଭଙ୍ଗା ପୋଲ ରେ ଅସ୍ଥାୟୀ ପୋଲ ନିକଟରେ ରାସ୍ତା ଜାଣି ନପାରି ନିର୍ମାଣ ଧୀନ ପୋଲ ଆଡ଼କୁ ଗଡି ଚାଲି ଯାଇଥିଲା। କିନ୍ତୁ ମାଟି ଗଦା ଥିବାରୁ ବଡ଼ ବିପଦରୁ ବଞ୍ଚି ଯାଇଥିଲେ। ମାଟି ଉପରେ ଚଢି ଯିବାରୁ କାରଟି ଓଲଟି ପଡ଼ିଥିଲା। ଫଳରେ କାର ରେ ଥିବା ୪ ଜଣ ସାମାନ୍ୟ ଆହତ ହୋଇଥିଲେ। ସକାଳେ ବ୍ୟାୟାମ ନିମନ୍ତେ ଯାଉଥିବା ବଙ୍ଗଳାଗୁଡାର କିଛି ମହିଳା ଓ ଯୁବକ ସେମାନଙ୍କୁ କାର୍ ଭିତରୁ ଉଦ୍ଧାର କରି କୋରାପୁଟ ସହିଦଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲକୁ ଚିକିତ୍ସା ନିମନ୍ତେ ପଠାଇଥିଲେ।। ନିର୍ମାଣ ଧୀନ ପୋଲ ନିକଟରେ କୌଣସି ସୂଚନା ଫଳକ ନଥିବାରୁ ଗାଡ଼ି ଚାଳକ ମାନେ ଜାଣି ପାରୁନଥିବା ବଙ୍ଗଳା ଗୁଡା ଗ୍ରାମର ମହିଳାମାନେ କହିଛନ୍ତି। ଆଗାମୀ ଦିନରେ ସୂଚନା ଫଳକ ନ ଲଗାଇଲେ ଏପରି ଅନେକ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି।

# ୧୫ ଏକର ଗଞ୍ଜେଇ ଗଛ ନଷ୍ଟ କଲା ପୁଲିସ

ବୈପାରିଗୁଡ଼ା ୪।୧୨(ସମିସ): ବୈପାରୀଗୁଡା ପୁଲିସ ପକ୍ଷରୁ ୧୫ ଏକର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଥାନା ଅଧିକାରୀ ଡମ୍ବରୁ ବର୍ତିଙ୍କ ନେତୃତ୍ୱରେ ଅପରେସନ ଗ୍ରୀନ କ୍ଲିନ୍ ଜରିଆରେ ବୈପାରିଗୁଡା ବ୍ଲକର ଚିପାକୁର ପଞ୍ଚାୟତ ଅନ୍ତର୍ଗତ ଶିରାଘାଟ ଅଞ୍ଚଳରେ ବେଆଇନ ଭାବେ ହୋଇଥିବା ୧୫ ଏକର ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ଥାନା ଏସ୍ଆଇ ସଞ୍ଜୀବ ବେହେରା, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା ଏବଂ ବନବିଭାଗର ଟିମ୍ ଚଢ଼ଉ କରି ୧୮ ହଜାର ଗଞ୍ଜେଇ ଗଛ ନଷ୍ଟ କରିବା ସହିତ ସେଥିରେ ନିଆଁ ଲଗାଇ ପୋଡି ଦେଇଥିବା ଜଣାପଡିଛି। ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ଦୁଇ କୋଟି ହେବ ବୋଲି ପୁଲିସ ସୂଚନା ଦେଇଛି। ଶିରାଘାଟ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣର ଗଞ୍ଜେଇ ଚାଷ କରାଯାଉଥିବା ନେଇ ବୈପାରିଗୁଡା ପୁଲିସ ଖବର ପାଇଥିଲା। ଆଜି ସକାଳେ ବୈପାରିଗୁଡା ପୁଲିସ ଓଆଇସି ଡମ୍ବରୁଧର ବାତ୍ରିଆ, ଏସ୍ଆଇ ସଞ୍ଜୀବ ବେହେରା, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରାଙ୍କ ସହ ବନବିଭାଗ ଚଢ଼ଉ କରିଥିଲେ। ଶିରାଘାଟ ଗ୍ରାମ ନିକଟସ୍ଥ ପାହାଡ଼ ତଳେ ପ୍ରାୟ ୧୫ ଏକର ଜମିରେ ବେଆଇନ୍ ଭାବେ ଲଗାଯାଇଥିବା ୧୮ ହଜାର ଗଞ୍ଜେଇ ଗଛକୁ ପୋଡ଼ି ନଷ୍ଟ କରିଥିଲେ। ବ୍ଲକର ଅଧିକାଂଶ ଅଞ୍ଚଳ ଦୁର୍ଗମ ତଥା ମାଓପ୍ରବଣ ହୋଇଥିବାରୁ ଗଞ୍ଜେଇ ଚାଷ କରାଯାଉଥିବା ଜଣାପଡିଛି। ଏହି ଗଞ୍ଜେଇ ଚାଷ ନଷ୍ଟ କରିବା ପାଇଁ ଗ୍ରୀନ କ୍ଲିନ୍ ଅଭିଯାନ ଚାଲୁ ରହିବ ବୋଲି ଓଆଇସି ଡମ୍ବରୁଧର ବାତ୍ରିଆ ପ୍ରକାଶ କରିଛନ୍ତି।

# ବାବୁଶାନ୍ ଓ କୁଳଦୀପଙ୍କ ନୃତ୍ୟ ଓ ସଙ୍ଗୀତରେ ଝୁମିଲେ ଦର୍ଶକ



କାଲିମେଳା,୪।୧୨(ସମିସ): ତିନି ଦିନ ଧରି ଚାଲିଥିବା କାଲିମେଳା ବ୍ଲକ ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ନରେଶ ଚନ୍ଦ୍ର ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କର ଓ ବିଭିନ୍ନ ପ୍ରଶାସନିକ ଅଧିକାରୀ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଜନଜାତି ସମ୍ପ୍ରଦାୟର ଲୋକ ନୃତ୍ୟ, ଲୋକ ସଙ୍ଗୀତ ଓ ସ୍ଥାନୀୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଚଳଚ୍ଚିତ୍ର ତାରକା ବାବୁଶାନ୍ ମହାନ୍ତି ଓ ଲୋକପ୍ରିୟ ଗାୟକ କୁଳଦୀପ ପଟ୍ଟନାୟକଙ୍କ ଅଭିନୟ, ନୃତ୍ୟ ଓ ସଙ୍ଗୀତରେ ଦର୍ଶକ ଝୁମି ଉଠିଥିଲେ।କାର୍ଯ୍ୟକ୍ରମରେ ଉପସ୍ଥାପକ ପୁପିନ୍ଦର ଏସ ରିଆର ଓ ଉପସ୍ଥାପିକା ଶୁଭଶ୍ରୀ ଗନ୍ତାୟତ ଆଙ୍କରିଂ କରିଥିଲେ। ଏହି ମାଲ୍ୟବନ୍ତ ମହୋତ୍ସବ ଅବସରରେ କାଲିମେଳା ଓ ପଡ଼ିଆ ବ୍ଲକର ହଜାର ହଜାର ଦର୍ଶକ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିବା ବେଳେ କାଲିମେଳା ପୁଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା।

# ଅବକାରୀ ଚଢ଼ଉ, ମଦ ଜବତ

ନବରଙ୍ଗପୁର,୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ନେତୃତ୍ୱରେ ନବରଙ୍ଗପୁର ଅବକାରୀ ଥାନା ଅଧିକାରୀ ଅଶେଷ କୁମାର ନାୟକ ଓ ବିଭାଗୀୟ କର୍ମଚାରୀ ମାନଙ୍କୁ ନେଇ ଏକ ଟିମ୍ ଗଠନ କରି ନବରଙ୍ଗପୁର ଥାନା ଅର୍ନ୍ତଗତ ପୁରୁଣାପାଣି ଗୁଡା ଗ୍ରାମରେ ଚଢ଼ଉ କରି ଜଣେ ମହିଳା ପ୍ରତିମା ଯାନୀ ନିକଟରୁ ୧୮ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରିଛନ୍ତି। ପୁରାଣାପାଣି ଗୁଡାରେ ଚଢଉ କରି ଜଣେ ପୁରୁଷ ନିକଟରୁ ୧୫ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ସୂଚନା ଦେଇଥିବା ବେଳେ ସେହିଭଳି କୋଡୀଙ୍ଗା ଥାନା ଅନ୍ତର୍ଗତ ସିରସୀ ଗ୍ରାମ ରାସ୍ତାରେ ଚଢ଼ଉ କରି ବୃନ୍ଦାବତୀ ବିଷୋୟୀ ନାମକ ଜଣେ ମହିଳାଙ୍କ ନିକଟରୁ ୧୩ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। କୋଡୀଙ୍ଗା ଥାନା ଅନ୍ତର୍ଗତ ମୋଦିନାୟକଗୁଡା ଗ୍ରାମ ରାସ୍ତାରେ ଚଢଉ କର ବାବୁଲି ନୟାକ ନିକଟରୁ ୧୮ ଲିଟର ଚୋରା ଦେଶୀ ହାତରନ୍ଧା ମଦ ଏବଂ ନବରଙ୍ଗପୁର ଥାନା ଅନ୍ତର୍ଗତ ପିପଲଗୁଡା ନିକଟରେ ଚଢାଉ କରି ସୁଶାନ୍ତ ମିର୍ଗାନ ନିକଟରୁ ୧୭ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯିବା ସହିତ ଗୋଟିଏ ଟିଭିଏସ ମୋପେଡ ଜବତ କରିଛନ୍ତି। ନବରଙ୍ଗପୁର ଅବକାରୀ ଥାନା ଅଧିକାରୀ ମକଦମା ରୁଜୁ କରି ସମସ୍ତ ୫ଜଣ ଅଭିଯୁକ୍ତ ମାନଙ୍କୁ ନବରଙ୍ଗପୁର ଏସ୍‌ଡିଜେଏମଙ୍କ ଅଦାଲତରେ ହାଜର କରାଯାଇଥିବା ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ରଞ୍ଜୀ ଯାନୀ, ରିସମା ସୁନା, ସୁଧାଂଶୁ ଶେଖର ବାଘ, ଅକ୍ରମ ଖାନ, ଉମେଶ ହରିଜନ ଓ ସଦା ଶିବ ଭତ୍ତରା ପ୍ରମୁଖ ସହଯୋଗ କରିଥିବା ସୂଚନା ଦେଇଛନ୍ତି ଅବକାରୀ ନିରୀକ୍ଷକ ଶ୍ରୀ ରଥ।



# କାରଖାନାରେ ସ୍ଥାନୀୟ ନିଯୁକ୍ତି ଦାବି କଲେ ବିଧାୟକ

ରାୟଗଡ଼ା,୪।୧୨(ସମିସ): ରାୟଗଡ଼ା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏଠାରେ ୭୦ ପ୍ରତିଶତ ଆଦିବାସୀ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି। ଅନେକ ପରିବାର ଚାଷ ଉପରେ ନିର୍ଭର କରି ଚଳୁଥିବା ବେଳେ ଉଜ୍ଜ୍ୱଳ ଭବିଷ୍ୟତର ଆଶା ନେଇ ଉଚ୍ଚ ଶିକ୍ଷା ଗ୍ରହଣ କରି ଏଠାରେ ବହୁ ଶିକ୍ଷିତ ଯୁବକଯୁବତୀ ଯୋଗ୍ୟତା ଅନୁଯାୟୀ ଚାକିରି କିମ୍ବା ଅନ୍ୟ ରୋଜଗାର କରି ପାରୁ ନାହାନ୍ତି। ଅନ୍ୟ ବିକଳ୍ପ ନ ପାଇ କାମଧନ୍ଦା ପାଇଁ ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ ଭଳି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କିଛି ଭଲରେ ସୁରକ୍ଷିତ ହୋଇ ନିଜ ଘରକୁ ଫେରୁଛନ୍ତି ତ କେହି କେହି ମୃତ୍ୟୁବରଣ କରି ଶବ ହୋଇ ଫେରୁଛନ୍ତି। ଜିଲ୍ଲାରେ ପ୍ରାୟ ୫ ଗୋଟି ବଡ଼ ବଡ଼ କଳକାରଖାନା ରହିଛି। ସେଥିମଧ୍ୟରୁ କୋଲନରା ବ୍ଲକର ଥେରୁବାଲିରେ ଇମ୍ଫା, ରାୟଗଡା ବ୍ଲକ୍ ଜେକେପୁରରେ ଜେକେ ପେପର ମିଲ୍ସ, କାଶିପୁର ବ୍ଲକ୍ ଦୋରାଗୁଡାରେ ଉତ୍କଳ ଆଲୁମିନା, କଂସାରୀଗୁଡାରେ ଆଦିତ୍ୟ ବିର୍ଲା ଏବଂ ରାୟଗଡ଼ା କଳାହାଣ୍ଡି ଜିଲ୍ଲା ସୀମାନ୍ତରେ ବେଦାନ୍ତ କମ୍ପାନୀ ରହିଛି। ତେବେ ସ୍ଥାନୀୟ ଶିକ୍ଷିତ ଯୁବକଯୁବତୀମାନଙ୍କୁ କିନ୍ତୁ ଉକ୍ତ କମ୍ପାନୀଗୁଡିକରେ ନିଯୁକ୍ତି ପ୍ରଦାନ କରାଯାଉ ନାହିଁ। ଯୋଗ୍ୟତା ଭିତିରେ ୫୦ ପ୍ରତିଶତ ନିଯୁକ୍ତି ପ୍ରଦାନ କରାଗଲେ ଜିଲ୍ଲାରେ ଦାଦନ ସମସ୍ୟାକୁ ରୋକାଯାଇପାରିବ ଏବଂ ଜିଲ୍ଲାର ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ଚଳିତ ବିଧାନସଭା ଶୀତ ଅଧୀବେଶନ ଶୂନ୍ୟ କାଳରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ସରକାରଙ୍କଠାରେ ଦାବି କରିଛନ୍ତି ବୋଲି କହିଛନ୍ତି।

## ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବ

# ପାରମ୍ପରିକ, ଆଧୁନିକ ଗୀତ ଓ ନାଚରେ ଦୁଲୁକିଲା ମଞ୍ଚ



## ହସାଇଲେ ପ୍ରଜ୍ଞା ଓ ଶଙ୍କର ଯୋଡି

ମାଥିଲି,୪।୧୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ମିନି ଷ୍ଟାଡିଅମ ଠାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବ ଆଦିବାସୀ ପାରମ୍ପରିକ ନାଚଗୀତ ଓ ଓଡିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଆଧୁନିକ ଗୀତ ନାଚରେ ଦୁଲୁକିଛି ମଞ୍ଚ। କମେଡି କିଙ୍ଗ ପ୍ରଜ୍ଞା ଓ ଶଙ୍କରଙ୍କ ଯୋଡି ହସି ହସି ବେଦମ କରିଛନ୍ତି। ଗତକାଲି ସନ୍ଧ୍ୟାରେ ବ୍ଲକ ସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ. ପ୍ରମୋଦ କୁମାର ବେହେରା ଙ୍କ ନେତୃତ୍ୱରେ ଏବଂ ବ୍ଲକ ଅଧକ୍ଷ ମହେଶ କୁମାର ବାକାଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା, ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ସସ୍ମିତା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ହୀରଣ୍ୟ ମୁଦୁଲି, ଅତିରିକ୍ତ ଜିଲ୍ଲାପାଳ ଅଜୟ କୁମାର ମଣ୍ଡାଙ୍ଗି, ତହସିଲଦାର ମାନସୀ ଭୋଇ ଓ ମାଥିଲି ଥାନା ଅଧିକାରୀଣୀ ଦୀପାଞ୍ଜଳି ପ୍ରଧାନ, ଆଦିବାସୀ ମହାସଂଘର ଜିଲ୍ଲା ସଭାପତି ବନ୍ଧୁ ମୁଦୁଲି, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତିନିଧି ସ୍ମୃତି ରଞ୍ଜନ ପାଢ଼ୀ ମଞ୍ଚାସୀନ ଥିଲେ। ମାଥିଲି ବ୍ଲକ ସମସ୍ତ ୨୦ଟି ପଞ୍ଚାୟତର ଜନପ୍ରତିନିଧିଙ୍କୁ ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରଯାଇଥିଲା। ବିଭିନ୍ନ ବର୍ଗର ଆଦିବାସୀ କଳା ସଂସ୍କୃତି ଉପରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମଙ୍ଗୁ ଖିଲ ପହଞ୍ଚି ଉପସ୍ଥିତ ଦର୍ଶକ ଓ ଆୟୋଜକ ବ୍ଲକ ପ୍ରଶାସନଙ୍କୁ ଉତ୍ସାହିତ କରିଥିଲେ। ପରେ ଉତ୍କଳ ସମ୍ବାଦିକ ସଙ୍ଘ ଓ ମାଲକାନଗିରି ସମ୍ବାଦିକ ସଂଘର ସଦସ୍ୟଙ୍କୁ ମାଲ୍ୟବନ୍ତ ଲୋକ ମହୋତ୍ସବ ମଞ୍ଚରେ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ପାରମ୍ପରିକ ନାଚଗୀତ ସହିତ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବତୀ ଓ କମେଡି କିଙ୍ଗ ପ୍ରଜ୍ଞା ଓ ଶଙ୍କରଙ୍କ ଯୋଡି କମେଡି ରେ ହଜାର ହଜାର ଦର୍ଶକ ମାନେ ମନ ଭରି ଉପଭୋଗ କରିଥିଲେ। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ. ପ୍ରମୋଦ କୁମାର ବେହେରା ପରିଚାଳନା କରିଥିବା ବେଳେ ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ, ପଞ୍ଚାୟତ ଉନ୍ନୟନ ଅଧିକାରୀ ରତନ ରାଏ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁ ଓ ଏପିଓ ଲିଙ୍ଗରାଜ କରକରିଆଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀଙ୍କ ସହ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ଓ ସ୍ଥାନୀୟ ଯୁବକ ମାନେ ସହଯୋଗ କରିଥିଲେ। ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା।

# ଘରୁ ଡାକି ନେଇ ଯୁବକଙ୍କୁ ହତ୍ୟା!

ଦେବଗଡ଼, ୪।୧୨ (ସମିସ): ବାରକୋଟ ଥାନା ଅଧୀନ ଟାଇଁସିରା ଗାଁରୁ ୫ଦିନ ତଳେ ନିଖୋଜ ହୋଇଯାଇଥିବା ଜଣେ ଯୁବକଙ୍କ ମୃତଦେହ ଗୁରୁବାର ଏକ ନାଳରୁ ଉଦ୍ଧାର ହୋଇଛି। ମୃତ ଯୁବକଜଣଙ୍କ ସେହି ଗାଁର ରାଜକିଶୋର ମହାକୁଳ। ତାଙ୍କୁ ହତ୍ୟା କରି ନାଳରେ ଫିଙ୍ଗି ଦିଆଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଗୁରୁତ୍ୱର ସହ



**୫ ଦିନ ପରେ ନାଳରୁ ଶବ ଉଦ୍ଧାର**

ନେଇ ପୁଲିସ ତଦନ୍ତ ଆରମ୍ଭ କରିବା ସହ ୨ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଗତ ୩୦ତାରିଖରେ ରାଜକିଶୋରଙ୍କୁ ସେହି ଗାଁର ଗଣ ନାୟକ ଓ ତପନ ନାୟକ ଭୋଜି ପାଇଁ ଦରଗଡ଼ି ଜଳପ୍ରପାତ ନିକଟକୁ ନେଇଯାଇଥିଲେ। ଭୋଜି ସରିବା ପରେ ସେମାନେ ଖଜୁରି ତାଡ଼ି ପିଇବାକୁ ଫଟାମୁଣ୍ଡ ଗାଁକୁ ଯାଇଥିଲେ। ସେଠାରୁ ଫେରି ରାଜକିଶୋର ବିଶ୍ରାମ ନେଉଥିବା ବେଳେ ସଂଧ୍ୟାରେ ପୁଣି ଗଣ ଓ ତପନ ତାଙ୍କୁ ଘରୁ ଡାକି ନେଇଥିଲେ। କିନ୍ତୁ ସେଦିନ ଆଉ ରାଜକିଶୋର ଘରକୁ ନ ଫେରିବାରୁ ପରିବାରଲୋକଙ୍କ ମନକୁ ପାପ ଛୁଇଁଥିଲା। ପରଦିନ ଅର୍ଥାତ୍ ଡିସେମ୍ବର ୧ତାରିଖ ସକାଳେ ମା' ବୋଇତ ମହାକୁଳ ଏ ସଂପର୍କରେ ଗଣ ଓ ତପନଙ୍କୁ ପଚାରିବାରୁ ସେମାନେ ରାଜକିଶୋର କୁଆଡ଼େ ଗଲା, ତାହା ଜାଣି ନଥିବା କହିଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ରାଜକିଶୋରଙ୍କ ସନ୍ଧାନ ନ ମିଳିବାରୁ ବୋଇତ ଏ ସଂପର୍କରେ ଗତ ୨ ତାରିଖରେ ବାରକୋଟ ଥାନାରେ ଅଭିଯୋଗ କରିଥିଲେ।

ବାରକୋଟ ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ଆଜି ସକାଳେ ନିକଟସ୍ଥ ରେଙ୍ଗାଳି ଗାଁର ଯୌତୁକ ନାଳର ପୋଲ ତଳେ ରାଜକିଶୋରଙ୍କ ମୃତଦେହ ଭାସୁଥିବା କିଛି ଗ୍ରାମବାସୀ ଦେଖିବାକୁ ପାଇଥିଲେ। ବାରକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହର ଚିହ୍ନଟ କରାଇଥିଲା। ରାଜକିଶୋରଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ସ୍ତ୍ରୀ ସାଗରିକା ଅଭିଯୋଗ କରିବାରୁ ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ଗଣ ଏବଂ ତପନଙ୍କ ଭୂମିକା ସନ୍ଦେହଜନକ ଥିବାରୁ ପୁଲିସ ଦୁହିଁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ନିକଟସ୍ଥ ଅନୁଗୁଳ ଜିଲ୍ଲା ପାଲଲହଡା ଡାକ୍ତରଖାନାକୁ ପଠାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

**ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନ**

# କେତେ ଆଉ ସହିବା?

ପୁରୀ, ୪।୧୨(ସମିସ): ପୂର୍ବରୁ ଶ୍ରୀମନ୍ଦିର ଉପରେ ଅନେକଥର ଆକ୍ରମଣ ହୋଇଛି। ଏଥିପାଇଁ ଶ୍ରୀବିଗ୍ରହମାନଙ୍କୁ ଅନେକବାର ରତ୍ନସିଂହାସନ ଛାଡ଼ିବାକୁ ପଡ଼ିଛି। ସେବାୟତମାନେ ଚତୁର୍ଦ୍ଧା ବିଗ୍ରହଙ୍କୁ ଅନେକ ଜାଗାକୁ ନେଇ ଲୁଚାଇ ରଖିଛନ୍ତି। ଇତିହାସର ଏହି କଥା ସେତେବେଳେ ପ୍ରତ୍ୟକ୍ଷ ଭାବେ ଘଟୁଥିଲା। ହେଲେ ଏବେ ପରୋକ୍ଷ ଭାବେ ଏହି ଧାରା ଅବ୍ୟାହତ ରହିଛି। ଶ୍ରୀମନ୍ଦିର ଆଉ ଶ୍ରୀଜଗନ୍ନାଥଙ୍କୁ ବାରମ୍ବାର ଅପମାନିତ କରାଯାଉଛି, ଯାହାକି କୌଣସି ଆକ୍ରମଣଠାରୁ କମ୍ ନୁହେଁ। ନିକଟରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଶୁଭଙ୍କର ମିଶ୍ରା ଶ୍ରୀମନ୍ଦିରକୁ ନେଇ ଏକ ବିବାଦୀୟ ଟିପ୍ପଣୀ ଦେଇଥିଲେ। ପରେ କ୍ଷମା ମାଗିବା ସହ ଉକ୍ତ ଭିଡିଓକୁ ଡିଲିଟ୍ କରିଥିଲେ ବି ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ଲାଗି ରହିଛି। ଖାଲି ଏହି ଗୋଟିଏ ଉଦାହରଣ ନୁହେଁ, ଏମିତି ପୁଳାପୁଳା ଉଦାହରଣ ରହିଛି। ରାଜ୍ୟ ସମେତ ଦେଶବିଦେଶରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା କରାଯାଉଛି। ବାରମ୍ବାର ଜଗନ୍ନାଥ ସଂସ୍କୃତିକୁ କଦର୍ଥ କରାଯାଉଥିବା ବେଳେ ଏହା ଉପରେ କ'ଣ ପୂର୍ଣ୍ଣଚ୍ଛେଦ ପଡ଼ିପାରିବ ନାହିଁ? ଏହି ପ୍ରଶ୍ନ ଏବେ ବିଭିନ୍ନ ମହଲରେ ଉଙ୍କି ମାରୁଥିବା ବେଳେ ସମସ୍ତଙ୍କ ମୁହଁରେ ଗୋଟିଏ କଥା - ଆଉ କେତେ ସହିବା?

ଶ୍ରୀଜଗନ୍ନାଥ ସଂସ୍କୃତିକୁ ଇସ୍କନ ବାରମ୍ବାର ଅପମାନିତ କରୁଛି। ଅଦିନରେ ଦେଶ, ବିଦେଶରେ ବିଭିନ୍ନ ଜାଗାରେ ଆୟୋଜନ କରୁଛି ରଥଯାତ୍ରା। ଏହି ବିବାଦ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଥମି ନାହିଁ। ନିକଟରେ ଇସ୍କନ ଭାରତ ଏବଂ ବିଦେଶର ସମସ୍ତ ମନ୍ଦିରରେ ଶାସ୍ତ୍ରୋକ୍ତ ତିଥି (ଜ୍ୟେଷ୍ଠ ପୂର୍ଣ୍ଣିମା)ରେ ସ୍ନାନଯାତ୍ରା ପାଳନ କରିବାକୁ ସମ୍ମତ ହୋଇଥିଲେ ମଧ୍ୟ ଶାସ୍ତ୍ର ଓ ପାରମ୍ପରିକ ନିର୍ଦ୍ଧାରିତ ତିଥି ଅନୁଯାୟୀ ଅର୍ଥାତ୍ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିଠାରୁ ଆରମ୍ଭ ହେଉଥିବା ନଅଦିନ ମଧ୍ୟରେ ଭାରତ ବାହାରେ ରଥଯାତ୍ରା ପାଳନ କରିବା ନିଷ୍ପତ୍ତି ସହିତ ସହମତ ହୋଇପାରିନାହିଁ। ଏହାକୁ ନେଇ ବିବାଦ ରହିଥିବା ବେଳେ ଇସ୍କନ ବାରମ୍ବାର ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଅବମାନନା କରିଆସୁଛି। ଏହାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତ ଇସ୍କନର ମନମାନିକୁ ବିରୋଧ କରୁଛନ୍ତି। ପ୍ରତ୍ୟେକ ଧାର୍ମିକ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ତିଥି ଓ ତାରିଖ ରହିଛି। ଏହାକୁ ସମସ୍ତେ ମାନିବା ଦରକାର। ରଥଯାତ୍ରା ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ପାଳିତ ହୋଇଥାଏ। ଏହା ସ୍କନ୍ଦ ପୁରାଣରେ ମହାପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ। ଅଦିନରେ ଏବଂ ଅତିଥିରେ ରଥଯାତ୍ରା ଆୟୋଜନ କରାଯାଇ ଶ୍ରୀଜଗନ୍ନାଥ ସଂସ୍କୃତି, ସନାତନ ହିନ୍ଦୁ ସମାଜ, ଭକ୍ତ ଏବଂ ଦେଶର ଘୋର ଅପମାନ ସହ ଧାର୍ମିକ ଭାବନାରେ ଆଘାତ ସୃଷ୍ଟି କରାଯାଉଛି। ତେଣୁ ଏଭଳି ମନମୁଖୀ କାର୍ଯ୍ୟରୁ ଇସ୍କନ ଦୂରେଇ ରହିବାକୁ ଦାବି କରିଆସୁଛନ୍ତି ଭକ୍ତ ଓ ସେବାୟତ।

ସେହିପରି ମହାପ୍ରଭୁ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଭିନ୍ନ ଉପାୟରେ ଅପମାନିତ କରାଯାଉଛି। ପୂର୍ବରୁ ମହାପ୍ରଭୁଙ୍କ ଚିତ୍ରକୁ ନେଇ ଅନେକ ବ୍ୟଙ୍ଗାତ୍ମକ ଢଙ୍ଗରେ ଚିତ୍ରଣ କରାଯାଇଛି। କାର୍ ଏବଂ ଅନ୍ୟ ଗାଡ଼ିରେ ଠାକୁରଙ୍କୁ ବସାଇ ରଥଯାତ୍ରା କରିବା,



ରଥରେ ସୁଖୋଇ ବିମାନର ଟାୟାର ଲାଗାଯିବା, ମହିଳାଙ୍କ ବିଭିନ୍ନ ପୋଷାକରେ ଜଗନ୍ନାଥଙ୍କ ଫଟୋ ରହିବା, ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦ ଉପୁଜିଥିବାର ନଜିର ରହିଛି। ଏଭଳି ସ୍ଥିତିରେ ଏବେ ପୁଣି ଶୁଭଙ୍କର ମିଶ୍ରାଙ୍କ ବିବାଦୀୟ ଟିପ୍ପଣୀ ଭକ୍ତ ଓ ସେବାୟତଙ୍କ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଶୁଭଙ୍କର ନିଜ ପଡ୍‌କାଷ୍ଟରେ କହିଛନ୍ତି ଯେ ଯଦି କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିର ଯାଆନ୍ତି, ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ। କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ମା' ରାଧାରାଣୀ ପ୍ରଭୁ ଜଗନ୍ନାଥ ରୂପରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାକୁ ଆସିଥିବା ବେଳେ ସେବାୟତମାନେ ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ବାରଣ କରିଥିଲେ। ସେମାନେ କହିଥିଲେ ଯେ ମନ୍ଦିର ଭିତରକୁ ଭଗବାନଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ। ଏଥିରେ କ୍ରୋଧିତ ହୋଇ ମା' ରାଧାରାଣୀ ଅଭିଶାପ ଦେଇଥିଲେ ଯେ ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କର ସମ୍ପର୍କ ଭାଙ୍ଗିଯିବ ଏବଂ ବିବାହ ହୋଇପାରିବ ନାହିଁ। ଶୁଭଙ୍କରଙ୍କ ଏହି ବିବାଦୀୟ ଟିପ୍ପଣୀ ପାଇଁ ତାଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ସେବାୟତ ଏତଲା ଦେଇଥିବା ବେଳେ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଅବଶ୍ୟ ବିରୋଧ ବଢ଼ିବା ପରେ ଶୁଭଙ୍କର କ୍ଷମା ପ୍ରାର୍ଥନା କରିଛନ୍ତି।

ଜଗନ୍ନାଥ ସଂସ୍କୃତିକୁ ଜାଣିଶୁଣି ଅପମାନିତ କରାଯାଉଛି ଏବଂ ଏହା ପଛରେ ଷଡ଼ଯନ୍ତ୍ର ଥିବା ଅନେକ ଶ୍ରଦ୍ଧାଳୁ ଅଭିଯୋଗ କରୁଛନ୍ତି। ବାରମ୍ବାର ଜଗନ୍ନାଥ ସଂସ୍କୃତିକୁ ଅପମାନିତ କରାଯାଉଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ, ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେବାକୁ ଭକ୍ତମାନେ ଦାବି କରିଛନ୍ତି।

# ମହିଳା ଓ ବୃଦ୍ଧଙ୍କୁ ଦଳିଦେଲା ହାତୀ

ଦେବଗଡ଼/ରିଆମାଳ, ୪।୧୨ (ସମିସ): ଦେବଗଡ଼-ଅନୁଗୋଳ ଜିଲ୍ଲା ସୀମାନ୍ତ ସିନ୍ଦୂରପାଳ ଓ ଜୁରାଡ଼ଙ୍ଗା ଗାଁରେ ଗୁରୁବାର ସକାଳୁ ହାତୀ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କୁଞ୍ଜ ଦେହୁରୀ(୭୦) ଓ ରଜନୀ ବେହେରା(୩୫)।

ଜୁରଡଙ୍ଗା ଗାଁର କୁଞ୍ଜ ଆଜି ସକାଳୁ ଅନୁଗୁଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳ ଅନ୍ତର୍ଗତ ସୁନ୍ଦରପାଳସ୍ଥିତ ନିଜ ଧାନ ବିଲକୁ ଯାଇଥିଲେ। ସେଠାରେ ସେ ଏକ ୨୨ ଟିକିଆ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ସେଥିମଧ୍ୟରୁ ଗୋଟିଏ ହାତୀ ବିଲ ମଧ୍ୟରେ କୁଞ୍ଜଙ୍କୁ ଶୁଣ୍ଢରେ ଟେକି ଫିଙ୍ଗିଦେବା ସହ ପାଦରେ ଦଳି ଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେଠାରୁ କିଛି ଦୂରରେ ସିନ୍ଦୂରପାଳ ଗାଁର ଦିଲ୍ଲୀପ ବେହେରାଙ୍କ ସ୍ତ୍ରୀ ରଜନୀ ରିଆମାଳ ବନାଞ୍ଚଳ କୁଣ୍ଡେଇଗୋଳା ସେକ୍ସନ ଅନ୍ତର୍ଗତ ଜୁରାଡୁଙ୍ଗା ପଟରେ ଥିବା ବିଲକୁ ଯାଉଥିବା ବେଳେ ସେହି ହାତୀପଲଙ୍କ ହାବୁଡ଼ରେ ପଡ଼ି ଯାଇଥିଲେ। ଗୋଟିଏ ହାତୀ ରଞ୍ଜିତାଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ରଞ୍ଜିତା ତଳେ ପଡ଼ି ଛଟପଟ ହେଉଥିବା ବେଳେ ହାତୀପଲ ତାଙ୍କୁ ଦୀର୍ଘ ସମୟ ଧରି ଘେରି ରହିଥିଲେ। ଫଳରେ ଗୁରୁତର ରଞ୍ଜିତାଙ୍କୁ ଉଦ୍ଧାର କରିବାକୁ କେହି ସାହସ ଜୁଟାଇ



ପାରିନଥିଲେ। ହାତୀପଲ ସେଠାରୁ ଯିବା ପରେ ପରିବାରଲୋକେ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଚାଲୁଚାଲୁ ଜଳିଗଲା ବସ୍

ବିଜେପୁର, ୪।୧୨ (ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର-ବିଜେପୁର ରାସ୍ତାର ବଲଣ୍ଡା ଗାଁ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଚଳନ୍ତା ବସ୍ ଜଳିଯାଇଛି। ସୌଭାଗ୍ୟକୁ ବସ୍‌ର ଚାଳକ ଗାଡ଼ିକୁ ଅଟକାଇ ଯାତ୍ରୀମାନଙ୍କୁ ବାହାର କରିଦେବାରୁ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

**ଅଳ୍ପକେ ବର୍ତ୍ତିଲେ ଯାତ୍ରୀ**

ସୂଚନାନୁଯାୟୀ, ପ୍ରତିଦିନ ଭଳି ଏକ ଓଏସ୍‌ଆରଟିସି ସରକାରୀ ବସ୍ ଖରିଆରୋଡ୍‌ରୁ ବିଜେପୁର ରାସ୍ତା ଦେଇ ସମ୍ବଲପୁର ଯାଉଥିଲା। ବିଜେପୁର ଥାନା ଅନ୍ତର୍ଗତ ବଲଣ୍ଡା ଗାଁ ନିକଟରେ ବସ୍‌ରୁ ନିଆଁ ବାହାରୁଥିବା ଦେଖି ଯାତ୍ରୀମାନେ ପାଟି କରିଥିଲେ। ଚାଳକ ତୁରନ୍ତ ଗାଡ଼ିକୁ ଅଟକାଇ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଇଥିଲେ। ପରେପରେ ବସ୍‌ଟି ହୁତୁହୁତୁ ହୋଇ ଜଳି ଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳ ପୂରା ଧୂଆଁମୟ ହୋଇଯାଇଥିଲା। ଖବର ପାଇ ବିଜେପୁର ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବ୍ୟାଟେରୀରୁ ସର୍ଟସର୍କିଟ୍ ହୋଇ ନିଆଁ ଲାଗିଥିବା ବିଭାଗୀୟ କର୍ମଚାରୀମାନେ ସୂଚନା ଦେଇଛନ୍ତି।

**ଖଣି ଲିଜ୍ ଆଳରେ ୬୪ ଲକ୍ଷ ଠକେଇ**

# ଗୁଜରାଟରୁ ଧରାହେଲେ ଓଡ଼ିଆ ଦମ୍ପତି

ଭୁବନେଶ୍ୱର, ୪।୧୨ (ସମିସ): ନାଲକୋ କମ୍ପାନୀର ଖଣି ଲିଜ୍ ଦେବା ଆଳରେ ୬୪ଲକ୍ଷ ଟଙ୍କା ଠକି ନେଇଥିବା ଏକ ଧୂର୍ତ୍ତ ଓଡ଼ିଆ ଦମ୍ପତିଙ୍କୁ ଭୁବନେଶ୍ୱର ସାଇବର ଥାନା ପୁଲିସ ଗୁଜରାଟର ସୁରଟରୁ ଗିରଫ କରିଛି। ସେମାନେ ହେଲେ, ସୁରଟ ଗୃହମ ପ୍ୟାଲେସରେ ରହୁଥିବା ବୋଲଗଡ଼ ଥାନା ବେଣାଗାଡ଼ିଆର ଗୀତାଞ୍ଜଳି ବରଦା ଓ ତାଙ୍କ ସ୍ୱାମୀ ସନ୍ତୋଷ କୁମାର ବରଦା।



- ନାଲକୋ ଅଧିକାରୀ ବୋଲି ଦେଇଥିଲା ପରିଚୟ
- ନକଲି ୱାର୍କ ଅର୍ଡର ଜବତ
- ପୂର୍ବରୁ ରହିଛି ୪ ଠକେଇ ମାମଲା

ପୁଲିସ ସୂଚନାନୁସାରେ, ସନ୍ତୋଷ ନିଜକୁ ନାଲକୋର ଜଣେ ବରିଷ୍ଠ ଅଧିକାରୀ ପରିଚୟ ଦେଇ ରସୁଲଗଡ଼ ଜିଜିପି କଲୋନୀର ଅଭିଷେକ ମହାନ୍ତିଙ୍କୁ ଯୋଗାଯୋଗ କରିଥିଲେ। ସେ ଓଡ଼ିଶାରେ ନାଲକୋ କମ୍ପାନୀର ଖଣି ଲିଜ୍ ଦେବାକୁ ଅଭିଷେକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ପତ୍ନୀ ଗୀତାଞ୍ଜଳିଙ୍କ ସହ ମିଶି ନାଲକୋ ଫର୍ମାଟ୍ ଥିବା ନକଲି ଡକ୍ୟୁମେଣ୍ଟ, କାର୍ଯ୍ୟାଳୟ ଭିତରର ଫଟୋଗ୍ରାଫ୍ ଓ ନାଲକୋ ପରିସରରୁ ଲୋକେସନ୍ ପିନ୍ ସେୟାର୍ କରିଥିଲେ ସନ୍ତୋଷ। ଏପରିକି, ଅଭିଷେକଙ୍କ ପରିଚିତ ବ୍ୟକ୍ତିଙ୍କୁ ଦିଲ୍ଲୀ, ଭୁବନେଶ୍ୱର ଓ ଅନ୍ୟାନ୍ୟ ନାଲକୋ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ନକଲି ଡକ୍ୟୁମେଣ୍ଟ ସ୍ୱାକ୍ଷର ଓ ବାୟୋମେଟ୍ରିକ୍ ପ୍ରକ୍ରିୟା ଯାଇଥିବାରୁ କାମ ପାଇବା କଥାକୁ ସହଜରେ ବିଶ୍ୱାସ କରି ନେଇଥିଲେ ଅଭିଷେକ। କାମ ବାବଦକୁ ଟଙ୍କା ମାଗିବାରୁ ସନ୍ତୋଷ ଓ ଗୀତାଞ୍ଜଳିଙ୍କ ନିୟନ୍ତ୍ରଣାଧୀନ ଅରୋଶ୍ରୀ ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର୍ କମ୍ପାନୀର ବ୍ୟାଙ୍କ ଆକାଉଣ୍ଟକୁ ଅଭିଷେକ ୩ଟି ପର୍ଯ୍ୟାୟରେ ମୋଟ ୬୩ଲକ୍ଷ ୬୦ ହଜାର ଟଙ୍କା ଜମା କରିଥିଲେ। ବଦଳରେ ଠକ ଦମ୍ପତି ତାଙ୍କୁ ଏକ ୱାର୍କ ଅର୍ଡର୍ ଦେଇଥିଲେ। ହେଲେ ୱାର୍କ ଅର୍ଡର୍‌ଟି ନକଲି ବୋଲି ଜାଣିବା ପରେ ଅଭିଷେକ ସାଇବର ଥାନାରେ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିଲା।

ଗତକାଲି ସାଇବର୍ ପୁଲିସ ଠକ ଦମ୍ପତିଙ୍କୁ ଗୁଜୁରାଟର ସୁରଟରୁ ଗିରଫ କରିବା ସହ ସ୍ଥାନୀୟ କୋର୍ଟରେ ହାଜର କରାଇଥିଲା। ପରେ ସେମାନଙ୍କୁ ଟ୍ରାନଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣିଛି। ସେମାନଙ୍କଠାରୁ ଚେକ୍ ବୁକ୍, ଆକାଉଣ୍ଟ ନେଣଦେଣ ତଥ୍ୟ, ୬ଟି ମୋବାଇଲ, କାର୍ ଜବତ ହୋଇଛି। ଠକ ଦମ୍ପତି ନାଲକୋ ଫର୍ମାଟିଂ ଥିବା ଡକ୍ୟୁମେଣ୍ଟ ଓ ନକଲି ୱାର୍କ ଅର୍ଡର ଜାଲିଆତି କରି ବ୍ୟବସାୟୀମାନଙ୍କୁ ଠକୁଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ପୂର୍ବରୁ ସନ୍ତୋଷ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୪ଟି ମାମଲା ରହିଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି।

**ବିଜେଡିର ଅଭିଯୋଗ**

# ଆଦିବାସୀଙ୍କଠାରୁ ଜଙ୍ଗଲ ଜମି ଅଧିକାର ଛଡ଼ାଇ ନେଇଛନ୍ତି ସରକାର

ଭୁବନେଶ୍ୱର,୪।୧୨(ସମିସ): ଜଙ୍ଗଲ ଜମି, ଆଦିବାସୀମାନଙ୍କର ସାମ୍ବିଧାନିକ ଅଧିକାର। ସେଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମୋ ଜଙ୍ଗଲ ଜମି' ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଓଡ଼ିଶାର ବିଜେପି ସରକାର ଏହାକୁ ବନ୍ଦ କରିଦେଲେ। ଲକ୍ଷ ଲକ୍ଷ ଭୂମିହୀନ ଆଦିବାସୀଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରିଛନ୍ତି। ଏହି ପ୍ରତାରଣା ପ୍ରତିବାଦରେ ୨୩ ଜିଲ୍ଲାର ଆଦିବାସୀମାନେ ବିଜୁ ଜନତା ଦଳ ନେତୃତ୍ୱରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଓ ରାଜ୍ୟ ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ କହିଥିଲେ ଯେ ଆବହମାନ କାଳରୁ ଆଦିବାସୀମାନେ ଜଙ୍ଗଲରେ ବସବାସ କରୁଛନ୍ତି। ଏବେ ସେମାନଙ୍କ ସଂଖ୍ୟା ୧ କୋଟିରୁ ଅଧିକ ହେବ। ଜଳ, ଜଙ୍ଗଲ, ଜମି ହେଉଛି ଆଦିବାସୀ ମାନଙ୍କ ଐତିହାସିକ ଦାବି। ସେମାନଙ୍କ ନ୍ୟାଯ୍ୟ ଦାବିକୁ ସମ୍ମାନ ଜଣାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୮

- ଟଙ୍କା ନାହିଁ କହି ବନ୍ଦ କରିଦେଲେ 'ମୋ ଜଙ୍ଗଲ ଜମି' ଯୋଜନା
- ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ବି ମାନିଲେନି
- ଆନ୍ଦୋଳନକୁ ଓହ୍ଲାଇବେ ୨୩ ଜିଲ୍ଲାର ଆଦିବାସୀ, ନେତୃତ୍ୱ ନେବ ବିଜେଡି

ମସିହାରେ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବା ସହ ଆଦିବାସୀମାନଙ୍କୁ ଜମି ପଟ୍ଟା ପ୍ରଦାନ ଆରମ୍ଭ କରିଥିଲେ। ଏହା ଏକ ଐତିହାସିକ ନିଷ୍ପତ୍ତି ଥିଲା। ସାରା ଦେଶରେ ଓଡ଼ିଶା ଏକ ମାଇଲ ଖୁଣ୍ଟ ସ୍ଥାପନ କଲା। ଏହି ଯୋଜନାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ବିଜେଡି ସରକାର ୨୦୨୩ ବିଶ୍ୱ ଆଦିବାସୀ ଦିବସରେ 'ମୋ ଜଙ୍ଗଲ ଜମି' ଯୋଜନାର ଶୁଭାରମ୍ଭ କରିଥିଲେ। ପ୍ରତି ତହସିଲ ଓ ଆଇଟିଡିଏ କାର୍ଯ୍ୟାଳୟରେ ଏଫଆର୍‌ଏ ସେଲ୍ ଖୋଲାଯାଇ କାମକୁ ତ୍ୱରାନ୍ୱିତ କରାଯାଇଥିଲା। ଏଥିପାଇଁ ସେହି ବର୍ଷ ୩୮ କୋଟି ୭୬ ଲକ୍ଷ ଟଙ୍କା



ବ୍ୟୟବରାଦ ବି କରାଯାଇଥିଲା। ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଇତିମଧ୍ୟରେ ୪ ଲକ୍ଷ ୭୩ ହଜାର ୩୬୪ଟି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ କରାଯାଇଛି। ଦୁର୍ଗମ, ଅପହଞ୍ଚ ଇଲାକାରେ ରହୁଥିବା ଜଙ୍ଗଲ ଅଧିବାସୀ ନବୀନ ବାବୁଙ୍କଠାରୁ ଜମି ପଟ୍ଟା ପାଇ ନିଜକୁ ଧନ୍ୟ ମନେ କରିଥିଲେ। କିନ୍ତୁ ଟଙ୍କା ନାହିଁ ବୋଲି କହି ବିଜେପି ସରକାର ଏହି ଯୋଜନାକୁ ଗତ ତିନି ମାସ ହେଲା ବନ୍ଦ କରି ଦେଇଛନ୍ତି। ଜମି ପଟ୍ଟା ନ ଥିବା ଆଦିବାସୀମାନେ ସବୁ ପ୍ରକାର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି।

ଡ. ମାଝୀ କହିଥିଲେ ଯେ ଗତ ମେ' ମାସରେ ରାଜ୍ୟପାଳ ଏସ୍‌ସି/ଏସ୍‌ଟି ବିଭାଗର ସମୀକ୍ଷା କରିବା ସମୟରେ ଜଙ୍ଗଲ ଜମି ପଟ୍ଟା ଆବଣ୍ଟନକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ ପାଇଁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାର ମଧ୍ୟ ତାଗିଦ୍ କଲେ। କିନ୍ତୁ ଏପରି ଏକ ଆଦିବାସୀ କଲ୍ୟାଣକାରୀ ଯୋଜନାକୁ ଆଗକୁ ନେବା ପରିବର୍ତ୍ତେ ରାଜ୍ୟ ବିଜେପି ସରକାର ତାକୁ ବନ୍ଦ କରିଦେଲେ। ଏହି ଆଦିବାସୀ ମାରଣ ନୀତି ବିରୁଦ୍ଧରେ ସାରା ରାଜ୍ୟର ଆଦିବାସୀ ଏକାଠି ହେବେ ବୋଲି ଚେତାବନୀ ଦେଇଛନ୍ତି। ବିଜୁ ଜନତା ଦଳ ଆଦିବାସୀମାନଙ୍କ ଏହି ପ୍ରତିବାଦ ଆନ୍ଦୋଳନର ନେତୃତ୍ୱ ନେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ବ୍ରହ୍ମପୁରରେ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆଜିଠାରୁ

ବ୍ରହ୍ମପୁର,୪।୧୨(ସମିସ): ସ୍ଥାନୀୟ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ଶୁକ୍ରବାରଠାରୁ ତୃତୀୟ ବ୍ରହ୍ମପୁର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆୟୋଜିତ ହେବ। ଡିସେମ୍ବର ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଦେଶ ବିଦେଶର ବିଭିନ୍ନ ପ୍ରକାର ସାମଗ୍ରୀର ପ୍ରଦର୍ଶନୀ ସହ ବିକ୍ରିବଟା ହେବ। ଭୁବନେଶ୍ୱରର ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍

- ପ୍ରଦର୍ଶିତ ହେବ ୧୦ଟି ଦେଶ ଓ ୨୨ଟି ରାଜ୍ୟର ଲକ୍ଷାଧିକ ସାମଗ୍ରୀ
- ଜଳପରୀ ଶୋ' ମୁଖ୍ୟ ଆକର୍ଷଣ; ୧୧ଦିନ ଧରି ଚାଲିବ ମେଳା

ଲିମିଟେଡ୍ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମେଳାର ଆୟୋଜନ କରାଯାଉଛି। ଏନେଇ ୟୁସିପି ପଡ଼ିଆରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତ ବର୍ଷ ମେଳାକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଏଥିରେ ଭାରତର ୨୨ଟି ରାଜ୍ୟ ଏବଂ ୧୦ଟି ଭିନ୍ନ ଭିନ୍ନ ଦେଶରୁ ବ୍ୟବସାୟୀ ନିଜ ସାମଗ୍ରୀ ସହ ଅଂଶଗ୍ରହଣ କରିବେ। ୧ଲକ୍ଷରୁ ଊର୍ଦ୍ଧ୍ୱ କିସମର ସାମଗ୍ରୀକୁ ଗୋଟିଏ ସ୍ଥାନରେ ଦେଖିବାର ଓ ଉପଭୋଗ କରିବାର ସୁଯୋଗ ପାଇବେ ଦର୍ଶକ ଓ ଗ୍ରାହକ। ମେଳାରେ ପ୍ରଦର୍ଶିତ ହେବାକୁ ଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ସୋଫାସେଟ୍, ଡାଇନିଂ ସେଟ୍ ଓ ଝୁଲା ଆଦି କାଶ୍ମୀର ଫର୍ଣ୍ଣିଚର୍, ଆଫଗାନିସ୍ତାନର ୧୦୦ ପ୍ରକାରର




ଡ୍ରାଏଫ୍ରୁଟ୍, ଇରାନରୁ ଇରାନୀ ଖଜୁର, ଥାଇଲାଣ୍ଡର ଜୁଏଲାରୀ ଏବଂ ଫୁଟ ୱେର୍, ମହିଳାମାନଙ୍କ ପାଇଁ କୋରିଆନ୍ ଆଭୂଷଣ ଓ ଘରସଜ୍ଜା ସାମଗ୍ରୀ, ଭାରତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ, ପ୍ରାଚୀନ ଧାତୁ ଓ ଏଡି ପଥର ଅଳଙ୍କାର, ଇରାନୀ କାର୍ପେଟ୍, ସାରା ବିଶ୍ୱର ପ୍ରାଚୀନ ଧାତୁ ଏବଂ ପିତ୍ତଳ, ଦୁବାଇ ପୋଷାକ, ପ୍ରାଚୀନ ସାଜସଜ୍ଜା କାଷ୍ଠ ଫ୍ରେମ୍, ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶର ଚମଡ଼ା ପଦାର୍ଥ, ସିଙ୍ଗାପୁର ସାମଗ୍ରୀ, ଖଦୀ, ଭାଗଲପୁର, ପଞ୍ଜାବ, ବନାରସ, ଜୟପୁର, ବାଂଲାଦେଶ ଏବଂ ସମ୍ବଲପୁରର ପୋଷାକ ସହିତ ଶାଢ଼ୀ, ଚମ୍ପାରଣ ମଟନ୍, ଇଲୋକ୍ଟ୍ରନିକ୍ସ, ସୌନ୍ଦର୍ଯ୍ୟ ସାମଗ୍ରୀ ଓ ଉପଭୋକ୍ତା ସାମଗ୍ରୀର ହେବ ବିକ୍ରିବଟା।

ଚଳିତ ବର୍ଷ ମେଳାରେ ତଥା ବ୍ରହ୍ମପୁର ସହରରେ ପ୍ରଥମଥର ପାଇଁ ପ୍ରଦର୍ଶିତ ହେବାକୁ ଥିବା 'ଜଳପରି ଶୋ' ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଜଳପରୀ କାର୍ଯ୍ୟକ୍ରମ ଦେୟଯୁକ୍ତ ଥିବା ବେଳେ ଇଣ୍ଡୋନେସିଆ, ବର୍ଲି ଓ ଫିଲିପାଇନ୍ସ ଭଳି ଦେଶରୁ ଜଳପରୀ ଆସୁଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା, ପାୟଲ ଆଚାର୍ଯ୍ୟ ଗୁପ୍ତା, ଇଭେଣ୍ଟ ସଂଯୋଜକ ବୀର ବାହାଦୂର ସିଂ ଓ ଜଳପରୀ ମ୍ୟାନେଜର ମହମ୍ମଦ ଇମରାନ ଉପସ୍ଥିତ ଥିଲେ।

# ପଣ୍ଡୁ ନୃସିଂହଙ୍କ ଚାରିଆଶ୍ରମ ବିଜେ

ପୁରୀ,୪।୧୨(ସମିସ): ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଗୁରୁବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ପଣ୍ଡୁନୃସିଂହ ଶ୍ରୀକ୍ଷେତ୍ରର ଚାରିଆଶ୍ରମ ବିଜେ କରିଛନ୍ତି। ଶ୍ରୀମନ୍ଦିରରେ ସକାଳ ଧୂପ ବଢ଼ିବା ପରେ ପୁଷ୍ପାଳକ ସେବକମାନେ ଚତୁର୍ଦ୍ଧା ବିଗ୍ରହଙ୍କୁ ବେଶ କରାଇଥିଲେ। ମହାପ୍ରଭୁଙ୍କ ବାଡ଼ରେ ଖଣ୍ଡେ ଆଜ୍ଞାମାଳ ଲାଗି କରାଯାଇଥିଲା। ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଦକ୍ଷିଣୀ ଘରେ ଭୋଗ ସରିଥିଲା। ମହାଜନ ଦକ୍ଷିଣୀ ଘରୁ ପଣ୍ଡୁ ନୃସିଂହଙ୍କୁ ରତ୍ନସିଂହାସନକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରାଇଥିଲେ। ଏହାପରେ ନୃସିଂହ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ ହୋଇଥିଲେ। ରୁନ୍ଧା ବଢ଼ିବା ପରେ ବିମାନବଡୁ ସେବକମାନେ ବିମାନକୁ ସିଂହଦ୍ୱାର ଦେଇ ଶ୍ରୀକ୍ଷେତ୍ରର ପ୍ରାଚୀନ ୪ ଆଶ୍ରମ (ଅଙ୍ଗିରା, କଣ୍ଡୁ, ମାର୍କଣ୍ଡ ଓ ଭୃଗୁ)କୁ ବିଜେ କରାଇଥିଲେ। ସେଠାରେ ଶୀତଳ ଭୋଗ, ବନ୍ଦାପନା ନୀତି ଅନୁଷ୍ଠିତ ହେବା ପରେ ନୃସିଂହ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସ୍ୱୟଂ ବିଘ୍ନହର୍ତ୍ତା ଶ୍ରୀନୃସିଂହ ଆଶ୍ରମସ୍ଥ ଋଷିମାନଙ୍କର ବିଘ୍ନ ହରଣ କରିବାକୁ ଯାଇଥାନ୍ତି ବୋଲି ବିଶ୍ୱାସ ରହିଛି।

# କିଟ୍‌କୁ 'ବେଷ୍ଟ ଇମର୍ଜିଂ ୟୁନିଭର୍ସିଟି' ପୁରସ୍କାର




ଭୁବନେଶ୍ୱର, ୪।୧୨ (ସମିସ): ପୁଡୁଚେରୀରେ ଅନୁଷ୍ଠିତ ୫୫ତମ ଇଣ୍ଡିଆନ୍ ସୋସାଇଟି ଫର୍ ଟେକ୍ନିକାଲ୍ ଏଜୁକେସନ୍(ଆଇଏସ୍‌ଟିଇ) ଜାତୀୟ ଅଧ୍ୟାପକ ସମ୍ମିଳନୀରେ କିଟ୍ ବିଶ୍ୱବିଦ୍ୟାଳୟକୁ ଶ୍ରେଷ୍ଠ ଉଦୀୟମାନ ବିଶ୍ୱବିଦ୍ୟାଳୟ (ବେଷ୍ଟ ଇମର୍ଜିଂ ୟୁନିଭର୍ସିଟି) ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନ ଭାରତର ସବୁଠାରୁ କ୍ରିୟାଶୀଳ ଶିକ୍ଷାନୁଷ୍ଠାନ ମଧ୍ୟରୁ ଗୋଟିଏ ଭାବେ କିଟ୍ ବିଶ୍ୱବିଦ୍ୟାଳୟର ନିରନ୍ତର ବୃଦ୍ଧିକୁ ସୂଚାଉଛି। ଦୀର୍ଘ ବର୍ଷ ଧରି କିଟ୍ ଶୈକ୍ଷିକ ଉତ୍କର୍ଷତା, ଅନ୍ତର୍ଭୁକ୍ତୀମୂଳକ ଅଭିବୃଦ୍ଧି, ସଂପ୍ରଦାୟ ସେବା ଓ ସ୍ଥାୟୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତା ପାଇଁ ପ୍ରଶଂସା ଅର୍ଜନ କରି ମୂଲ୍ୟବୋଧ ଓ ସାମାଜିକ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇ ଆସିଛି। ବୈଷୟିକ ଶିକ୍ଷା ଓ ପ୍ରତିଷ୍ଠାନ ବିକାଶରେ କିଟ୍‌ର ଅବଦାନକୁ ସ୍ୱୀକୃତି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଇଏସଟିଇକୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏହାସହ ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠାର ସହ ଏହି ସଫଳତାକୁ ସମ୍ଭବ କରିଥିବାରୁ ଶ୍ରୀ ସାମନ୍ତ କିଟ୍‌ର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ଦୀର୍ଘଦିନରୁ ଅଟକିଥିବା କାମ ପୂରା ହେବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଉଧାର ଟଙ୍କା ଫେରିପାଇବେ।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ। କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ଭାବିଚିନ୍ତି କାମ କରନ୍ତୁ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। ପାରିବାରିକ ଜୀବନ ସୁଖମୟ ହେବ। ପିଲାଙ୍କ ବଦମାସ ସ୍ୱଭାବରେ ପିତାମାତା ବିରକ୍ତି ହୋଇପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବନ୍ଧୁଙ୍କ ସହଯୋଗ ମିଳିପାରେ। ମହିଳାମାନେ ପିଲାଙ୍କ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ। ଅବିବାହିତଙ୍କ ପାଇଁ ଉତ୍ତମ ପ୍ରସ୍ତାବ ଆସିପାରେ।

**କନ୍ୟା:** ଅଚାନକ ଖୁସି ଖବର ପାଇପାରନ୍ତି। ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନୂତନ ଯାନବାହନ କିଣିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଜମି ତଥା ଯାନବାହନ କିଣିପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ଆଳସ୍ୟ ଅନୁଭବ କରିପାରନ୍ତି। ପ୍ରେମରେ ବିଫଳ ହୋଇପାରନ୍ତି।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିପାରନ୍ତି।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତୁ। ଭବିଷ୍ୟତ ପାଇଁ ଚିନ୍ତା ବଢ଼ିବ। ନୂଆ ଯୋଜନା କରିପାରନ୍ତି। ବନ୍ଧୁଙ୍କ ସହ ଦୂରଯାତ୍ରା କରିପାରନ୍ତି। ଆଶା ପୂରଣ ହେବ।

**ମୀନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଧାର କରଜରୁ ଦୂରେଇ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଦୀର୍ଘ ଦିନରୁ ଲାଗିରହିଥିବା ପାରିବାରିକ ସମସ୍ୟାର ସମାଧାନ ହେବ।

## ଆଜିର ଇତିହାସ

- ୧୯୪୬- ଭାରତରେ ହୋମଗାର୍ଡ ସଂଗଠନର ସ୍ଥାପନା।
- ୧୯୭୧: ଭାରତ ବାଂଲାଦେଶକୁ ଦେଶ ଭାବେ ମାନ୍ୟତା ପ୍ରଦାନ କଲା।
- ୧୯୯୯- ଯୁକ୍ତା ମୁଖୀ ବିଶ୍ୱ ସୁନ୍ଦରୀ ଟାଇଟଲ୍ ଜିତିଲେ।
- ୨୦୧୩- ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲ୍‌ସନ ମଣ୍ଡେଲାଙ୍କ ପରଲୋକ।
- ୨୦୧୬- ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ନିଧନ।




# ବିଶ୍ୱ ମୃତ୍ତିକା ଦିବସ

ମାଟି ବିନା ଜୀବ ଜଗତର କଳ୍ପନା ଅସମ୍ଭବ। ମାଟି ସହ ମଣିଷ ଓତଃପ୍ରୋତ ଭାବେ ଜଡ଼ିତ। ମାଟିରୁ ଆମକୁ ୯୫ ପ୍ରତିଶତ ଖାଦ୍ୟ ମିଳେ । ମାଟି ରହିଲେ ହିଁ ଇକୋସିଷ୍ଟମରେ ସମନ୍ୱୟ ସମ୍ଭବ । ମୃତ୍ତିକା ସଂରକ୍ଷଣ ଦିଗରେ ସଚେତନତା ସୃଷ୍ଟି ପାଇଁ ଖାଦ୍ୟ ଓ ଶସ୍ୟ ସଂଗଠନ (FAO) ପକ୍ଷରୁ ପ୍ରତିବର୍ଷ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରାଯାଏ । ମୃତ୍ତିକାର ଜୈବିକ ଗୁଣକୁ ବଜାୟ ରଖି ଚାଷୀ କିପରି ଉନ୍ନତ ମାନର ଚାଷ କାର୍ଯ୍ୟ କରିପାରିବ ଏହାହିଁ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଜଳ ବିନା ମଣିଷ ଜୀବନର କଳ୍ପନା ଅସମ୍ଭବ ସେହିପରି ମାଟି ବା ମୃତ୍ତିକା ବିନା ମଧ ଜୀବନର କଳ୍ପନା କରାଯାଇ ପାରିବ ନାହିଁ । ଆଜିର ଦିନରେ କିଭଳି ମୃତ୍ତିକା ପ୍ରଦୂଷଣକୁ ରୋକାଯାଇ ପାରିବ ଏହି ବିଷୟରେ ଲୋକଙ୍କୁ ସଚେତନ କରାଇବା ପାଇଁ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି। ଭାରତ ଏକ କୃଷି ପ୍ରଧାନ ଦେଶ । ସେଥିପାଇଁ ମୃତ୍ତିକାର ସୁରକ୍ଷା ନିହାତି ଜରୁରି । ବର୍ତ୍ତମାନ ସମୟରେ ଚାଷୀମାନେ ଅଧିକ ଚାଷ ପାଇଁ ଆଧୁନିକ ଶୈଳୀକୁ ଆପଣାଇଥାନ୍ତି । ଏଥିପାଇଁ ସେମାନେ କୃଷି କାର୍ଯ୍ୟରେ ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକ ଆଦି ବ୍ୟବହାର କରୁଛନ୍ତି। ଏହାଦ୍ୱାରା ମାଟିର ଉର୍ବରତା ହ୍ରାସ ପାଉଛି। ଏହାର ପ୍ରଭାବ ସମସ୍ତ ମାନବଜାତି ଏବଂ ପଶୁପକ୍ଷୀଙ୍କ ଉପରେ ପଡୁଛି । ଏହାକୁ ରୋକିବା ଉଦ୍ଦେଶ୍ୟରେ ଏହି ଦିନକୁ ପାଳନ କରାଯାଏ। ୨୦୧୩ ମସିହା ୨୦ ଡିସେମ୍ବରରେ ସଂଯୁକ୍ତ ରାଷ୍ଟ୍ରର ଖାଦ୍ୟ ଓ କୃଷି ସଂଗଠନ ୫ ଡିସେମ୍ବରକୁ 'ବିଶ୍ୱ ମୃତ୍ତିକା ଦିବସ' ରୂପେ ପାଳନ କରିବାପାଇଁ ନିଷ୍ପତ୍ତି ନେଇଥିଲେ।

ଏହି ସଂଗଠନର ପ୍ରସ୍ତାବକ୍ରମେ ୨୦୧୩ରେ ଜାତିସଂଘର ସାଧାରଣ ପରିଷଦ ଏହାକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିଥିଲା ଏବଂ ୨୦୧୪ ଡିସେମ୍ବର ୫ରେ ପ୍ରଥମ ମୃତ୍ତିକା ଦିବସ ପାଳନ କରାଯାଇଥିଲା। ପ୍ରାକୃତିକ ପ୍ରକ୍ରିୟାରେ ଶୀଳାର ଅବକ୍ଷୟ ହୋଇ କାଳକ୍ରମେ ଏହା ମାଟିରେ ପରିଣତ ହୋଇଥାଏ। ମାତ୍ର ଏକ ଇଞ୍ଚ ମାଟି ସୃଷ୍ଟି କରିବା ପାଇଁ ୧୦୦୦ ବର୍ଷରୁ ଅଧିକ ବର୍ଷ ସମୟ ଲାଗିଥାଏ। ଭୂପୃଷ୍ଠ ଉପରେ ନରମ ହାଲୁକା ଆସ୍ତରଣକୁ ମୃତ୍ତିକା କୁହାଯାଏ। ଜୀବନ ପାଇଁ ମାଟିର ଅବଦାନ ବହୁ ଗୁରୁତ୍ୱପୂର୍ଣ୍ଣ। ଏଥପାଇଁ ମାଟିକୁ ମା' ସହ ତୁଳନା କରାଯାଏ। ମନୁଷ୍ୟର ମୌଳିକ ଆବଶ୍ୟକତା ଯେପରିକି ଖାଦ୍ୟ , ବସ୍ତ୍ର, ବାସଗୃହ ଆଦିର ପ୍ରଧାନ ଉତ୍ସ ଭାବେ ମୃତ୍ତିକାକୁ ଧରାଯାଏ। ତେଣୁ ମୃତ୍ତିକାର ସଂରକ୍ଷଣ ନିହାତି ଆବଶ୍ୟକ । ନଚେତ ଜୀବ ଜଗତର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ ଏଥିରେ ସନ୍ଦେହ ନାହିଁ।

# ଫାଇଟର୍ ପାଇଲଟ୍ ଭୂମିକାର ରଣବୀର-ଭିକି

ଚଳିତବର୍ଷ ସବୁଠୁ ଚର୍ଚ୍ଚିତ ଫିଲ୍ମ ମଧ୍ୟରେ ସଞ୍ଜୟ ଲୀଳା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍' ରହିଛି। ଫିଲ୍ମଟି ସାମାଜିକ ଗଣମାଧ୍ୟମରେ ମଧ ବେଶ୍ ଚର୍ଚ୍ଚାରେ ରହିଛି। ଇତିମଧ୍ୟରେ ସୁଟିଂ ସେଟ୍‌ରୁ ରଣବୀର କପୁର ଓ ଭିକି କୌଶଳଙ୍କର ଏକ ଭିଡିଓ ଭାଇରାଲ ହୋଇଛି। ଭାଇରାଲ ହୋଇଥିବା ଭିଡିଓରେ ରଣବୀର ଓ ଭିକି ଏୟାରଫୋର୍ସ ୟୁନିଫର୍ମରେ ନଜର ଆସିଛନ୍ତି। ସେମାନଙ୍କ ପଛପଟରେ MiG-21 ଫାଇଟର ଜେଟ୍ ରହିଛି। ତେବେ ରଣବୀର ଓ ଭିକିଙ୍କ ଲୁକ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଏଥିରୁ ରଣବୀର ଓ ଭିକି ଫିଲ୍ମରେ ପାଇଲଟ୍ ଭୂମିକାରେ ଅଭିନୟ କରିବେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ସଞ୍ଜୟ ଏହି ଫିଲ୍ମର ସୁଟିଂ ଆସନ୍ତା ମାର୍ଚ୍ଚ ସୁଦ୍ଧା ସାରିବାକୁ ଚାହୁଁଛନ୍ତି। ସେ ସ୍ୱାଧୀନତା ଦିବସ ଅବସରରେ ଏହି ଫିଲ୍ମଟିକୁ ରିଲିଜ୍ କରିବାକୁ ଯୋଜନା କରିଛନ୍ତି। ଏଥିରେ ରଣବୀର ଓ ଭିକିଙ୍କ ସହ ଆଲିଆ ଭଟ୍ଟ ଲିଡ୍ ରୋଲରେ ନଜର ଆସିବେ। ୨୦୦ କୋଟିର ବଜେଟ୍‌ର ନିର୍ମିତ ଏହି ଫିଲ୍ମ ଯୁଦ୍ଧ ପୃଷ୍ଠଭୂମିରେ ଗଢ଼ି ଉଠିଥିବା ଏକ ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ।



## ଅଜବ ପରମ୍ପରା

# ବିବାହ ଦିନ ଲଣ୍ଡା ହୁଏ କନିଆ



ବିବାହକୁ ନେଇ ପ୍ରତ୍ୟେକ ସମାଜରେ ଭିନ୍ନ ଭିନ୍ନ ରୀତିନୀତି ରହିଛି। ଏହି କ୍ରମରେ ଚୀନ୍‌ର ଲାହୁ ଜନଜାତିରେ ବିବାହ ଦିନ କନିଆ ଲଣ୍ଡା ହେବା ପରମ୍ପରା ରହିଛି। ଏହି ରୀତିନୀତି କେବଳ ଏକ ପରମ୍ପରା ନୁହେଁ, ବରଂ ଏହା ସେମାନଙ୍କ ପରିଚୟ, ସମର୍ପଣ ଏବଂ ଜୀବନ-ମୃତ୍ୟୁ ସହ ଗଭୀର ଦର୍ଶନ ସହିତ୍ ଜଡ଼ିତ ବୋଲି ଏହି ଜନଜାତିର ଲୋକେ କୁହନ୍ତି। ଚୀନ୍‌ର ଦକ୍ଷିଣ-ପଶ୍ଚିମ ପ୍ରାନ୍ତରେ ଏହି ଜନଜାତି ବସବାସ କରନ୍ତି। ଏମାନଙ୍କ ଜନସଂଖ୍ୟା ୫ ଲକ୍ଷ ହେବ। ସ୍ଥାନୀୟ ଭାଷାରେ ଲାହୁ ଶବ୍ଦର ଅର୍ଥ ହେଉଛି ବାଘ। ଏହି ଜନଜାତିରେ ବିବାହ ଦିନ କନିଆ ଲଣ୍ଡା ହୋଇଥାଏ। ଏଠାରେ ପ୍ରଚଳିତ ଲୋକବିଶ୍ୱାସ ଅନୁସାରେ, ଏହା ପୁରୁଣା ଜୀବନକୁ ବିଦାୟ ଦେଇ ଏକ ନୂଆ ଜୀବନର ଆରମ୍ଭକୁ ସୂଚାଇଥାଏ। କନିଆ ଲଣ୍ଡା ହେବା ଦ୍ୱାରା ଜୀବନସାଥୀ ପ୍ରତି ସେ ପୂର୍ଣ୍ଣଭାବେ ସମର୍ପିତ ବୋଲି ଏହା ସୂଚାଇଥାଏ। ଏହାକୁ ପବିତ୍ରତାର ପ୍ରତୀକ ଭାବେ ମଧ ଦେଖାଯାଏ। ତେବେ ଆଗରୁ ଲାହୁ ସମ୍ପ୍ରଦାୟରେ ଉଭୟ ପୁରୁଷ ଏବଂ ମହିଳା ଉଭୟଙ୍କୁ ବିବାହ ପୂର୍ବରୁ ଲଣ୍ଡା କରାଯାଉଥିଲା। ଏହା ସେମାନଙ୍କ ପରିଚୟର ପ୍ରତୀକ ଥିଲା। ଏଭଳି କରି ସେମାନେ ସେମାନଙ୍କ ସଂସ୍କୃତି ପରମ୍ପରାକୁ ନେଇ ଗର୍ବ ଅନୁଭବ କରୁଥିଲେ। ଜନ୍ମ ଏବଂ ମୃତ୍ୟୁ ପରସ୍ପର ପରିପୂରକ। ଜୀବନର ଶେଷ ସମୟ ଜନ୍ମ ଭଳି ପବିତ୍ର ବୋଲି ଏହି ଜନଜାତିର ଲୋକେ ଭାବନ୍ତି। ସେଥିପାଇଁ ଏହି ଜନଜାତିରେ କାହାର ମୃତ୍ୟୁ ହେଲେ, ଅନ୍ତିମ ସଂସ୍କାରରେ ଦମ୍ପତିଙ୍କୁ ଏକାଠି ଆସିବା ବାଧ୍ୟତାମୂଳକ। ବିଶ୍ୱାସ ରହିଛି ଯେ, ଯଦି ଜଣେ ସାଥି ବିନା ଅନ୍ତିମ ସଂସ୍କାରରେ ଯୋଗ ଦେଉଛନ୍ତି ତେବେ ସେ ନକାରାତ୍ମକ ଶକ୍ତି ଦ୍ୱାରା ପ୍ରଭାବିତ ହୋଇପାରନ୍ତି। ଦମ୍ପତି ଏକାଠି ସାଥି ହୋଇ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଦ୍ୱାରା ଏହା ସନ୍ତୁଳନ ଏବଂ ସୁରକ୍ଷାର ପ୍ରତୀକ ହୋଇଥାଏ। ୧୯୫୦ ମସିହା ପରେ ଲାହୁ ସମ୍ପ୍ରଦାୟର ଲୋକେ ସେମାନଙ୍କ ନିୟମରେ କିଛି ପରିବର୍ତ୍ତନ ଆଣିଥିଲେ । ଏବେ ଯଦିଓ ଅବିବାହିତ ମହିଳାଙ୍କୁ କେଶ ବଢ଼ାଇବାକୁ ଅନୁମତି ରହିଛି, କିନ୍ତୁ ବିବାହ ଦିନ ଲଣ୍ଡା ହେବା ପରମ୍ପରା ଆଜି ବି ବଜାୟ ରହିଛି। ଏହି ପ୍ରଥା କେବଳ ଧାର୍ମିକ ନୁହେଁ, ବରଂ ସଂସ୍କୃତି, ସମ୍ମାନ ଏବଂ ପରିଚୟର ପ୍ରତୀକ ବୋଲି ଏଠାକାର ଲୋକେ ବିଶ୍ୱାସ କରନ୍ତି।





# କର୍କଟର ନୂତନ ଚିକିତ୍ସା ଟାର୍ଗେଟେଡ୍ ଥେରାପି

**ଆମ ଶରୀରର ପ୍ରତ୍ୟେକ ଜୀବକୋଷ ଏକ ନିର୍ଦ୍ଦିଷ୍ଟ ସମୟରେ ବଢ଼େ। ନଷ୍ଟ ହୋଇଥାଏ। ମାତ୍ର ଶରୀର କୋଷ ଗୁଡ଼ିକର ଅନିୟନ୍ତ୍ରିତ ଅଭିବୃଦ୍ଧିକୁ କର୍କଟ କୁହାଯାଏ। ଦେଶରେ ଗତ କିଛି ବର୍ଷ ମଧ୍ୟରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ କର୍କଟ ଦେଖାଯାଉଛି। କର୍କଟ କୋଷକୁ ନଷ୍ଟ କରିବାକୁ କେମୋ ଥେରାପି, ରେଡିଓ ଥେରାପି, ବ୍ରାକି ଥେରାପି ଆଦି ଦିଆଯାଇଥାଏ। ଏହି କ୍ରମରେ କର୍କଟ ପାଇଁ ଟାର୍ଗେଟେଡ୍ ଥେରାପି ମଧ ବେଶ ପ୍ରଭାବୀ।**



ଟାର୍ଗେଟେଡ୍ ଥେରାପି ଏକ ଉନ୍ନତ ଚିକିତ୍ସା ପଦ୍ଧତି। କେମୋଥେରାପିଠାରୁ ଏହା ପୂରା ଭିନ୍ନ। ଏହି ଥେରାପି କର୍କଟ କୋଷରେ ବିଶିଷ୍ଟ ଆନୁବଂଶିକ ତଥା ମ୍ୟୁଟେସନ୍ ପରିବର୍ତ୍ତନକୁ ଲକ୍ଷ୍ୟ କରିଥାଏ। ଏହା ସୁସ୍ଥ କୋଷକୁ ବିଶେଷ କ୍ଷତି ପହଞ୍ଚାଏ ନାହିଁ। କେବଳ କର୍କଟ କୋଷରେ ଥିବା ସ୍ୱତନ୍ତ୍ର ପ୍ରୋଟିନ୍ ବା ଅଣୁକୁ ନଷ୍ଟ କରିବାରେ ଏହା ସାହାଯ୍ୟ କରିଥାଏ। ଟାର୍ଗେଟେଡ୍ ଥେରାପିରେ ସ୍ୱତନ୍ତ୍ର ପ୍ରକାର ଔଷଧ ବ୍ୟବହାର କରାଯାଏ। ଯାହା ଫଳରେ କର୍କଟ ବୃଦ୍ଧି କରୁଥିବା କୋଷର ବିକାଶ ଧୀମା ହୋଇଥାଏ। ଜାତୀୟ କର୍କଟ ସଂସ୍ଥାର ରିପୋର୍ଟ ଅନୁସାରେ, ଟାର୍ଗେଟେଡ୍ ଥେରାପି ଯୋଗୁଁ ୨୦ରୁ ୨୪% ରୋଗୀଙ୍କ ବୟସ ୫ ବର୍ଷ ଯାଏଁ ବୃଦ୍ଧି ହୋଇପାରେ। ଟାର୍ଗେଟେଡ୍ ଥେରାପି ଟ୍ୟୁମରକୁ ରକ୍ତ ଯୋଗାଣରେ ହସ୍ତକ୍ଷେପ କରି ବୃଦ୍ଧି ହେବାକୁ ଦିଏନି। ଶରୀରକୁ ନିଜସ୍ୱ ପ୍ରତିରକ୍ଷା ପ୍ରଣାଳୀକୁ କର୍କଟ ସହିତ ଲଢ଼େଇ କରିବାରେ ସାହାଯ୍ୟ କରେ।

ବିଶେଷ କରି ଗମ୍ଭୀର କର୍କଟ ରୋଗରେ ଏହି ଥେରାପି ଦିଆଯାଇଥାଏ। ପାରମ୍ପରିକ ଥେରାପି ତୁଳନାରେ ଏଥିରେ କମ୍ ପାର୍ଶ୍ୱପ୍ରତିକ୍ରିୟା ହୋଇଥାଏ। ଟାର୍ଗେଟେଡ୍ ଥେରାପି ନେବା ଦ୍ୱାରା ରୋଗୀ ବହୁତ ଶୀଘ୍ର ଆରୋଗ୍ୟ ଲାଭ କରନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କେମୋ ଥେରାପି ସହିତ ଟାର୍ଗେଟେଡ୍ ଥେରାପି ମଧ ନିଆଯାଇ ପାରିବ।



## କୋଲେଷ୍ଟ୍ରଲକୁ ନିୟନ୍ତ୍ରିତ ରଖେ

# ହଳଦିଆ ଡ୍ରାଗନ୍‌ଫ୍ରୁଟ୍

**ଡ୍ରାଗନଫ୍ରୁଟ୍ ଭିଟାମିନ୍ ବି୬, ବି୯, ଇ, କେ , ଫାଇବର ଏବଂ ଆଣ୍ଟି ଅକ୍ସିଡାଣ୍ଟରେ ଭରପୂର। ସ୍ୱାସ୍ଥ୍ୟ ପାଇଁ ଏହା ବହୁତ ଉପକାରୀ। ଲାଲ୍ ଡ୍ରାଗନଫ୍ରୁଟ୍ ପରି ହଳଦିଆ ଡ୍ରାଗନଫ୍ରୁଟ କୋଲେଷ୍ଟ୍ରଲ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ।**

- ହଳଦିଆ ଡ୍ରାଗନଫ୍ରୁଟ୍‌ରେ ଥିବା ଫାଇବର କ୍ଷତିକାରକ କୋଲେଷ୍ଟ୍ରଲ (ଏଲ୍‌ଡିଏଲ୍) କୁ କମ୍ କରେ। ଭଲ କୋଲେଷ୍ଟ୍ରଲ (ଏଚ୍‌ଡିଏଲ୍) ସ୍ତର ନିୟନ୍ତ୍ରଣରେ ରଖିପାରେ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ହୃଦୟକୁ ସୁସ୍ଥ ରଖିବା ସହ ରକ୍ତସଫା କରିପାରେ। ଏପରିକି ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍ ଆଶଙ୍କାକୁ କମ୍ କରେ ।
- ଏଥିରେ କମ୍ କ୍ୟାଲୋରୀ ଏବଂ ଫାଇବର ଥିବାରୁ ଏହା ଓଜନ ନିୟନ୍ତ୍ରଣରେ ସାହାଯ୍ୟ କରେ। ପାଚନତନ୍ତ୍ରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। କୋଷ୍ଠକାଠିନ୍ୟ ଦୂର କରେ।
- ଏହି ଫଳରେ ଥିବା ଭିଟାମିନ୍ ସି ଶରୀରର ରୋଗପ୍ରତିରୋଧକ କ୍ଷମତାକୁ ମଜଭୁତ କରେ। ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିଥାଏ। ଜଳୀୟଅଂଶ ପୂରା କରିବାରେ ବେଶ୍ ସହାୟକ ହୋଇଥାଏ।



# ମାଢ଼ି ରୋଗକୁ ଅଣଦେଖା କଲେ ବିପଦ

**ମୁଖ ଗହ୍ୱରର ସ୍ୱଚ୍ଛତା ଦାନ୍ତ, ମାଢ଼ି ତଥା ଶରୀରକୁ ସୁସ୍ଥ ରଖିପାରେ। ସୁସ୍ଥ ମାଢ଼ି ଶକ୍ତ ଦାନ୍ତର ଭିତ୍ତିଭୂମି। ଏବେ କିନ୍ତୁ ମାଢ଼ି ରୋଗ ସାଧାରଣ ରୋଗ ଭାବେ ଉଭା ହୋଇଛି। ଲକ୍ଷଣବିହୀନ ଅବସ୍ଥା ଯାହା ଦନ୍ତ କ୍ଷୟ, ମଧୁମେହ, ହୃଦ୍‌ରୋଗ ଏବଂ ଗର୍ଭଧାରଣରେ ଜଟିଳତା ଭଳି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେଣୁ ମାଢ଼ି ରୋଗ ସହ ଜଡ଼ିତ କାରଣ ଏବଂ ବିପଦକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ। ପ୍ରାରମ୍ଭିକ ଚିହ୍ନଟ ଜଟିଳତାର ଆଶଙ୍କାକୁ ହ୍ରାସ କରିଥାଏ।**

**କାରଣ ଏବଂ ବିପଦ କାରକ:** ପ୍ଲାକ୍ ଜମିବା ମାଢ଼ି ରୋଗର ମୁଖ୍ୟ କାରଣ। ଏହାର ଚିକିତ୍ସା ନ କରାଗଲେ, ଏହା ଟାର୍ଟାରରେ ପରିଣତ ହୁଏ। ମାଢ଼ିରେ ସମସ୍ୟା ସୃଷ୍ଟି କରି ଜିଞ୍ଜିଭାଇଟିସ୍ ଏବଂ ଶେଷରେ ପିରିଓଡ଼ଂଟାଇଟିସ୍ ସୃଷ୍ଟି କରେ। ମାଢ଼ି ରୋଗ ବିପଦ କାରକ ମଧ୍ୟରେ ଧୂମପାନ, ମଧୁମେହ, ଏବଂ ଖରାପ ମୁଖ ସ୍ୱଚ୍ଛତା ରହିଛି। ଜିଞ୍ଜିଭାଇଟିସ୍ ମାଢ଼ି ରୋଗର ପ୍ରାରମ୍ଭିକ ଅବସ୍ଥା ଯାହା ପ୍ରଦାହ, ରକ୍ତସ୍ରାବ ଏବଂ ଫୁଲିଯାଇଥିବା ମାଢ଼ିରୁ ଜଣାପଡ଼ିଥାଏ। ଏହା ମାଢ଼ି ରୋଗର ଗମ୍ଭୀର ରୂପ ନେଇ ଦନ୍ତକ୍ଷୟ, ସଂକ୍ରମଣ, ଦନ୍ତ ହାଡ଼ କ୍ଷୟ ସମସ୍ୟା ସୃଷ୍ଟି କରିପାରେ। ମଧୁମେହ ମଧ ମାଢ଼ି ରୋଗର ଆଶଙ୍କା ବଢ଼ାଏ। ସେହିରି ବଂଶାନୁକ୍ରମିକ ପ୍ରବୃତ୍ତି କେତେକ ବ୍ୟକ୍ତିଙ୍କ ମଧ୍ୟରେ ଏହାର କାରଣ ହୁଏ।

**ଆୟୁର୍ବେଦିକ ଉପଚାର:** ଲବଙ୍ଗ ଏବଂ ନିମ ଭଳି ଉପାଦାନରେ ଜୀବାଣୁ ବିରୋଧୀ ଏବଂ ପ୍ରଦାହ ବିରୋଧୀ ଗୁଣ ଅଛି। ଏହା ମାଢ଼ି ରୋଗରୁ ସୁରକ୍ଷା ଦିଏ। ଲବଙ୍ଗର ଯନ୍ତ୍ରଣା ନିବାରକ ଗୁଣ ପ୍ରଦାହକୁ ଶାନ୍ତ କରେ। ନିମ ଜୀବାଣୁ ବୃଦ୍ଧିକୁ ରୋକିପାରେ। ଲବଙ୍ଗ ଓ ନିମରୁ ପ୍ରସ୍ତୁତ ଆୟୁର୍ବେଦିକ ପେଷ୍ଟ ମାଢ଼ିକୁ ସୁସ୍ଥ ରଖେ।

**ପ୍ରତିରୋଧ ପାଇଁ ଉପାୟ:** ପରୀକ୍ଷିତ ଆୟୁର୍ବେଦ ପେଷ୍ଟରେ ପ୍ରତିଦିନ ବ୍ରସ୍ କରିବା ଏବଂ ପ୍ଲାକ୍ ଦୂର ପାଇଁ ଫ୍ଲସିଂ କରିବା ଜରୁରି। ମାଢ଼ିର ଧାର ସଫା କରିବା ସହ ସଠିକ୍ ବ୍ରସିଂ କୌଶଳ ଆବଶ୍ୟକ। ଯେଉଁଠି ଟୁଥବ୍ରସ୍ ପହଞ୍ଚି ପାରେନି, ସେଠାରେ ଫ୍ଲସିଂ ଦାନ୍ତ ମଧ୍ୟରୁ ପ୍ଲାକ୍ ଦୂର କରେ। ନିୟମିତ ଦନ୍ତ ଚେକଅପ୍ ଜରୁରି। ଏହା ଟାର୍ଟାର ଜମାକୁ ଦୂର କରିବା ସହ ଦନ୍ତଚିକିତ୍ସକଙ୍କୁ ମାଢ଼ି ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରେ। ମାଢ଼ିର ସୁସ୍ଥତା ପାଇଁ ସନ୍ତୁଳିତ ଖାଦ୍ୟ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ। ଫଳ ଏବଂ ଶାଗ ଖାଦ୍ୟ ମାଢ଼ି ତନ୍ତୁ ପାଇଁ ଜରୁରି ପୋଷକ ଯୋଗାଏ। ମାଢ଼ି ସଂକ୍ରମଣ ରୋକିବାକୁ ହର୍ବାଲ୍ ମାଉଥୱାସ୍ ବ୍ୟବହାର କରିପାରିବେ। ଧୂମପାନ ଏବଂ ମଦ୍ୟପାନ ଛାଡ଼ିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଡାକ୍ତର ସୋନିଆ ଦତ୍ତା
ଦନ୍ତ ବିଶେଷଜ୍ଞ

## ସୂର୍ଯ୍ୟକିରଣ ଅଭାବ ପୂରା କରିବ

# ଭିଟାମିନ୍-ଡି' ଡ୍ରପ୍

**ଶୀତଋତୁରେ ଥଣ୍ଡାରୁ ସୁରକ୍ଷା ପାଇବାକୁ ଲୋକେ ଶୀତ ପୋଷାକ ବ୍ୟବହାର କରନ୍ତି। କୋଠରିରେ ଘଣ୍ଟା ଘଣ୍ଟା ରୁହନ୍ତି। ଏହା ଦ୍ୱାରା ପ୍ରାକୃତିକ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସି ପାରନ୍ତିନି। ଫଳରେ ଶରୀରରେ ଭିଟାମିନ୍ -ଡି'ର ଅଭାବ ହୁଏ। ଭିଟାମିନ୍-ଡି' ଅଭାବ ପୂରଣ କରିବାକୁ ଡି୩ ସପ୍ଲିମେଣ୍ଟ ସେବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।**

ଭିଟାମିନ୍ -ଡି' ଅସ୍ଥିକୁ ଶକ୍ତ କରିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ପ୍ରାକୃତିକ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆମ ଚର୍ମ ଆସିଲେ, ନିର୍ଦ୍ଦିଷ୍ଟ କୋଷଗୁଡିକ ଭିଟାମିନ୍-ଡି' କଣିକା ତିଆରି କରିଥାନ୍ତି। ହେଲେ ଆଧୁନିକ ଜୀବନଶୈଳୀ ତଥା ଶୀତଋତୁରେ ବନ୍ଦ କୋଠରିରେ ଏ.ସିରେ ରହିବା, ଭିଟାମିନଯୁକ୍ତ ଖାଦ୍ୟ ନ ଖାଇବା, ସୂର୍ଯ୍ୟକିରଣ ସଂସ୍ପର୍ଶରେ ନ ଆସିବା ଆଦି କାରଣରୁ ଥକ୍କାପଣ, ଅଳସୁଆ, ସମସ୍ୟା ଦେଖାଦିଏ। ତେଣୁ ଖାଦ୍ୟପେୟରେ ଭିଟାମିନ୍-ଡି'ଯୁକ୍ତ ଖାଦ୍ୟ ଯଥା ସାଲମନ୍, ଟୁନା, ଅଣ୍ଡାର ଧଳା ଅଂଶ, ପ୍ରାମାଣିକ ଦୁଗ୍ଧ ଆଦି ସାମିଲ କରି ପାରିବେ। ୨୦ରୁ ୩୦ ମିନିଟ୍ କଅଁଳିଆ ଖରାରେ ସମୟ ବିତାଇବା ଆବଶ୍ୟକ।

**ନାନୋଡ୍ରପ୍ ସପ୍ଲିମେଣ୍ଟ:** ଭିଟାମିନ୍-ଡି' ମାତ୍ରାଧିକ ଅଭାବ ଥିଲେ ଡି୩ (କୋଲେକାଲ୍‌ସିଫେରଲ) ସପ୍ଲିମେଣ୍ଟ ସାହାଯ୍ୟ ନେଇ ପାରିବେ।



ନାନୋଡ୍ରପ୍ ରୂପେ ଆସୁଥିବା ସପ୍ଲିମେଣ୍ଟ ପ୍ରଭାବୀ। ଏହା ଶର୍କରାମୁକ୍ତ। ମଧୁମେହରେ ପୀଡ଼ିତ ଏହାକୁ ଖାଇପାରିବେ। ଏହାକୁ ସଠିକ ମାତ୍ରାରେ ବ୍ୟବହାର କଲେ ଅସ୍ଥି ଶକ୍ତ ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିପାଏ।

### ୪ ଦିନ ପରେ ବାରବାଟୀ ଟି-୨୦ ମୁକାବିଲା

# ଆଜିଠାରୁ କାଉଣ୍ଟରରେ ଟିକଟ ବିକ୍ରି

**ସକାଳ ୯ଟାରେ ଖୋଲିବ 'ବକ୍ସ ଅଫିସ୍'**

**ମାତ୍ର ୧୦,୦୦୦ ଟିକଟ ବିକ୍ରୟ ହେବ**

**ଚାହିଦାରେ ଗ୍ୟାଲେରୀ ନଂ-୧ ଓ ୩ ଟିକଟ୍**

**ଅଗ୍ନିନିରାପତ୍ତାକୁ ଗୁରୁତ୍ୱ; ଫାୟାର ବଲ୍ ମଗାଇଲା ଓସିଏ**




କଟକ,୪।୧୨(ସମିସ): ଶୁକ୍ରବାର ଅଫଲାଇନ୍‌ରେ ଟିକଟ ବିକ୍ରି ହେବ। ମୋଟ୍ ୧୦ହଜାର ଟିକଟ କାଉଣ୍ଟରକୁ ଆସିବ। ସକାଳ ୯ଟାରେ ବକ୍ସ ଅଫିସ ଖୋଲିବାକୁ ସମୟଧାର୍ଯ୍ୟ ହୋଇଥିବା ବେଳେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକଟ ବିକ୍ରି ଜାରି ରହିବ। ପ୍ରାୟତଃ ଗୋଟିଏ ଦିନରେ କାଉଣ୍ଟର ଟିକଟ ଶେଷ ହୋଇଯାଏ। ନିର୍ଦ୍ଧାରିତ ସଂଖ୍ୟକ ଟିକଟ ବିକ୍ରି ନହୋଇ ପାରିଲେ ଶନିବାର ମଧ୍ୟ ବକ୍ସ ଅଫିସ ଖୋଲାଯିବ। ତେବେ ଗୁରୁବାର ସନ୍ଧ୍ୟାରୁ ଷ୍ଟାଡିୟମ ନିକଟରେ କ୍ରିକେଟପ୍ରେମୀଙ୍କ ଭିଡ ଲାଗିଥିବା ବେଳେ ପୁଲିସ ସେମାନଙ୍କୁ ଘଉଡାଉଥିବା ଦେଖିବାକୁ ମିଳିଛି। ରାଜ୍ୟର କୋଣଅନୁକୋଣରୁ ଟିକଟ ଆଶାୟୀ ଏବେ ବାରବାଟୀ ନିକଟରେ ଡେରା ଜମାଇଛନ୍ତି।

ବାରବାଟୀରେ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲାକୁ ଆଉ ୪ ଦିନ ବାକି। ଚଳିତଥର ଅନଲାଇନ୍‌ରେ ମାତ୍ର ୨ହଜାର ଟିକଟ ବିକ୍ରି ହୋଇଛି। ଏଣୁ ବକ୍ସ ଅଫିସରୁ ଟିକଟ ପାଇବାକୁ ନେଇ ଉତ୍କଣ୍ଠା ବଢ଼ିଛି। ଚଳିତଥର ବ୍ୟାରିକେଡ ବ୍ୟବସ୍ଥାରେ ସୁଧାର ଅଣାଯାଇଛି। ସର୍ପେଣ୍ଟାଇନ୍(ଜିକଜ୍ୟାକ୍) ଶୈଳୀରେ ବ୍ୟାରିକେଡ ବନ୍ଧା ଯାଇଛି। ଶୃଙ୍ଖଳିତ ଢ଼ଙ୍ଗରେ ବକ୍ସ ଅଫିସ ଟିକଟ ବିକ୍ରି କରାଯିବାକୁ ପୁଲିସ ଏବଂ ଓସିଏ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି। କିଛିଦିନ ପୂର୍ବେ ଆଇଆଇଟି ପ୍ରତିନିଧି ଷ୍ଟାଡିୟମ ଅନୁଧ୍ୟାନ କରିଥିଲେ। ଷ୍ଟାଡିୟମରେ ହୋଇଥିବା ନବୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ପ୍ରତିନିଧି ଦଳ ଆଜି ଷ୍ଟ୍ରକଚରାଲ ସେଫ୍ଟି ସାର୍ଟିଫିକେଟ ପ୍ରଦାନ କରିଛି। ଏହି ରିପୋର୍ଟ ରାଜ୍ୟ ସରକାରଙ୍କୁ ମଧ୍ୟ ଦିଆଯାଇଛି। ଅନ୍ୟପକ୍ଷରେ ଅଗ୍ନିନିରାପତ୍ତା ବ୍ୟବସ୍ଥାକୁ ନେଇ ଓସିଏ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁଖ୍ୟ କନସଲଟାଣ୍ଟ ଇଂ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ଆସନ୍ତା ୭ ତାରିଖରେ ବାରବାଟୀରେ ଅଗ୍ନିଶମ ବିଭାଗ ଏବଂ ଓସିଏ ପକ୍ଷରୁ ମିଳିତ ଭାବେ ମକଡ୍ରିଲ କରାଯିବ। ସନ୍ଧ୍ୟା ୮ଟାରୁ ୧୦ଟା ପର୍ଯ୍ୟନ୍ତ ଷ୍ଟାଡିୟମକୁ ଅନ୍ଧାର କରାଯିବ। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ବ୍ୟତୀତ ଓସିଏ ପକ୍ଷରୁ ୧୫୦ ଫାୟାରମ୍ୟାନ୍ ନିଯୁକ୍ତ କରାଯାଇଥିବା ଶ୍ରୀ ମହାପାତ୍ର ଜଣାଇଛନ୍ତି। ରାଜ୍ୟ କ୍ରିକେଟ ସଂଘ ପକ୍ଷରୁ ଫାୟାର ବଲ୍ ଏବଂ ଏରୋସଲ୍ ଅଣାଯାଇଛି। ଅଗ୍ନିକାଣ୍ଡ ଘଟିଲେ ଦୂରରୁ ଫାୟାର ବଲ୍ ଏବଂ ଏରୋସଲ୍ ଫିଙ୍ଗାଯାଇ ନିଆଁକୁ ଆୟତ କରାଯାଇପାରିବ। ଏରୋସଲ୍ ୬୦୦ବର୍ଗଫୁଟ ଅଞ୍ଚଳରେ ନିଆଁକୁ ନିୟନ୍ତ୍ରଣ କରି ପାରିବ ବୋଲି ସେ ଜଣାଇଛନ୍ତି।

**ଟିକଟ୍ ମୂଲ୍ୟ**

| | |
|---|---|
| ଗ୍ୟାଲେରୀ ନଂ-୧ | ୧୧୦୦ଟଙ୍କା |
| ଗ୍ୟାଲେରୀ ନଂ-୨ | ୯୦୦ଟଙ୍କା |
| ଗ୍ୟାଲେରୀ ନଂ-୩ | ୧୧୦୦ଟଙ୍କା |
| ଗ୍ୟାଲେରୀ ନଂ-୪ | ୯୦୦ଟଙ୍କା |
| ଗ୍ୟାଲେରୀ ନଂ-୫ | ୧୨୦୦ଟଙ୍କା |
| ଗ୍ୟାଲେରୀ ନଂ-୭ | ୭୦୦ଟଙ୍କା |
| ସ୍ପେଶିଆଲ ଏନକ୍ଲୋଜର | ୬ ହଜାର ଟଙ୍କା |
| ଏସି ବକ୍ସ | ୮ ହଜାର ଟଙ୍କା |
| ନ୍ୟୁ ପ୍ୟାଭିଲିୟନ | ୧୦ ହଜାର ଟଙ୍କା |
| କର୍ପୋରେଟ ବକ୍ସ | ୨୦ ହଜାର ଟଙ୍କା |



**ମ୍ୟାଚ୍ ଲାଗି ପ୍ରସ୍ତୁତି**










## ଅଷ୍ଟ୍ରେଲିଆରେ ରୁଟ୍‌ଙ୍କ ପ୍ରଥମ ଶତକ



ବ୍ରିସ୍‌ବେନ୍, ୪।୧୨(ଏଜେନ୍ସି): ଅଷ୍ଟ୍ରେଲିଆ ମାଟିରେ ଇଂଲଣ୍ଡର ଷ୍ଟାର ବ୍ୟାଟର ଜୋ ରୁଟ୍ ପ୍ରଥମ ଶତକ ହାସଲ କରିଛନ୍ତି। ଏଥିଲାଗି ତାଙ୍କୁ ୧୬ଟି ମ୍ୟାଚ୍, ୩୦ଟି ଇନିଂସ ଓ ୪ଟି ଟୁର୍‌କୁ ଅପେକ୍ଷା କରିବାକୁ ପଡ଼ିଥିଲା। ଆଜି ଖେଳାଯାଇଥିବା ଆସେସ୍ ସିରିଜ୍‌ର ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ରୁଟ୍ ଅପରାଜିତ ୧୩୫ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୯ ୱିକେଟରେ ୩୨୫ ରନ୍ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୬ଟି ୱିକେଟ ନେଇଛନ୍ତି। ଟେଷ୍ଟ କ୍ୟାରିୟରର ୪୦ତମ ଶତକ ହାସଲ କରିଥିବା ରୁଟ୍ ଏବେ ସର୍ବକାଳୀନ ସର୍ବାଧିକ ଶତକ ହାସଲକାରୀଙ୍କ ମଧ୍ୟରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ସେହିପରି ଜଣେ ବାମହାତୀ ଦ୍ରୁତ ବୋଲର ଭାବେ ଷ୍ଟାର୍କ ୧୦୨ଟି ମ୍ୟାଚ୍‌ରେ ୪୧୫ ଜଣଙ୍କୁ ଆଉଟ କରି ସର୍ବାଧିକ ୱିକେଟ ହାସଲକାରୀ ବିବେଚିତ ହୋଇଛନ୍ତି।

### ରବୀନ୍ଦ୍ର-୧୭୬, ଲାଥମ-୧୪୫

## ନ୍ୟୁଜିଲାଣ୍ଡ କବ୍‌ଜାରେ ଦ୍ୱିତୀୟ ଟେଷ୍ଟ

ଖ୍ରୀଷ୍ଟଚର୍ଚ୍ଚ,୪।୧୨(ଏଜେନ୍ସି): ରାଚିନ ରବୀନ୍ଦ୍ରଙ୍କ ୧୭୬ ଓ ଟମ୍ ଲାଥମଙ୍କ ୧୪୫ ରନ୍ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟ ଘରୋଇ ନ୍ୟୁଜିଲାଣ୍ଡ କବ୍‌ଜାରେ ରହିଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ୬୪ ରନ୍‌ରେ ଆଗୁଆ ରହିଥିବା ନ୍ୟୁଜିଲାଣ୍ଡ ତୃତୀୟ ଦିନ ଖେଳ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୪ ୱିକେଟରେ ୪୧୭ ରନ୍ ସଂଗ୍ରହ କରିନେଇଛି। ରାଚିନ ଓ ଲାଥମଙ୍କୁ ଛାଡ଼ିଦେଲେ ଡେଭନ କନୱେ ୩୭ ରନ୍ କରି ତୃତୀୟ ଟପ୍ ସ୍କୋରର ହୋଇଛନ୍ତି। ଖେଳ ଆଉ ଦୁଇଦିନ ବାକିଥିଲାବେଳେ ନ୍ୟୁଜିଲାଣ୍ଡ ମୋଟରେ ୪୮୧ ରନ୍‌ରେ ଆଗୁଆ ରହି ଏହି ଟେଷ୍ଟକୁ ନିଜ କବ୍‌ଜାରେ ରଖିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଜିତି ଘରୋଇ ଦଳ ୧-୦ରେ ଆଗୁଆ ରହିଛି।

## ଦୃଷ୍ଟିହୀନ କ୍ରିକେଟ: ସୁପର-୮'ରେ ଓଡ଼ିଶା

ଭୁବନେଶ୍ୱର, ୪।୧୨ (ସମିସ): ଓଡ଼ିଶା ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୁପର-୮'ରେ ପ୍ରବେଶ କରିଛି। ଜବଲପୁରଠାରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୬ ୱିକେଟରେ ବିହାରକୁ ପରାସ୍ତ କରି ଗ୍ରୁପ୍-ଡି'ରେ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହା ଫଳରେ ଗ୍ରୁପ୍ ଟପ୍ପର ଭାବେ ଓଡ଼ିଶା ସୁପର-୮'ରେ ପ୍ରବେଶ କରିଛି।

### ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ

## ଓଡ଼ିଶାକୁ ୨୮ ପଦକ; କିଟ୍ ଖାତାରେ ୨୧



ଭୁବନେଶ୍ୱର, ୪।୧୨ (ସମିସ): ରାଜସ୍ଥାନରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦେଶର ମୋଟ୍ ୨୨୨ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ଓଡ଼ିଶାର ବିଶ୍ୱବିଦ୍ୟାଳୟମାନେ ମୋଟ୍ ୨୮ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୧୩ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୦ଟି କାଂସ୍ୟ ପଦକ ରହିଛି। ସେଥିମଧ୍ୟରୁ କିଟ୍ ବିଶ୍ୱବିଦ୍ୟାଳୟ ଏକାକୀ ୨୧ଟି ପଦକ (୧୦ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୮ କାଂସ୍ୟ) ଜିତିଛି। ଉତ୍କଳ ବିଶ୍ୱବିଦ୍ୟାଳୟର ତାରକା ସନ୍ତରଣକାରୀ ପ୍ରତ୍ୟାଶା ରାୟ ୩ଟି ସ୍ୱର୍ଣ୍ଣ ସହ ୫ଟି ପଦକ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାରେ ପଦକ ତାଲିକାରେ କିଟ୍ ୨୨୨ ବିଶ୍ୱବିଦ୍ୟାଳୟ ମଧ୍ୟରେ ୭ମ ସ୍ଥାନରେ ରହିଛି।

ଅନ୍ତିମ ଦିବସରେ ପୁରୁଷ ଟେନିସର ଦଳଗତ ଇଭେଣ୍ଟରେ କିଟ୍ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ଦେବାଶିଷ ସାହୁ ଓ କବୀର ହଂସ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ରହିଥିଲେ। ସେହିଭଳି ମହିଳା ଭଲିବଲ୍‌ରେ କିଟ୍ ଫାଇନାଲରେ ମଣିପାଲ୍ ବିଶ୍ୱବିଦ୍ୟାଳୟ ନିକଟରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ୪ ଗୁଣା ୪୦୦ ମିଟର ରିଲେ ରେସରେ ଅନିମେଶ କୁଜୁର, ଜୟରାମ ଦଣ୍ଡପତି, ସାନ୍ତା ମହେନ୍ଦ୍ର ଓ ଅଭୟ ସିଂଙ୍କୁ ନେଇ ଗଠିତ କିଟ୍ ଦଳ ୪୦.୦୯ ସେକେଣ୍ଡରେ ରେସ୍ ଫିନିଶ କରି ପୋଡିୟମ ଶୀର୍ଷରେ ରହିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହି ସଫଳତା ଲାଗି କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ନ୍ୟାସନାଲ ରାଇଫଲ ସଂଘ ନିର୍ବାଚନ

## କଳିକେଶ ସଭାପତି, ଗୌରୀ ଯୁଗ୍ମ ସମ୍ପାଦକ




ଭୁବନେଶ୍ୱର, ୪।୧୨ (ସମିସ): ଓଡ଼ିଶାର କଳିକେଶ ନାରାୟଣ ସିଂଦେଓ ଏବଂ ଗୌରୀ ମହାନ୍ତି ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ)ର ସଭାପତି ଓ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ଏନ୍‌ଆର୍‌ଏଆଇର ନିର୍ବାଚନ ଅନୁଷ୍ଠିତ ହୋଇଛି। ପୂର୍ବରୁ କଳିକେଶ ସଭାପତି ଭାବେ ଓ ପୱନ ସିଂହ ସାଧାରଣ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲା। ସଂଘର ଅନ୍ୟ ପଦବୀ ଲାଗି ଆଜି ନିର୍ବାଚନ ଅନୁଷ୍ଠିତ ହୋଇଥିଲେ। ଏଥିରେ ବରିଷ୍ଠ ଉପସଭାପତି ଭାରେ ତେଲଙ୍ଗାନାର ଅମିତ ସାଙ୍ଗି, ଉପସଭାପତି ଭାବେ କନୱର ସୁଲତାନ ସିଂହ ଓ ସୁଷମା ସିଂ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଓଡ଼ିଶାର ଗୌରୀ ମହାନ୍ତି ପ୍ରଥମଥର ଜାତୀୟ ସଂଘରେ ନିର୍ବାଚିତ ହୋଇଛନ୍ତି। କଳିକେଶ ୨୦୨୯ ଯାଏ ସଭାପତି ରହିବେ। ଖେଳାଳିଙ୍କ ପ୍ରତିନିଧିଭାବେ କାର୍ଯ୍ୟକାରୀ କମିଟିକୁ ଗଗନ ନାରଙ୍ଗ, କୁନ୍ତି ମଲିକ, ଜୋରାବର ସିଂହ ସାନ୍ଧୁ ଓ ଇଲାଭେନିଲ ଭାଲାରିଭାନ୍।

## ପୁରୁଷ ଜୁନିଅର ହକି ବିଶ୍ୱକପ୍‌ରେ ଆଜି ଭାରତ-ବେଲଜିୟମ କ୍ୱାର୍ଟର ଲଢ଼େଇ

ଚେନ୍ନାଇ,୪।୧୨(ଏଜେନ୍ସି): ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ପୁରୁଷ ଜୁନିଅର ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମୁକାବିଲା ଆସନ୍ତାକାଲି ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ଖେଳାଯିବ। ବେଲ୍‌ଜିୟମ୍ ମ୍ୟାଚ୍ ଜିତିବାକୁ ହେଲେ ଭାରତକୁ ସର୍କଲ ଏଣ୍ଟ୍ରିରେ ପ୍ରବେଶ ପରେ ହେଉ କିମ୍ବା ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବାକୁ ହେବ ବୋଲି ହେଡ୍ କୋଚ୍ ପିଆର୍ ଶ୍ରୀଜେଶ କହିଛନ୍ତି। ବୀରେନ୍ଦ୍ର ଲାକ୍ରା ଏହି ଦଳର କୋଚ୍ ମଧ୍ୟ ଅଛନ୍ତି। ଲିଗ୍ ପର୍ଯ୍ୟାୟରେ ୨୯ଟି ଗୋଲ ଦେଇ ନିଜ ପୁଲ୍‌ରେ ଭାରତ ପ୍ରଥମ ଓ ୨୨ଟି ଗୋଲ ଦେଇ ବେଲଜିୟମ ଦ୍ୱିତୀୟ ସ୍ଥାନରେ ରହିଥିଲା। ଆସନ୍ତାକାଲି ୧୨ଟା ୩୦ରେ ସ୍ପେନ୍-ନ୍ୟୁଜିଲାଣ୍ଡ, ଅପରାହ୍ଣ ୩ଟାରେ ଫ୍ରାନ୍ସ-ଜର୍ମାନୀ, ସନ୍ଧ୍ୟା ୫ଟା ୩୦ରେ ନେଦରଲାଣ୍ଡସ-ଆର୍ଜେଣ୍ଟିନା ଓ ରାତି ୮ଟାରେ ଭାରତ ଓ ବେଲଜିୟମ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ।

### ସୟଦ ମୁସ୍ତାକ ଅଲି ଟି-୨୦

## ୧ ରନ୍‌ରେ ରେଳବାଇକୁ ହରାଇଲା ଓଡ଼ିଶା

**ସୌମ୍ୟଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ**



ଲକ୍ଷ୍ନୌ, ୪।୧୨ (ଏଜେନ୍ସି): ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଏକ ରୋମାଞ୍ଚକ ମ୍ୟାଚରେ ଗୁରୁବାର ଓଡ଼ିଶା ୧ ରନରେ ଶକ୍ତିଶାଳୀ ରେଳବାଇକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ସୌମ୍ୟରଞ୍ଜନ ଲେଙ୍କା (ଅପରାଜିତ ୭୫ ରନ ଓ ୩ଟି ୱିକେଟ୍) ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଦଳକୁ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ବିଜୟ ଭେଟି ଦେଇଥିଲେ। ଫଳରେ ଓଡ଼ିଶା ୫ ମ୍ୟାଚରୁ ୮ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍-ଏ'ର ୭ମ ସ୍ଥାନକୁ ଉଠିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୩୮ ରନ ମଧ୍ୟରେ ୪ଟି ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଦୁଇ ଓପନର୍ ଆଦିତ୍ୟ ରାଉତ (୨୧ ରନ), ଗୌରବ ଚୌଧୁରୀ (୫), ଶୁଭ୍ରାଂଶୁ ସେନାପତି (୧) ଓ ଅଧିନାୟକ ବିପ୍ଳବ ସାମନ୍ତରାୟ (୧) ଶସ୍ତାରେ ଆଉଟ୍ ହୋଇଥିଲେ। ତେବେ ୱିକେଟ୍‌କିପର ଆଶୀର୍ବାଦ ସ୍ୱାଇଁଙ୍କ ସହ ଯୁବ ଅଲ୍‌ରାଉଣ୍ଡର ସୌମ୍ୟ ଏହାପରେ ସ୍ଥିତି ସମ୍ଭାଳିଥିଲେ। ଉଭୟ ୫ମ ୱିକେଟ୍‌ରେ ୧୨ ଓଭରରେ ୧୦୫ ରନର ଭାଗୀଦାରି ଗଢ଼ିଥିଲେ। ଫଳରେ ଓଡ଼ିଶା ୫ ୱିକେଟ୍‌ରେ ୧୬୯ ରନର ଏକ ସମ୍ମାନଜନକ ସ୍କୋର କରିବାରେ ସମର୍ଥ ହୋଇଥିଲା। ସୌମ୍ୟ ୪୦ଟି ବଲ୍‌ରେ ୭୫ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଯେଉଁଥିରେ ସେ ୩ଟି ଚୌକା ଓ ୬ଟି ଛକା ମାରିଥିଲେ। ଆଶୀର୍ବାଦ ୪୭ ବଲରେ ୪୮ ରନ କରି ଆଉଟ୍ ହୋଇଥିଲେ। ଜବାବରେ ରେଳବାଇ ଅକ୍ଷତ ପାଣ୍ଡେ (୩୪ ବଲରେ ୬୦ ରନ)ଙ୍କ ଦ୍ରୁତ ଅର୍ଦ୍ଧଶତକ ସତ୍ତ୍ୱେ ଇନିଂସର ଶେଷ ବଲରେ ୧୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଶେଷ ଓଭରରେ ବିଜୟ ଲାଗି ୧୭ ରନ ଆବଶ୍ୟକ ହେଉଥିଲା। ସୌମ୍ୟ ଏହି ଓଭରଟି ପକାଇ ୧୫ ରନ ଦେଇଥିଲେ। ଏପରିକି ଶେଷ ବଲରେ ୪ ରନ ଆବଶ୍ୟକ ହେଉଥିବାବେଳେ ୩ୟ ରନ ପ୍ରୟାସରେ ରାଜ ଚୌଧୁରୀ ରନ ଆଉଟ୍ ହୋଇଯାଇଥିଲେ। ସୌମ୍ୟ ସର୍ବାଧିକ ୩ଟି ଏବଂ ରାଜେଶ ମହାନ୍ତି ଓ ପ୍ରୟାସ ସିଂଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା।

### ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ

## ସେମିରେ ତନ୍‌ଭୀ, ସ୍ୱାତୀ-ନିମିଶା







ଭୁବନେଶ୍ୱର, ୪।୧୨ (ସମିସ): ଓଡ଼ିଶାର ଦମ୍‌ଦାର ଖେଳାଳି ତନ୍‌ଭୀ ପତ୍ରୀ, ସ୍ୱାତୀ ନାୟକ ଓ ନିମିଶା ଓଝାଙ୍କ ଯୋଡି କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ୩୭ତମ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତନ୍‌ଭୀ ଉଭୟ ବିଭାଗର ଏକକ ଏବଂ ସ୍ୱାତୀ- ନିମିଶାଙ୍କ ଯୋଡି ୧୫ ବର୍ଷରୁ କମ୍ ବାଳିକା ବିଭାଗର ଯୁଗଳ କାଟାଗୋରୀର ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଆସନ୍ତାକାଲି ହେବାକୁ ଥିବା ସେମିରେ ୧୪ତମ ତନ୍‌ଭୀଙ୍କ ସହ ଦ୍ୱିତୀୟ ସିଡ୍ ତେଲଙ୍ଗାନାର ହାମସିନୀ ଚାଦରମଙ୍କର ଏବଂ ୧୭ ବର୍ଷରୁ କମ୍ ବିଭାଗରେ ୧୫ତମ ସିଡ୍ ଆନ୍ଧ୍ରପ୍ରଦେଶର ହାସନା ଶ୍ରୀ'ଙ୍କ ସହ ମୁକାବିଲା ହେବ। ସେହିପରି ସ୍ୱାତୀ-ନିମିଶାଙ୍କ ସହ ତାମିଲନାଡୁର ନୟନିକା ଏ ଏବଂ ଧନ୍ୟା ଏସ୍‌ଜେଙ୍କ ଯୋଡି ସହ ମୁକାବିଲା ହେବ।

ଓଡ଼ିଶାର ତାରକା ଖେଳାଳି ତନ୍‌ଭୀ ଆଜି ପ୍ରଥମେ ୧୫ ବର୍ଷରୁ କମ୍ କ୍ୱାର୍ଟର ଫାଇନାଲ ଖେଳିଥିଲେ। ଏଥିରେ ସେ ୨୧-୧୪, ୨୧-୧୪ରେ ଉତ୍ତରପ୍ରଦେଶର ଅଗ୍ରୀମା ସିଂଙ୍କୁ ପରାସ୍ତ କରି ସେମିକୁ ଉନ୍ନିତ ହୋଇଥିଲେ। ସେମିରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ତେଲଙ୍ଗାନାର ଅବନୀ ବିକ୍ରମ ଗୋବିନ୍ଦ, ହାମସିନୀ ଚନ୍ଦରମ ଓ ପଞ୍ଜାବର ଇନାୟତ ଗୁଲାଟି। ସେହିପରି ୧୭ ବର୍ଷରୁ କମ୍ ବାଳିକା ଏକକ କ୍ୱାର୍ଟର ଫାଇନାଲରେ ତନ୍‌ଭୀ ୨୧-୧୫, ୨୧-୧୨ରେ କେରଳର ହିଥା ମାରିଆ ଜୋଶ୍‌ଙ୍କୁ ହରାଇ ଦ୍ୱିତୀୟ ଇଭେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏହି ବିଭାଗରେ ତାମିଲନାଡୁର ଦୀକ୍ଷା ଏସ୍‌ଆର୍, ଦିଲ୍ଲୀର ରଷିକା ନନ୍ଦୀ ମଧ୍ୟ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି।

୧୫ ବର୍ଷରୁ କମ୍ ବାଳିକା ବିଭାଗ ଯୁଗଳ କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇଛନ୍ତି ଓଡ଼ିଶାର ଯୋଡି ସ୍ୱାତୀ ନାୟକ ଓ ନିମିଶା ଓଝା। କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ଯୋଡି ଶ୍ରେୟା କାନ୍ଦିବିଲା ଓ ଶ୍ରୀ ନାଗଲକ୍ଷ୍ମୀଙ୍କ ଯୋଡିଙ୍କୁ ୨୨-୨୦, ୧୪-୨୧ ଓ ୨୧-୧୧ରେ ପରାସ୍ତ କରି ସ୍ୱାତୀ- ନିମିଶା ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୧୫ ବର୍ଷରୁ କମ୍ ବାଳକ ଏକକରେ ତେଲଙ୍ଗାନାର ଶ୍ରୀଚୈତନ୍ୟ ସୌର୍ଯ୍ୟ, କର୍ଣ୍ଣାଟକର ପୁଷ୍କର ସାଇ, ଦିଲ୍ଲୀର ହର୍ଷିତ କ୍ଷତ୍ରୀ ଓ ରାଜସ୍ଥାନର ଅଂଶୁମାନ ଚୌଧୁରୀ ଏବଂ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଟପ୍ ସିଡ୍ ପଞ୍ଜାବର ଜଗସେର ସିଂହ ଖାଙ୍ଗରା, ଆସାମର ବର୍ଣ୍ଣିଲ ଆକାଶ ଚେଙ୍ଗମାଇ, ପଞ୍ଜାବର ବିରାଜ ଶର୍ମା, ମହାରାଷ୍ଟ୍ରର ଦେବ ରୂପରେଲିଆ ସେମିରେ ପ୍ରବେଶ କରିଛନ୍ତି।

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS